ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ନଭେମ୍ବର ୧୩/୨୦୨୧ (୮+୮=୧୬ ପୃଷ୍ଠା) | Balasore, Saturday, November 13/2021 | ★★★★
୪୭ଶ ଭାଗ ୩୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ରାହାନେ ଅଧିନାୟକ ମନୋନୀତ**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ପାଇଁ ଅଜିଙ୍କ୍ୟ ରାହାନେ ଭାରତୀୟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି।

୦୮

୦୭

**‘ଆର୍ଯ୍ୟା ୨’ ଖୁବ୍‌ଶୀଘ୍ର**

ସୁସ୍ମିତା ସେନ୍‌ଙ୍କ ଅଭିନୀତ ସୁପରହିଟ୍ ୱେବ୍ ସିରିଜ୍ ‘ଆର୍ଯ୍ୟା’ର ସିଜନ ୨ ଖୁବ୍‌ଶୀଘ୍ର ଆସୁଛି। ଏଥିରେ ସେ ଭୟଙ୍କର ଦେଖାଯାଉଥିବା ସୋସିଆଲ୍ ମିଡିଆରେ କହିଛନ୍ତି।



# ଆପରାଧିକ ମାମଲା ରୁଜୁ ନିର୍ଦ୍ଦେଶ

## ସୁକତେଲ ସେତୁ ଭୁଶୁଡ଼ିବା ଘଟଣା

### ୪ ଯନ୍ତ୍ରୀ, ନିର୍ମାଣ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ: ଲୋକାୟୁକ୍ତ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ବିଜୁ ସେତୁ ଯୋଜନାରେ ବଲାଙ୍ଗୀର ଜିଲା ସୁକତେଲ ନଦୀ ଉପରେ ନିର୍ମାଣାଧୀନ ପୋଲର ୪ ନମ୍ବର ସ୍ଥାନ ଭୁଶୁଡ଼ି ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ଆହତ ହୋଇଥିଲେ। ଏହି ମାମଲାର ଶୁଣାଣି କରି ଲୋକାୟୁକ୍ତ ପୋଲ ନିର୍ମାଣ ତଦାରଖ ଦାୟିତ୍ୱରେ ଥିବା ୩ ଜଣ ଯନ୍ତ୍ରୀ, ଜଣେ ଆକାଉଣ୍ଟସ ଅଫିସର ଏବଂ ପୋଲ ନିର୍ମାଣକାରୀ ସଂସ୍ଥା ରାମ କୁମାର ଅଗ୍ରୱାଲ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡର ଏମ୍‌ଡି ଏବଂ ପ୍ରୋଜେକ୍ଟ ମ୍ୟାନେଜରଙ୍କ ବିରୋଧରେ ଏକ ସ୍ୱତନ୍ତ୍ର କୋର୍ଟରେ ଆପରାଧିକ ମାମଲା କରିବାକୁ ଲୋକାୟୁକ୍ତ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ବିଜୁ ସେତୁ ଯୋଜନାରେ ୨୦୧୩-୧୪ରେ ବଲାଙ୍ଗୀର ଜିଲା ତାମିଆ-ମୁଦଲସର ରାସ୍ତା ପାଇଁ ସୁକତେଲ ନଦୀ ଉପରେ ଏକ ପୋଲ ନିର୍ମାଣ କରିବାକୁ ଅନୁମୋଦନ କରିଥିଲେ। ଏହି ସେତୁ ନିର୍ମାଣ କାର୍ଯ୍ୟ ଇ-ଟେଣ୍ଡର ଜରିଆରେ ରାମ କୁମାର ଅଗ୍ରୱାଲ



ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡକୁ ଦିଆଯାଇଥିଲା। ସେତୁ ନିର୍ମାଣ ପାଇଁ ଉକ୍ତ ସଂସ୍ଥା ଏବଂ ପାଟଣାଗଡ଼ ଆର୍‌ଡବ୍ଲ୍ୟୁ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କ ମଧ୍ୟରେ ୬,୯୯,୯୭,୨୭୮ ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ପୋଲ ନିର୍ମାଣ କାମ ୨୦୧୫ ସେପ୍ଟେମ୍ବର ୮ ତାରିଖରେ ଶେଷ ହୋଇଥିଲା। ତେବେ ୨୦୨୦ ଫେବୃୟାରୀରେ ପୋଲର ୪ ନମ୍ବର ସ୍ଥାନରେ ଫାଟ ଥିବା ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅନ୍ତୁନି କିଷାନ ତୁରନ୍ତ ଗ୍ରାମ୍ୟ ନିର୍ମାଣ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଜଣାଇଥିଲେ। ସମ୍ପୃକ୍ତ ନିର୍ମାଣକାରୀ ଏଜେନ୍ସି ଦ୍ୱାରା ମରାମତି କରିବାକୁ ସର୍ବୋଚ୍ଚ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ୨୦୨୦ ଏପ୍ରିଲ ୩୦ରେ ଏହାର ମରାମତି କାର୍ଯ୍ୟ କରାଯାଉଥିବାବେଳେ ଫାଟିଥିବା ସ୍ଥାନ ଗଳି ପଡ଼ିବାରୁ ୨ ଜଣ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଥିଲେ। ଏହାକୁ ନେଇ ସେ ସମୟରେ ଗଣମାଧ୍ୟମରେ ଖବର ପ୍ରସାରଣ କରାଯାଇଥିଲା। ଏଭଳି ସମ୍ବେଦନଶୀଳ ଘଟଣାକୁ ଲୋକାୟୁକ୍ତ ନିଜ ଆଡୁ ମାମଲା ରୁଜୁ କରି ବଲାଙ୍ଗୀର ଆର୍‌ଡବ୍ଲ୍ୟୁ ଡିଭିଜନର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଏବଂ ନିର୍ମାଣକାରୀ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଘଟଣା ଜଣାପଡ଼ିବା ପରେ ଲୋକାୟୁକ୍ତ ଏହାର ତଦନ୍ତ କରିବାକୁ ୧୨।୮।୨୦୨୦ରେ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ମାମଲାର ତଦନ୍ତ କରି ଲୋକାୟୁକ୍ତଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରିବା ସହ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ବିଭୁଦେନ୍ଦ୍ର ମେହେର, ଅନ୍ତୁନି କିଶାନ ଏବଂ ସୁଧାଂଶୁ ଶେଖର ମହାପାତ୍ର, ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ତପନ କୁମାର ବେହେରା, ଜୁନିୟର ଇଞ୍ଜିନିୟର ☞ପୃଷ୍ଠା-୪

## ପିଜି ସ୍ୱଟ୍ ନାମଲେଖା ଗାଇଡ୍‌ଲାଇନ୍ସ ଜାରି

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

ରାଜ୍ୟରେ ପିଜି ସ୍ୱଟ୍ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ଗାଇଡ୍‌ଲାଇନ୍ସ ଜାରି କରାଯାଇଛି। ୧୭ ତାରିଖରୁ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଉକ୍ତ ଦିନ ପୂର୍ବାହ୍ନ ୧୧ଟାରେ ସିଏଏଫ୍ ସାମସ୍ ୱେବସାଇଟ୍‌ରେ ଏହା ଉପଲବ୍ଧ ହେବ। ୨୧ ତାରିଖ ରାତି ୧୧ଟା ୪୫ ସୁଦ୍ଧା ଛାତ୍ରୀଛାତ୍ରମାନେ ଲଗ୍‌ଇନ୍ କରିପାରିବେ। ୧୭ରୁ ୨୩ ତାରିଖ ମଧ୍ୟରେ ସିଏଏଫ୍ ସହିତ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡ଼ିବ। ଏହା ମଧ୍ୟରେ ପଡୁଥିବା ରବିବାରକୁ ବାଦ୍ ଦେଇ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ୫ଟା ମଧ୍ୟରେ ଆଶାୟୀମାନେ ଡକ୍ୟୁମେଣ୍ଟ ଦାଖଲ କରିପାରିବେ। ୨୪ ତାରିଖ ସନ୍ଧ୍ୟା ୫ଟାରେ ମନୋନୀତ ଛାତ୍ରୀଛାତ୍ରଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୨୫ ତାରିଖ ସକାଳ ୧୧ଟାରୁ ୨୬ ତାରିଖ ସନ୍ଧ୍ୟା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିକଳ୍ପ ଯୋଜନା

# କଳାହାଣ୍ଡି ଏସ୍‌ପିଙ୍କୁ ଏନ୍‌ସିପିସିଆର୍‌ର ରିପୋର୍ଟ ତଲବ

## ସନ୍‌ସାଇନ ପବ୍ଲିକ୍ ସ୍କୁଲରେ ଛାତ୍ରୀଙ୍କୁ ଯୌନ ଶୋଷଣ

**ନୂଆଦିଲ୍ଲୀ, ୧୨।୧୧**

କଳାହାଣ୍ଡିର ସନ୍‌ସାଇନ ପବ୍ଲିକ୍ ସ୍କୁଲ୍‌ର ନାବାଳିକା ଛାତ୍ରୀମାନଙ୍କୁ ଯୌନ ଶୋଷଣ କରାଯିବା ଅଭିଯୋଗର ତୁରନ୍ତ ତଦନ୍ତ କରି ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ଲାଗି ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) କଳାହାଣ୍ଡି ଏସ୍‌ପିଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏତଲା କପି ସାଙ୍ଗକୁ ସିଆର୍‌ପିସିର ଧାରା ୧୬୪ରେ ରେକର୍ଡ କରାଯାଇଥିବା ବୟାନ ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ, ସ୍କୁଲ୍‌ରେ ପଢୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ସେମାନଙ୍କ ବୟସ ସମ୍ପର୍କରେ ଜଣାଇବା ଲାଗି ଏସ୍‌ପିଙ୍କୁ କୁହାଯାଇଛି। ପୋକ୍ସୋ ଆଇନ ବଳରେ ମାମଲା ରୁଜୁ ହୋଇଛି କି ନାହିଁ ତାହା ଜାଣିବାକୁ କମିଶନ ଚାହିଁଛନ୍ତି।

ଅଭିଯୋଗ ଅନୁଯାୟୀ ସନ୍‌ସାଇନ ପବ୍ଲିକ୍ ସ୍କୁଲ୍‌ର ପରିଚାଳନା କମିଟି ଅଧ୍ୟକ୍ଷ ଥିବା ଗୋବିନ୍ଦ ସାହୁ ନାବାଳିକା ଛାତ୍ରୀମାନଙ୍କୁ ଯୌନ ଶୋଷଣ କରୁଥିଲେ। ସ୍କୁଲ୍‌ର ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ ସାହୁଙ୍କ ଦ୍ୱାରା ଏଭଳି ଯୌନ କାର୍ଯ୍ୟ ଚାଲିଥିଲା। ପରୀକ୍ଷାରେ ଭଲ ନମ୍ବର ଦେବାର ପ୍ରଲୋଭନ ଦେଖାଇ ସେ ଛାତ୍ରୀମାନଙ୍କୁ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉକ୍ତ ସ୍କୁଲ୍‌କୁ ବାରମ୍ବାର ଗସ୍ତ କରୁଥିଲେ। ଛାତ୍ରୀଙ୍କ ସମେତ ଛାତ୍ରମାନେ ମଧ୍ୟ ଯୌନ ଶୋଷଣର ଶିକାର ହେଉଥିଲେ ବୋଲି କମିଶନ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ସ୍କୁଲ୍ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଅଭିଯୋଗରେ ଗୋବିନ୍ଦ ସାହୁଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ସହ ସମ୍ପର୍କ ରଖିଥିବା ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିରୋଧୀ ଦଳଗୁଡ଼ିକ ଆନ୍ଦୋଳନ ଚଳାଇଛନ୍ତି। ଓଡ଼ିଶା ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଏକ ସ୍ମାରକପତ୍ର ଦିଆଯାଇ ମମିତା ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ପାଇଁ ଦାବି କରାଯାଇଛି।




**ଆଇଆଇଟି ବମ୍ବେ ଟିମ୍‌କୁ ୨୫୦,୦୦୦ ଡଲାର ଅନୁଦାନ**

ବମ୍ବେ ଆଇଆଇଟିର ଏକ ଟିମ୍ ଅଙ୍ଗାରକାମ୍ଳ ଉର୍ଜନ ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପରିବେଶ ସୁରକ୍ଷା ଲାଗି ଗବେଷଣାକୁ ଆଗକୁ ବଢ଼ାଇବା ପାଇଁ ଏହି ଟିମ୍‌କୁ ଗ୍ଲାସ୍‌ଗୋ କପ୍‌୨୬ର ସଷ୍ଟେନେବଲ ଇନୋଭେଶନ ଫୋରମ୍ ପକ୍ଷରୁ ୨୫୦,୦୦୦ ଡଲାର ଅନୁଦାନ ଦିଆଯାଇଥିବା ଜଣାପଡ଼ିଛି। ଉକ୍ତ ଟିମ୍‌ରେ ୪ ଛାତ୍ରଛାତ୍ର ଓ ୨ ଜଣ ଶିକ୍ଷକ ଅଛନ୍ତି। ଏଭଳି ପୁରସ୍କାର ହାସଲ କରିବାରେ ବମ୍ବେ ଆଇଆଇଟି ଟିମ୍ ହେଉଛି ପ୍ରଥମ ଭାରତୀୟ ଦଳ।



## ସଂକ୍ଷେପରେ

### ୧୧ ମହିଳା ସେନା ଅଧିକାରୀଙ୍କୁ ମିଳିବ ସ୍ଥାୟୀ କମିଶନ

**ନୂଆଦିଲ୍ଲୀ, ୧୨।୧୧:** ସୁପ୍ରିମକୋର୍ଟଙ୍କ ତାଗିଦ ପରେ ୧୦ ଦିନ ମଧ୍ୟରେ ୧୧ ଜଣ ଯୋଗ୍ୟ ମହିଳା ସେନା ଅଧିକାରୀଙ୍କୁ ସ୍ଥାୟୀ କମିଶନ (ପିସି) ଦେବା ପାଇଁ ଶୁକ୍ରବାର ସୈନ୍ୟବାହିନୀ ରାଜି ହୋଇଛି। ସୁପ୍ରିମକୋର୍ଟକୁ ନ ଯାଇ ଆବଶ୍ୟକ ମାନଦଣ୍ଡ ପୂରଣ କରୁଥିବା ମହିଳା ଅଧିକାରୀମାନେ ମଧ୍ୟ ଏଥିରେ ଉପକୃତ ହେବେ। ୧୦ ଦିନ ମଧ୍ୟରେ ୧୧ ମହିଳା ଅଫିସରଙ୍କୁ ପିସି ମଞ୍ଜୁର କରିବା ଲାଗି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପନ୍ନାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଯୋଗ୍ୟ ମହିଳା ଅଫିସରମାନଙ୍କୁ ୩ ସପ୍ତାହ ମଧ୍ୟରେ ପିସି ପ୍ରଦାନ କରାଯିବ ବୋଲି ଅତିରିକ୍ତ ସଲିସିଟର ଜେନେରାଲ କହିଛନ୍ତି।

### ମସ୍‌ଜିଦରେ ବିସ୍ଫୋରଣ: ୩ ମୃତ, ୧୫ ଆହତ

**ଜଲାଲାବାଦ, ୧୨।୧୧:** ଆଫଗାନିସ୍ତାନର ନଙ୍ଗରହାର ପ୍ରଦେଶରେ ଥିବା ଏକ ମସ୍‌ଜିଦରେ ଶୁକ୍ରବାର ବିସ୍ଫୋରଣ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ସକ୍ରିୟ ଥିବା ସ୍ପିନ୍ ଘର ଜିଲାରେ ନମାଜ ପାଠ ସମୟରେ ଏହି ବିସ୍ଫୋରଣ ହୋଇଛି। ଆଫଗାନିସ୍ତାନରେ ତାଲିବାନ କ୍ଷମତାକୁ ଫେରିବା ଦିନଠାରୁ ଆଇଏସ୍ ଗ୍ରୁପ୍‌ର ଆଫଗାନ ଶାଖା ଅନେକ ରକ୍ତାକ୍ତ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଆସୁଛି। କିଛିଦିନ ପୂର୍ବରୁ କାବୁଲ ଜାତୀୟ ସେନା ହସ୍ପିଟାଲରେ ଆଇଏସ୍ ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ୧୯ ଜଣଙ୍କ ମୃତ୍ୟୁ ହେବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଚଳିତ ବର୍ଷ ହାଜାରା ସଂଖ୍ୟାଲଘୁ ସମ୍ପ୍ରଦାୟର ଦୁଇଟି ମସ୍‌ଜିଦରେ ଆଇଏସ୍ ଆକ୍ରମଣରେ ୧୨୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ।

### ବଳାତ୍କାର ମାମଲାରେ ଗାୟତ୍ରୀ ପ୍ରଜାପତିଙ୍କୁ ଆଜୀବନ ଜେଲ



**ନୂଆଦିଲ୍ଲୀ, ୧୨।୧୧:** ଏକ ଗଣବଳାତ୍କାର ମାମଲାରେ ଉତ୍ତରପ୍ରଦେଶର ପୂର୍ବତନ ମନ୍ତ୍ରୀ ଗାୟତ୍ରୀ ପ୍ରଜାପତି ଓ ଅନ୍ୟ ୨ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦିଆଯାଇଛି। ପୂର୍ବତନ ମନ୍ତ୍ରୀ ଓ ତାଙ୍କ ସହଯୋଗୀମାନେ ଗଣବଳାତ୍କାରରେ ସମ୍ପୃକ୍ତ ଥିବା ନେଇ ଚିତ୍ରକୂଟର ଜଣେ ମହିଳା ଦାଏର କରିଥିବା ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ଲକ୍ଷ୍ନୌର ସ୍ୱତନ୍ତ୍ର ଅଦାଲତର ବିଚାରପତି ପି.କେ. ରାୟ ବୁଧବାର ମାମଲାର ଶୁଣାଣି କରି ପ୍ରଜାପତି ଓ ଅନ୍ୟ ଦୁଇଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ମହିଳାଙ୍କ ଅଭିଯୋଗ ଅନୁଯାୟୀ ପ୍ରଜାପତି ଓ ତାଙ୍କ ସହଯୋଗୀ ୨୦୧୪ ଅକ୍ଟୋବରରୁ ତାଙ୍କୁ ବଳାତ୍କାର କରିଆସୁଥିଲେ। ୨୦୧୬ ଜୁଲାଇରେ ସେମାନେ ମହିଳାଙ୍କ ନାବାଳିକା ଝିଅକୁ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିବାରୁ ୨୦୧୭ ଫେବୃୟାରୀରେ ଗୌତମପାଲ୍ଲୀ ଥାନାରେ ଏତଲା ଦାଏର ପରେ ମାର୍ଚ୍ଚରେ ପ୍ରଜାପତିଙ୍କୁ ଗିରଫ କରାଯାଇଥିଲା।

### ଛାଡ଼ପତ୍ର ପାଇଁ ଦମ୍ପତି ରାଜି ଥିଲେ ୬ ମାସ ଅଲଗା ରହିବା ଆବଶ୍ୟକ ନାହିଁ: ହାଇକୋର୍ଟ

**ଜୟପୁର, ୧୨।୧୧(ଆଇଏଏନ୍ଏସ୍):** ସ୍ୱାମୀ ଓ ସ୍ତ୍ରୀ ଆପୋସ ସହମତିରେ ଛାଡ଼ପତ୍ର ଚାହୁଁଥିଲେ, ୬ ମାସ ଅଲଗା ରହିବା ସମୟ ବୈଧ ହେବନାହିଁ ବୋଲି ରାଜସ୍ଥାନ ହାଇକୋର୍ଟ ରାୟ ଦେଇଛନ୍ତି। ପ୍ରତାପଗଡ଼ର ଏକ ଦମ୍ପତି ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ଉଦୟପୁର ପରିବାର ଅଦାଲତ ସେମାନଙ୍କ ତୁରନ୍ତ ଛାଡ଼ପତ୍ର ଆବେଦନକୁ ଖାରଜ କରିଦେବା ସହ ୬ ମାସ ଅଲଗା ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦମ୍ପତି ଆପୋସରେ ଅଲଗା ହେବାକୁ ଚାହୁଁଥିବାରୁ ସେମାନଙ୍କୁ ଅଲଗା ରହିବା ପାଇଁ ୬ ମାସ ସମୟସୀମା ଧାର୍ଯ୍ୟ କରିବା ଠିକ୍ ନୁହେଁ ବୋଲି ହାଇକୋର୍ଟ କହିଥିଲେ। ଆବେଦନକାରୀ ଧରିୟାବାଦ ଅଞ୍ଚଳର ମୋନିକା ଶର୍ମା ତାଙ୍କ ଆବେଦନରେ ଦର୍ଶାଇଥିଲେ ସେ ୨୦୧୯ରୁ ସ୍ୱାମୀ ରାହୁଲ ଶର୍ମାଙ୍କଠାରୁ ଅଲଗା ରହୁଛନ୍ତି। ତେଣୁ ସେମାନେ ତୁରନ୍ତ ଛାଡ଼ପତ୍ର ଚାହାନ୍ତି ବୋଲି ପରିବାର ଅଦାଲତରେ ଆବେଦନ କରିଥିଲେ।

# ଜେଲରେ ବାହାହେବେ ଆସେଞ୍ଜ



ଏକ ଦଶନ୍ଧି ତଳେ ହଜାର ହଜାର ଦସ୍ତାବିଜ ପ୍ରଘଟ କରି ଚର୍ଚ୍ଚାକୁ ଆସିଥିବା ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ୍ ଆସେଞ୍ଜ ଜେଲରେ ତାଙ୍କ ପ୍ରେମିକା ଷ୍ଟେଲା ମୋରିସ୍‌ଙ୍କୁ ବାହା ହେବାକୁ ଯାଉଛନ୍ତି। ଏନେଇ ବ୍ରିଟେନ କର୍ତ୍ତୃପକ୍ଷ ଅନୁମତି ଦେଇଛନ୍ତି। ୧୭ଟି ଗୁପ୍ତଚରଗିରି ମାମଲାରେ ଗତ ଜାନୁୟାରୀରେ ଆମେରିକା ପକ୍ଷରୁ ଆସେଞ୍ଜଙ୍କୁ ପ୍ରତ୍ୟର୍ପଣ କରିନେବା ପାଇଁ ଅନୁରୋଧ କରାଯାଇଥିବାବେଳେ ଜଣେ ବିଚାରପତି ଅନୁମତି ଦେଇ ନ ଥିଲେ। ଆମେରିକା ସରକାରଙ୍କ ଅପିଲ ନେଇ ଏକ ହାଇୟର କୋର୍ଟରେ ବିଚାର ଚାଲିଥିବାରୁ ୨୦୧୯ରୁ ଆସେଞ୍ଜଙ୍କୁ ଲଣ୍ଡନର ହାଇ-ସିକ୍ୟୁରିଟି ବେଲ୍‌ମର୍ଶ ଜେଲରେ ରଖାଯାଇଛି। ଏକ ଯୌନ ଅପରାଧ ମାମଲାରେ ସୁଇଡେନକୁ ପ୍ରତ୍ୟର୍ପଣ ଏଡ଼ାଇବା ପାଇଁ ଲଣ୍ଡନସ୍ଥିତ ଇକ୍ୱେଡର ଦୂତାବାସରେ ଆସେଞ୍ଜଙ୍କ ୭ ବର୍ଷ ରହଣି କାଳରେ ଏହି ଯୋଡ଼ିଙ୍କ ସମ୍ବନ୍ଧ ଆରମ୍ଭ ହୋଇଥିଲା। ଆସେଞ୍ଜ ଓ ଦକ୍ଷିଣ ଆଫ୍ରିକାରେ ଜନ୍ମିତ ଆଇନଜୀବୀ ଷ୍ଟେଲା ମୋରିସ୍‌ଙ୍କର ବଡ଼ପୁଅ ଗାବ୍ରିଏଲ୍‌ଙ୍କୁ ବୟସ ୪ ବର୍ଷ ହେଉଥିବାବେଳେ ସାନ ମାକ୍ସଙ୍କୁ ମାତ୍ର ୨ ବର୍ଷ ହେଉଛି।

# କାର୍ଯ୍ୟ ସମୟ ବାହାରେ ଡାକିପାରିବେନି ବସ୍



ମହାମାରୀ ଯୋଗୁ କାର୍ଯ୍ୟ ସମୟ ବଦଳିଯାଇଛି। ପାଖାପାଖି ୨ ବର୍ଷ ହେଲା ବିଭିନ୍ନ ଦେଶରେ କର୍ମଚାରୀମାନେ ଘରେ ରହି ଅଫିସ ବା ପ୍ରତିଷ୍ଠାନ ପାଇଁ ଅବିଶ୍ରାନ୍ତ କାର୍ଯ୍ୟ କରୁଛନ୍ତି। ସାରା ଦିନ ଘରେ ରହି ସେମାନେ କାର୍ଯ୍ୟରେ ଲାଗି ରହୁଥିବାବେଳେ ଆର୍ଥିକ ସ୍ଥିତି ସୁଧାରିବା ପାଇଁ ଅତିରିକ୍ତ ସମୟ ମଧ୍ୟ କାମ କରୁଛନ୍ତି। ଫଳରେ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପଡ଼ୁଛି। କାର୍ଯ୍ୟଚାପ କମାଇବା ପାଇଁ ବିଭିନ୍ନ ଦେଶ ଚିନ୍ତା କରୁଥିବାବେଳେ ପର୍ତ୍ତୁଗାଲ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି। କାର୍ଯ୍ୟ ସମୟ ବାହାରେ କର୍ମଚାରୀଙ୍କ ସହ ପରିଚାଳକ କିମ୍ବା ବସ୍ ଯୋଗାଯୋଗ କରିବା ବେଆଇନ। ଯଦି ସର୍ବୋଚ୍ଚ ଅଧିକାରୀ କାର୍ଯ୍ୟ ସମୟ ବାହାରେ କର୍ମଚାରୀଙ୍କୁ ଡାକନ୍ତି ସେମାନଙ୍କୁ ଏଥିପାଇଁ ଦାୟୀ କରାଯିବ। ଏଥିସହିତ ଗୃହ ପରିବେଶରେ ଅଧିକ କାର୍ଯ୍ୟ ପାଇଁ ବସ୍‌ଙ୍କୁ ଅଧିକ ଖର୍ଚ୍ଚ ହେଉଥିବା ଗ୍ୟାସ୍ ଓ ବିଦ୍ୟୁତ୍ ଦେୟ ପୈଠ କରିବାକୁ ହେବ। ପର୍ତ୍ତୁଗାଲକୁ ଅନ୍ୟତମ ସର୍ବଶ୍ରେଷ୍ଠ କାର୍ଯ୍ୟସ୍ଥଳରେ ପରିଣତ କରିବା ପାଇଁ ଏହା ଏକ ପ୍ରଭାବଶାଳୀ ପଦକ୍ଷେପ ହୋଇପାରିବ ବୋଲି ସେଠାର ଶ୍ରମ ଓ ସାମାଜିକ ସୁରକ୍ଷା ମନ୍ତ୍ରୀ ଆନା ମେଣ୍ଡେସ୍ ଗୋଡିନ୍‌ହୋ କହିଛନ୍ତି। ଏହା ଦ୍ୱାରା ଡିଜିଟାଲ ନୋମାଡ (ବିଶ୍ୱର ଯେକୌଣସି ସ୍ଥାନରୁ ଅନ୍‌ଲାଇନରେ କାର୍ଯ୍ୟ କରିପାରୁଥିବା ଲୋକ)ଙ୍କୁ ପର୍ତ୍ତୁଗାଲ ଆକର୍ଷିତ କରିପାରିବ ବୋଲି ସେ କହିଛନ୍ତି।

# କପ୍‌୨୬ ଲକ୍ଷ୍ୟ ହାସଲ ନେଇ ଆଶଙ୍କା



ଗ୍ଲାସ୍‌ଗୋରେ କପ୍‌୨୬ ୟୁଏନ୍ କ୍ଲାଇମେଟ୍ ସମିଟ୍ ବେଳେ ଶୁକ୍ରବାର ଦୁଇଜଣ ଓକ୍ସଫାମ୍ କ୍ୟାମ୍ପେନର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ବେଶରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ବିକ୍ଷୋଭକାରୀ ଦ୍ୱୟ ଦୁଇନେତାଙ୍କୁ ପ୍ରଭାବହୀନ ଅଗ୍ନିଶମ ବିଶ୍ୱନେତା ଭାବେ ଅଭିହିତ କରିଛନ୍ତି।

**ଗ୍ଲାସ୍‌ଗୋ, ୧୨।୧୧**

ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ବ୍ରିଟେନର ଗ୍ଲାସ୍‌ଗୋ ସହରରେ ଗତ ୨ ସପ୍ତାହ ଧରି ଚାଲିଥିବା ଅନ୍ତର୍ଜାତୀୟ ସମ୍ମିଳନୀ କପ୍‌୨୬ ଶୁକ୍ରବାର ବିଳମ୍ବିତ ରାତିରେ ଶେଷ ହୋଇଛି। ଏଥିରେ ବିଶ୍ୱର ତମାମ ରାଜନେତା ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବା ପାଇଁ ଜରୁରୀ ଉପାୟ ଅନ୍ୱେଷଣରେ ନିଜ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି। ଏହାସତ୍ତ୍ୱେ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ସମ୍ଭବ ହେବ ନାହିଁ ବୋଲି ଆଶଙ୍କା କରାଯାଉଛି। କପ୍‌୨୬ରେ ପ୍ରସ୍ତୁତ କରାଯାଇଥିବା ଚିଠାରେ ବିଭିନ୍ନ ଦେଶର ସରକାରମାନଙ୍କୁ ପୂର୍ବ ତୁଳନାରେ ଦ୍ରୁତଗତିରେ ସବୁଜଗୃହ ବାଷ୍ପ ଉତ୍ସର୍ଜନକୁ ହ୍ରାସ କରିବା ପାଇଁ ପରାମର୍ଶ ଦିଆଯାଇଛି। ତେବେ ଜୀବାଶ୍ମ ଇନ୍ଧନ ଓ କୋଇଲା ବ୍ୟବହାର ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ ସଂକଳ୍ପନାମା ଉକ୍ତ ଚିଠା ଯୋଗୁ ଦୁର୍ବଳ ହୋଇଯାଇଥିବା ସନ୍ଦେହ କରାଯାଉଛି। ଆର୍ଥିକ ଦୁର୍ବଳ ଦେଶଗୁଡ଼ିକୁ ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ସାମ୍ନା କରିବାରେ ଆର୍ଥିକ ସହଯୋଗ ଦେବା ଲାଗି ଧନୀ ରାଷ୍ଟ୍ରଗୁଡ଼ିକୁ ଉକ୍ତ ଡିଲ୍‌ରେ କୁହାଯାଇଛି। ବୈଜ୍ଞାନିକଙ୍କ ମତରେ ପୃଥିବୀର ହାରାହାରି ତାପମାତ୍ରାରେ ୧.୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧିକୁ ରୋକାଯାଇ ପାରିଲେ ଜଳବାୟୁ ପରିବର୍ତ୍ତନର ସବୁଠୁ ଭୟଙ୍କର ପ୍ରଭାବରୁ ରକ୍ଷା ମିଳିପାରିବ। ଏହି ବିଷୟ ପ୍ୟାରିସ୍ ଚୁକ୍ତିର ମଧ୍ୟ ମୁଖ୍ୟ ବିନ୍ଦୁ, ଯାହା ଉପରେ ଅଧିକାଂଶ ଦେଶ ସହମତି ପ୍ରକାଶ କରିଥିଲେ। ଏହି ଲକ୍ଷ୍ୟ ହାସଲ ପାଇଁ ୨୦୩୦ ସୁଦ୍ଧା ପୃଥିବୀର ବୈଶ୍ୱିକ ଉତ୍ସର୍ଜନକୁ ୪୫% ହ୍ରାସ ସହ ୨୦୫୦ ସୁଦ୍ଧା ଉତ୍ସର୍ଜନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଜରୁରୀ।

## ପ୍ୟାରିସ୍ ଚୁକ୍ତିକୁ ସମ୍ମାନ ଦିଅ: ଭୂପେନ୍ଦ୍ର

ଜୀବାଶ୍ମ ଇନ୍ଧନ ବ୍ୟବହାର କରି ଲାଭାନ୍ୱିତ ହୋଇଥିବା ଧନୀ ଦେଶଗୁଡ଼ିକ ଅନ୍ୟ ରାଷ୍ଟ୍ରଗୁଡ଼ିକର ଆବଶ୍ୟକତାକୁ ହୃଦୟଙ୍ଗମ କରି ସେମାନଙ୍କ ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଆବଶ୍ୟକତା ପୂରଣ ଲାଗି ସହାୟତା ଦେବା ଜରୁରୀ ବୋଲି ଭାରତର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ଭୂପେନ୍ଦ୍ରଙ୍କ ମତରେ ୨୦୧୫ ପ୍ୟାରିସ୍ ଚୁକ୍ତିର ପ୍ରତିଶ୍ରୁତିକୁ ପାଳନ କରିବା ପାଇଁ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ନେଇ ଅନ୍ତର୍ଜାତୀୟ ସମୁଦାୟ ହାତ ମିଳାଇବା ଉଚିତ। ଗ୍ଲାସ୍‌ଗୋରେ ଚାଲିଥିବା ଜାତିସଂଘର ୨୬ତମ ଜଳବାୟୁ ସମ୍ମିଳନୀରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଭୂପେନ୍ଦ୍ର ଏଭଳି ମତ ଦେଇଛନ୍ତି।

## ଗ୍ଲାସ୍‌ଗୋ ସମ୍ମିଳନୀରେ ସହମତି

ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ଶେଷ ହୋଇଛି ଜାତିସଂଘ ଜଳବାୟୁ ପରିବର୍ତ୍ତନ କପ୍‌୨୬ ସମ୍ମିଳନୀ। ଏହି ସମିଟ୍‌ରେ ରାଷ୍ଟ୍ର ସମୂହ ମଧ୍ୟରେ ଅନେକ ଚୁକ୍ତିକୁ ନେଇ ଘୋଷଣା କରାଯାଇଛି। ସେଗୁଡ଼ିକ ହେଲା:

➡ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ପାଇଁ ଆମେରିକା ଓ ଚାଇନା ଚଳିତ ଦଶନ୍ଧିରେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ଏହି ଘୋଷଣା ଅନେକଙ୍କୁ ବିସ୍ମିତ କରିଛି।

➡ ୨୦୩୦ ସୁଦ୍ଧା ଗଛକଟା ବନ୍ଦ କରି ବୃକ୍ଷରୋପଣ କରିବାକୁ ୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱନେତା ପ୍ରତିଶ୍ରୁତି ଦେଇଛନ୍ତି। ଆମାଜନ୍ ଚିରହରିତ୍ ଅରଣ୍ୟକୁ ନେଇ ପରିଚିତ ବ୍ରାଜିଲ ମଧ୍ୟ ଏଥିରେ ସହମତି ପ୍ରକାଶ କରିଛି।

➡ ଆମେରିକା ଓ ୟୁରୋପୀୟ ସଂଘ ପକ୍ଷରୁ ୨୦୩୦ ସୁଦ୍ଧା ସବୁଜଗୃହ ବାଷ୍ପ ମିଥେନ୍ ଉତ୍ସର୍ଜନ ହ୍ରାସ ନିମନ୍ତେ ଏକ ବୈଶ୍ୱିକ ସହଭାଗିତା ନେଇ ଘୋଷଣା କରାଯାଇଛି। ବାୟୁମଣ୍ଡଳରେ ମିଥେନ୍ ହ୍ରାସ କରିବା ହିଁ ବିଶ୍ୱତାପନ ରୋକିବା ପାଇଁ ସର୍ବୋତ୍ତମ ଉପାୟ ବୋଲି କୁହାଯାଇଛି।

➡ ୪୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର କୋଇଲା ବ୍ୟବହାର ହ୍ରାସ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। କିନ୍ତୁ ବିଶ୍ୱର ସର୍ବାଧିକ କୋଇଲା ବ୍ୟବହାରକାରୀ ଆମେରିକା ଓ ଚାଇନା ଏହି ଚୁକ୍ତିରେ ସ୍ୱାକ୍ଷର କରିନାହାନ୍ତି।

➡ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ତଜ୍ଜନିତ କ୍ଷୟକ୍ଷତି ହ୍ରାସ ପାଇଁ କେତେକ ନୂଆ ଆର୍ଥିକ ସହାୟତା ଘୋଷଣା କରାଯାଇଛି। କିନ୍ତୁ ଏହାକୁ ଅନେକ ରାଷ୍ଟ୍ର ପର୍ଯ୍ୟାପ୍ତ ନୁହେଁ ବୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

➡ ଇନ୍ଧନ ତେଲ ଓ ବାଷ୍ପ ବ୍ୟବହାର ବନ୍ଦ ପାଇଁ ଡେଡ୍‌ଲାଇନ୍ ଧାର୍ଯ୍ୟ କରିବା ସକାଶେ ଏକ ନୂଆ ମେଣ୍ଟ ଗଠନ ହୋଇଛି। ତୈଳ ଓ ବାଷ୍ପର ଉତ୍ସ ଅନ୍ୱେଷଣ ଲାଗି ନୂଆ ଲାଇସେନ୍ସ ପ୍ରଦାନ ରୋକିବା ପାଇଁ ଏହି ମେଣ୍ଟରେ ସହମତି ପ୍ରକାଶ ପାଇଛି।



## କୋଭାକ୍ସିନ୍ ୭୭.୮% ଫଳପ୍ରଦ

**ହାଇଦ୍ରାବାଦ, ୧୨।୧୧**

ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ କୋଭିଡ୍-୧୯ ଟିକା କୋଭାକ୍ସିନ୍‌ର ଦୁଇଟି ଡୋଜ୍ କରୋନା ସଂକ୍ରମଣ ରୋକିବାରେ ୭୭.୮ ପ୍ରତିଶତ ଫଳପ୍ରଦ। ଏହାର କୌଣସି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଏଥିସହିତ ଡେଲ୍ଟା ଭାରିଆଣ୍ଟ ବିରୋଧରେ ଏହି ଟିକା ୬୫.୨ ପ୍ରତିଶତ ପ୍ରଭାବୀ ବୋଲି ତୃତୀୟ ପର୍ଯ୍ୟାୟ ପରୀକ୍ଷାର ଅନ୍ତରୀଣ ବିଶ୍ଲେଷଣରୁ ଜଣାପଡ଼ିଥିବା ଶୁକ୍ରବାର ଲାନ୍‌ସେଟ ପ୍ରକାଶ କରିଛି। ଟିକା ନିଷ୍କ୍ରିୟ ଭୂତାଣୁରେ ପ୍ରସ୍ତୁତ ଏହି ଟିକାକୁ ହାଇଦ୍ରାବାଦର ଭାରତ ବାୟୋଟେକ୍ ବିକଶିତ କରିଛି। ନିକଟରେ କୋଭାକ୍ସିନ୍‌କୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମଞ୍ଜୁରୀ ପ୍ରଦାନ କରିଥିଲା। ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଫଳାଫଳ ଅନୁଯାୟୀ କୋଭାକ୍ସିନ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି (ଆଣ୍ଟିବଡି) ବିକଶିତ କରିଥାଏ। ପରୀକ୍ଷାରେ ଭାଗ ନେଇଥିବା ଲୋକଙ୍କଠାରେ ଟିକାର କୌଣସି ଗୁରୁତର ପ୍ରତିକୂଳ ପ୍ରତିକ୍ରିୟା ଦେଖାଯାଇ ନ ଥିଲା ବୋଲି ଅଧ୍ୟୟନରେ କୁହାଯାଇଛି। ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟରେ ରହିଛି ଟିକା ନେଇଥିବା ସ୍ଥାନ ଦରଜ ହେବା, ମୁଣ୍ଡବିନ୍ଧା, ବନ୍ତି ଲାଗିବା ଓ ଜ୍ୱର ହେବା। ସାଧାରଣତଃ ଟିକା ନେଲେ ଏଭଳି ପ୍ରତିକ୍ରିୟା ଦେଖାଯାଇଥାଏ। ଗତବର୍ଷ ନଭେମ୍ବର ୧୬ରୁ ଚଳିତ ବର୍ଷ ମେ' ୧୭ ମଧ୍ୟରେ କୋଭାକ୍ସିନ୍‌ର କ୍ଲିନିକାଲ ପରୀକ୍ଷା ହୋଇଥିଲା। ଭାକ୍ସିନ ନେଇଥିବା ୮,୪୭୧ ଜଣଙ୍କ ମଧ୍ୟରୁ ୨୪ ଜଣଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ପ୍ଲାସ୍‌ବୋ ନେଇଥିବା ୮,୫୦୨ ଜଣଙ୍କ ମଧ୍ୟରୁ ୧୦୬ ଜଣ ସଂକ୍ରମିତ ହୋଇଥିଲେ। ମୋଟାମୋଟି ଭାବେ କୋଭାକ୍ସିନ ୭୭.୮% ଫଳପ୍ରଦ ସାବ୍ୟସ୍ତ ହୋଇଥିଲା।

## ତୃତୀୟ ଲହରରେ ବଦଳିଛି କୋଭିଡ୍ ଲକ୍ଷଣ

**କୋଲକାତା, ୧୨।୧୧**

କୋଭିଡ୍ ରୋଗୀଙ୍କ ଲକ୍ଷଣରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏବେ ସଂକ୍ରମିତଙ୍କୁ ଚିହ୍ନଟ କରିବା ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଛି ବୋଲି କୋଲକାତାର ଡାକ୍ତରମାନେ କହିଛନ୍ତି। ବହୁସଂଖ୍ୟାରେ ରୋଗୀ କୋଭିଡ୍ ଟିକାର ଉଭୟ ଡୋଜ୍ ନେଇସାରିଥିବାରୁ ପ୍ରଥମ ଓ ଦ୍ୱିତୀୟ ଲହର ବେଳେ ରୋଗୀ ଯେପରି ଗୁରୁତର ହୋଇପଡୁଥିଲେ, ଏବେ ସେପରି ଅବସ୍ଥା ସୃଷ୍ଟି ହେଉନାହିଁ। ସାମାନ୍ୟ ଲକ୍ଷଣ ଥିବା ରୋଗୀଙ୍କୁ ଡାକ୍ତରମାନେ ପରୀକ୍ଷା କରାଇବା ପାଇଁ ପରାମର୍ଶ ଦେଉ ନ ଥିବାରୁ ଅନେକ କୋଭିଡ୍ ମାମଲା ହିସାବ ମଧ୍ୟକୁ ଆସୁନାହିଁ। ଚିକିତ୍ସା ପରେ ଅଧିକାଂଶ ରୋଗୀ ଭଲ ହୋଇଯାଉଥିବାବେଳେ ଅଳ୍ପ କେତେଜଣଙ୍କଠାରେ ଅଧିକ ଦିନ ଲକ୍ଷଣ ଦେଖାଯିବା ସହ ସେମାନଙ୍କ ସ୍ୱାଦ ଓ ଗନ୍ଧ ବାରିବା ଶକ୍ତି କମିଯାଏ। ଏହା ସଂକ୍ରମଣର ଅଷ୍ଟମ କିମ୍ବା ନବମ ଦିନରେ ଦେଖାଯାଇଥାଏ ବୋଲି ଡାକ୍ତର ସବ୍ୟସାଚୀ ବର୍ଦ୍ଧନ କହିଛନ୍ତି। ଆର୍ଟି-ପିସିଆର ପରୀକ୍ଷାରୁ ସେମାନଙ୍କଠାରେ କୋଭିଡ୍ ପଜିଟିଭ୍ ଜଣାପଡ଼ିଥାଏ। ଡ. ଦେବବ୍ରତ ଶାହା କହିଛନ୍ତି, ଦ୍ୱିତୀୟ ଲହର ବେଳେ ଶୁଖିଲା କାଶ ହେଉଥିବାବେଳେ ଏବେ କାଶ ସହ କଫ ପଡୁଛି। ପୂର୍ବରୁ ରୋଗୀ ଶରୀରରେ ଅତ୍ୟଧିକ ଉତ୍ତାପ ସୃଷ୍ଟି ହେଉଥିବାବେଳେ ଏବେ ସାମାନ୍ୟ ଉତ୍ତାପ ଅନୁଭୂତ ହେଉଛି। ସେହିପରି ରଞ୍ଜିତ୍ ଦାସ ନାମକ ଅନ୍ୟ ଜଣେ ଡାକ୍ତର କହିଛନ୍ତି, ପ୍ରଥମ ଓ ଦ୍ୱିତୀୟ ଲହର ବେଳେ ଜ୍ୱର ହୋଇଥିବା ୧୦ ରୋଗୀଙ୍କ ମଧ୍ୟରୁ ୭ ଜଣଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଥିଲା। ଏବେ ଏହି ସଂଖ୍ୟା ୩କୁ ହ୍ରାସ ପାଇଛି।

# ଚାଇନା ସବୁଠୁ ବଡ଼ ବିପଦ: ସିଡିଏସ୍

**ନୂଆଦିଲ୍ଲୀ, ୧୨।୧୧**



ଭାରତର ସୁରକ୍ଷା ପ୍ରତି ଚାଇନା ସବୁଠୁ ବଡ଼ ବିପଦ ଭାବେ ଉଭା ହୋଇଛି। ସେଥିପାଇଁ ଗତବର୍ଷ ଚାଇନା ସୀମାକୁ ଭାରତ ହଜାର ହଜାର ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ପଠାଇଥିଲା। ବିଶ୍ୱାସର ଅଭାବ ସାଙ୍ଗକୁ ସନ୍ଦେହ ବଢୁଥିବାରୁ ଭାରତ-ପାକ୍ ସୀମା ବିବାଦ ସମାଧାନ ରାସ୍ତାରେ ଏହା ବାଧକ ସୃଷ୍ଟି କରିଛି। ସ୍ଥିତି ସୁଧୁରୁ ନ ଥିବାରୁ ଅତିରିକ୍ତ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଫେରାଇ ଆଣିବା ସମ୍ଭବ ହେଉନାହିଁ ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍ କହିଛନ୍ତି। ଗତ ମାସରେ ଦୁଇ ଦେଶର ୧୩ତମ ସେନା କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ସୀମାରୁ ସୈନ୍ୟ ପ୍ରତ୍ୟାହାର କରିବା ପାଇଁ କୌଣସି ପକ୍ଷ ରାଜି ହୋଇ ନ ଥିଲେ। ଗତବର୍ଷ ପୂର୍ବ ଲଦାଖ ଅନ୍ତର୍ଗତ ସୀମାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହେବା ପରେ କେନ୍ଦ୍ର ସରକାର ରଣନୀତିରେ ପରିବର୍ତ୍ତନ କରିଛନ୍ତି। ଏବେ ପାକିସ୍ତାନ ପଟୁ ଦୃଷ୍ଟି ହଟାଇ ଚାଇନା ପାର୍ଶ୍ୱରେ ଅଧିକ ଧ୍ୟାନ ଦିଆଯାଉଛି। ସଂଘର୍ଷ ପରେ ସୀମାରେ ଦୁଇ ଦେଶ ଭିତ୍ତିଭୂମି ସୁଦୃଢ଼ କରିବା ସହ ସେନା ଓ ସାମରିକ ସରଞ୍ଜାମ ବଢ଼ାଇଛନ୍ତି। ସୀମା ଓ ସମୁଦ୍ର ପଟୁ ଯେକୌଣସି ପ୍ରକାର ଆକ୍ରମଣକୁ ସମ୍ମୁଖୀନ ହେବା ଲାଗି ଭାରତ ପ୍ରସ୍ତୁତ ରହିଛି ବୋଲି ଜେନେରାଲ ରାୱତ କହିଛନ୍ତି। ବିବାଦ ସତ୍ତ୍ୱେ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଚାଇନା ଗ୍ରାମ ନିର୍ମାଣ କରୁଛି। ତେବେ ଦୁଇ ଦେଶ ମଧ୍ୟରେ ପ୍ରକୃତ ସୀମାରେଖା ଜଣାଅଛି ବୋଲି ସେ କହିଛନ୍ତି।

ଆଫଗାନିସ୍ତାନ ସ୍ଥିତିକୁ ନେଇ ମଧ୍ୟ ସିଡିଏସ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେଠାରେ ତାଲିବାନ ଶାସନ ଭାରତର ସୁରକ୍ଷାକୁ ପ୍ରଭାବିତ କରିବ। ଜମ୍ମୁ-କଶ୍ମୀରର ଆତଙ୍କବାଦୀ ଆଫଗାନିସ୍ତାନରୁ ଅସ୍ତ୍ରଶସ୍ତ୍ର ସହାୟତା ପାଇବା ସମ୍ଭାବନା ରହିଛି। ସେଥିପାଇଁ ସୀମାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିବା ଜେନେରାଲ ରାୱତ କହିଛନ୍ତି। ସୂଚନାଯୋଗ୍ୟ, ଅରୁଣାଚଳ ସୀମାନ୍ତ ବିବାଦୀୟ ଅଞ୍ଚଳରେ ଚାଇନା ବିଶାଳ ଗ୍ରାମ ନିର୍ମାଣ କରିଥିବା ପେଣ୍ଟାଗନ ପ୍ରକାଶ କରିଥିଲା। ତେବେ ସୀମା ଉପରେ କଡ଼ା ନଜର ରଖାଯାଇଛି। ବେଜିଂ ଦ୍ୱାରା ଭାରତୀୟ ପାର୍ଶ୍ୱରେ କୌଣସି ବେଆଇନ ଦଖଲ କିମ୍ବା ଅଯଥା ଦାବିକୁ ଗ୍ରହଣ କରାଯିବ ନାହିଁ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଥିଲେ।

## ଜାତୀୟ ସୁରକ୍ଷା ସହ ସାଲିସ୍ ହୋଇଛି: ରାହୁଲ

**ନୂଆଦିଲ୍ଲୀ, ୧୨।୧୧**



ଚାଇନା ସହ ସୀମା ବିବାଦକୁ ନେଇ ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଚାଇନାକୁ ନେଇ ସରକାରଙ୍କର କୌଣସି ରଣନୀତି ନ ଥିବା ବେଳେ ମିଷ୍ଟର ୫୬ ଭୟଭୀତ। ଦେଶର ଜାତୀୟ ସୁରକ୍ଷା ସହ ଅକ୍ଷମଣୀୟ ସାଲିସ୍ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସୀମା ପ୍ରସଙ୍ଗକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏବଂ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଭିନ୍ନ ଭିନ୍ନ କଥା କହୁଛନ୍ତି। ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଚାଇନା ନିଜର ସ୍ଥିତି ମଜଭୁତ କରିବା ପରେ ପଙ୍ଗୋଙ୍ଗ ହ୍ରଦର ଉଭୟ ପାର୍ଶ୍ୱ, ଗୋଗ୍ରା ହାଇଟ୍ସ ଏବଂ ହଟ୍ ସ୍ପ୍ରିଂ ଅଞ୍ଚଳରେ ଦୁଇଦେଶର ଯବାନଙ୍କ ମଧ୍ୟରେ ଅନେକ ସମୟରେ ମୁହାଁମୁହିଁ ସ୍ଥିତି ଉପୁଜୁଛି।

## 'ତଥ୍ୟ ସୁରକ୍ଷା ବିଲ୍‌କୁ ତୁରନ୍ତ ମଞ୍ଜୁରୀ ମିଳୁ'

**ଥିରୁଭାନନ୍ତପୁରମ, ୧୨।୧୧**

ଭର୍ଚୁଆଲ ବିଶ୍ୱରେ ତଥ୍ୟ ଚୋରି ଏକ ସାଧାରଣ ଅପରାଧରେ ପରିଣତ ହୋଇଛି। ସେଥିପାଇଁ ତୁରନ୍ତ ତଥ୍ୟ ସୁରକ୍ଷା ବିଲ୍‌କୁ ମଞ୍ଜୁରୀ ମିଳିବା ଆବଶ୍ୟକ ବୋଲି ସିଡିଏସ୍ ଜେନେରାଲ ବିପିନ ରାୱତ୍ କହିଛନ୍ତି। ଏହି ବିଲ୍ ୨୦୧୯ରେ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିଲା। ଡିଜିଟାଲ ସମ୍ପତ୍ତିର ସୁରକ୍ଷା ଲାଗି ବିଭିନ୍ନ ସରକାରୀ ବିଭାଗରେ ସାଇବର ସୁରକ୍ଷା ବିଶେଷଜ୍ଞଙ୍କ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ। ଭାରତରେ ସାଇବର ସୁରକ୍ଷା ଆଇନ ଜରୁରୀ ବୋଲି ସିଡିଏସ୍ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୨୯,୫୨,୯୦୯ | ୫୦,୯୯,୭୧୯ | ୨୨,୮୭,୯୩,୫୨୫ |
| ଭାରତ | ୩,୪୪,୧୪,୧୮୬ | ୪,୬୨,୬୯୦ | ୩,୩୮,୧୪,୦୮୦ |
| ଓଡ଼ିଶା | ୧୦,୪୪,୯୬୨ | ୮୩୭୩(+୫୩) | ୧୦,୩୩,୯୯୧ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସୁରେଶ ଦଳାଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର



**ଭୁବନେଶ୍ୱର,୧୨।୧୧(ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ସୁରେଶ ଚନ୍ଦ୍ର ଦଳାଇଙ୍କୁ ରାଜ୍ୟ ସରକାର ସମ୍ବଲପୁର ରାଜସ୍ୱ ଡିଭିଜନ କମିଶନର(ଉତ୍ତରାଞ୍ଚଳ ଡିଭିଜନ) ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ରଞ୍ଜନ କୁମାର ଦାସଙ୍କୁ ବିଭାଗର ସଚିବ ଦାୟିତ୍ୱ ଦିଆଯାଇଛି। ଏଥିସହିତ ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଭାବେ ମଧ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

### ହାଇସ୍କୁଲ ସାର୍ଟିଫିକେଟ ସଂଶୋଧନ ପାଇଁ ବୋର୍ଡର ବିଜ୍ଞପ୍ତି

**କଟକ ଅଫିସ,୧୨।୧୧:** ଛାତ୍ରୀଛାତ୍ରଙ୍କ ହାଇସ୍କୁଲ ସାର୍ଟିଫିକେଟରେ ତ୍ରୁଟି ଥିଲେ ସଂଶୋଧନ କରାଯାଇପାରିବ। ଏନେଇ ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବୋର୍ଡ ପ୍ରଦତ୍ତ ସାର୍ଟିଫିକେଟରେ କୌଣସି ତ୍ରୁଟି ଥିଲେ, ସମ୍ପୃକ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ବୋର୍ଡର ୱେବ୍‌ସାଇଟ୍ bseodisha.ac.in/bseodisha.nic.in କିମ୍ବା ବୋର୍ଡର ଉକ୍ତ ଆଞ୍ଚଳିକ କାର୍ଯ୍ୟାଳୟର ଉପ ସମ୍ପାଦକଙ୍କଠାରୁ ସଂଶୋଧନ ଫର୍ମ ନେଇପାରିବେ। ଫର୍ମ ପୂରଣ କରି ଆଡ୍‌ମିଶନ ରେଜିଷ୍ଟର, କ୍ୟାନସେଲ୍ଡ ଟିସି ଓ ଆବଶ୍ୟକ ଦସ୍ତାବିଜ ଆଞ୍ଚଳିକ କାର୍ଯ୍ୟାଳୟର ଉପ ସମ୍ପାଦକଙ୍କ ପାଖରେ ଦାଖଲ କରିବାକୁ ପଡିବ। ଏଥିସହ ଉକ୍ତ ଫର୍ମର ଏକ ନକଲ ବୋର୍ଡ ଉପ ସମ୍ପାଦକଙ୍କ ନିକଟକୁ dsbsecertificate @ gmail.comରେ ପଠାଇବା ପାଇଁ ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ସାର୍ଟିଫିକେଟ ସଂଶୋଧନ ପାଇଁ ଆବେଦନ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ଡିସେମ୍ବର ୧୦ ଶେଷ ତାରିଖ ରହିଛି ।

### ୨ଛାତ୍ର କରୋନା ପଜିଟିଭ୍

**ଖୁଣ୍ଟା,୧୨।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଅଞ୍ଚଳର ଏକ ହାଇସ୍କୁଲରେ ଅଧୟନରତ ୨ଛାତ୍ର କୋରନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଉକ୍ତ ହାଇସ୍କୁଲ ପରିସର ଛାତ୍ରାବାସରେ ରହି ୮ମ ଶ୍ରେଣୀରେ ଅଧୟନ କରୁଥିବା ଛାତ୍ର ଦ୍ୱୟଙ୍କ ଦେହ ଅସୁସ୍ଥ ହେବାରୁ ସେମାନଙ୍କୁ ବିଦ୍ୟାଳୟ୍ ପକ୍ଷରୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଉଭୟ୍ କାରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଉକ୍ତ ଦୁଇ ଛାତ୍ରଙ୍କୁ ଛାତ୍ରାବାସର ଏକ ସ୍ୱତନ୍ତ୍ର କୋଠରୀରେ ଆଇସୋଲେଶନରେ ରଖାଯାଇଥିବା ବିଦ୍ୟାଳୟ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶୁକ୍ରବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ସ୍ୱତନ୍ତ୍ର ଟିମ୍ ଛାତ୍ରାବାସରେ ଥିବା ଅନ୍ୟ ୨୬ଜଣ ଅନ୍ତେବସୀଙ୍କର ସ୍ୱାବ ସଂଗ୍ରହ କରି ପରୀକ୍ଷା କରିଥିବା ବେଳେ ସମସ୍ତ ରିପୋର୍ଟ ନେଗେଟିଭ୍ ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଉକ୍ତ ଛାତ୍ରାବାସରେ ମୋଟ ୧୧୬ଜଣ ଅନ୍ତେବାସୀ ଥିବା ବେଳେ ଅନ୍ୟମାନଙ୍କର ମଧ ସ୍ୱାବ ପରୀକ୍ଷା ପ୍ରକ୍ରିୟା ଚାଲୁ ରହିଥିବା ସୂଚନା ମିଳିଛି।

# ବିଦା ହେଲେ ଆଉ ୮ ସରକାରୀ ବାବୁ

- ସରକାରଙ୍କ ଦୁର୍ନୀତି ବିରୋଧୀ ଅଭିଯାନ
- ଆଜି ଯାଏ ଗଲେଣି ୧୩୦

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ସମୟରେ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ଅନୁଯାୟୀ ରାଜ୍ୟ ସରକାର ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଆଉ ୮ ଜଣ ସରକାରୀ ଅଧିକାରୀଙ୍କୁ ସେମାନଙ୍କର ଅନୈତିକତା, ଅପାରଗତା ଓ ଦୁର୍ନୀତି ଯୋଗୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଏହି ୮ ଜଣଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୩୦ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ବା ଚାକିରିରୁ ବହିଷ୍କାର କରାଗଲାଣି।

ଏହି ୮ ଜଣଙ୍କ ମଧ୍ୟରୁ ନିମାପଡ଼ାର ପୂର୍ବତନ ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ଓଏଏସ୍ ଅଧିକାରୀ ରାମଚନ୍ଦ୍ର ଜେନାଙ୍କ ବିରୋଧରେ ୩ଟି ଦୁର୍ନୀତି ଅଭିଯୋଗ ରହିଛି । ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିବା ସମୟରେ ତାଙ୍କ ନିକଟରୁ ଏକାଧିକ ପ୍ୟାନ୍ କାର୍ଡ ସହିତ ୫ ଲକ୍ଷ ଟଙ୍କା ଜବତ କରାଯାଇଥିଲା । ଏହାପରଠାରୁ ସେ ଚାକିରିରୁ ନିଲମ୍ବିତ ହୋଇଥିଲେ । ସେହିପରି ଜଗତ୍‌ସିଂହପୁରର ପୂର୍ବତନ ଡେପୁଟି କଲେକ୍ଟର ଓଏଏସ୍ ଅଧିକାରୀ ଗୌରାଙ୍ଗ ଚରଣ ମହାନ୍ତିଙ୍କ ବିରୋଧରେ ୭ଟି ଦୁର୍ନୀତି ଅଭିଯୋଗ ଥିଲା । ତାଙ୍କ ନାମରେ ସରକାରୀ ପାଣ୍ଠି ଆତ୍ମସାତ ତଥା ସରକାରୀ ଯୋଜନାର ସୁବିଧା ଆବଣ୍ଟନରେ ଅନିୟମିତତାର ଅଭିଯୋଗ ଥିଲା ।

ସୁନ୍ଦରଗଡ଼ ଲାଠିକଟାର ପୂର୍ବତନ ତହସିଲଦାର ଏବଂ ବର୍ତ୍ତମାନ ବରଗଡ଼ ଅମ୍ବାଭୋନାରେ ବିଡିଓ ଥିବା ଆଲଫୋନ୍ସ ବିଲୁଙ୍ଗଙ୍କ ନାମରେ ୩ଟି ଦୁର୍ନୀତି ଅଭିଯୋଗ ରହିଛି ।

ସେହିପରି କେନ୍ଦୁଝରର ଜଳସେଚନ ବିଭାଗ ବୈତରଣୀ ଡିଭିଜନର ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ବିଧାନ ଚନ୍ଦ୍ର ସାହୁଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି ।

କଳାହାଣ୍ଡି ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଠାରେ ସିଡିପିଓ ମୀନା ପାତ୍ର ୨୦୨୧ ଅକ୍ଟୋବର ୪ ତାରିଖରେ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ଛତୁଆ ଯୋଗାଣ ପାଇଁ ୮୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ତାଙ୍କୁ ଧରାଯାଇଥିଲା ।

ସେହିପରି କଳାହାଣ୍ଡି ଥୁଆମୂଳ ରାମପୁର ବ୍ଲକ ସିଡିପିଓ ପୁଷ୍ପାଞ୍ଜଳି ରଥ ୨୦୨୧ ଅକ୍ଟୋବର ୨୫ ତାରିଖରେ ଜଣେ କର୍ମୀ ନିଯୁକ୍ତି ପାଇଁ ୧ ଲକ୍ଷ ଟଙ୍କା ଦାବି କରି ଲାଞ୍ଚ ଗ୍ରହଣ କରୁଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ତାଙ୍କୁ ଧରା ଯାଇଥିଲା ।

ଓଡ଼ିଶା ଅବକାରୀ ସେବା ଅଧୀନରେ କାମ କରୁଥିବା ଦେବଗଡ଼ର ପୂର୍ବତନ ଡେପୁଟି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅଜିତ କୁମାର ମହାପାତ୍ର ୨୦୨୧ ସେପ୍ଟେମ୍ବର ୨୯ ତାରିଖରେ ଦେଢ଼ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଧରାଯାଇଥିଲା ।

ଭଦ୍ରକ ଜିଲା ତିହିଡି ବ୍ଲକ କ୍ୟାଶିୟର ଭାବରେ କାମ କରୁଥିବା ପ୍ରଭାକର ପ୍ରଧାନ ବିଭିନ୍ନ ହିତାଧିକାରୀଙ୍କଠାରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିଲେ । ସେ ସରକାରୀ ଅର୍ଥକୁ ତାଙ୍କ ପତ୍ନୀ ଓ ବନ୍ଧୁବାନ୍ଧବଙ୍କ ଆକାଉଣ୍ଟରେ ଜମା କରିଦେଇଥିଲେ । ତାଙ୍କ ନାମରେ ୨ ଅଭିଯୋଗ ରହିଛି ।

ଉପରୋକ୍ତ ୮ ଜଣ ଅଧିକାରୀଙ୍କ ସମେତ ଏ ପର୍ଯ୍ୟନ୍ତ ୧୩୦ ଜଣଙ୍କୁ ଦୁର୍ନୀତି ଓ ଅପାରଗତା ଅଭିଯୋଗରେ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି।



ଗୋଷ୍ଠାଷ୍ଟମୀ ଅବସରରେ ପୁରୀ ଗୋବର୍ଦ୍ଧନ ମଠ ପରିସରରେ ଶୁକ୍ରବାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଗୋପୂଜା କରୁଛନ୍ତି।

# ଲଘୁଚାପ: ଉପକୂଳରେ କୋହଲା ପାଗ, ବର୍ଷା

- ୪ ଜିଲାରେ ପ୍ରବଳ ବର୍ଷା
- ସତର୍କ ରହିବାକୁ ଏସ୍‌ଆରସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ଗୁରୁବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କ୍ରମଶଃ ଘନୀଭୂତ ହୋଇ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହାଛଡା ଉତ୍ତର-ଆଭ୍ୟନ୍ତରୀଣ ତାମିଲନାଡୁରେ ସୃଷ୍ଟି ହୋଇଥିବା ଟ୍ରଫ୍ ଲାଇନ୍ ଆନ୍ଧ୍ର ଦେଇ ଓଡ଼ିଶା ଉପକୂଳକୁ ବ୍ୟାପିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।



ଶନିବାର ଲଗାଣ ବର୍ଷା ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ସତର୍କ କରାଯାଇଛି। ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ଲୋକମାନଙ୍କ ପାଖରେ ଯେମିତି ସତର୍କ ଖବର ପହଞ୍ଚିବ, ସେଥିପାଇଁ ବ୍ୟବସ୍ଥା କରିବାକୁ ଏସ୍‌ଆରସି ପରାମର୍ଶ ଦେଇଛନ୍ତି। କିଛି ଅଘଟଣ ଘଟିଲେ ତୁରନ୍ତ କାର୍ଯ୍ୟାଳୟକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହାଛଡ଼ା ଶନିବାର ଆଣ୍ଡାମାନ ଆଖପାଖ ଅଞ୍ଚଳରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଚାପ ଘନୀଭୂତ ହୋଇ ଆନ୍ଧ୍ର ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାରେ ବର୍ଷା କରାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଶେଷ କରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ଏବଂ ଘୂର୍ଣ୍ଣିବଳୟ ଯୋଗୁ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପାଗ କୋହଲା ରହିବା ସହ ପ୍ରବଳ ବର୍ଷା ମଧ ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଛତ୍ରପୁରରେ ସର୍ବାଧିକ ୭୮.୩୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପୁରୀ ୬୨, ଗୋପାଳପୁର ୩୩, ନୟାଗଡ଼ ୩୮, ଦାରିଙ୍ଗବାଡି ୩୮, ଭୁବନେଶ୍ୱରରେ ୨୦, ପାରାଦୀପ ୧୨, ଚାନ୍ଦବାଲି ୭.୮, ରାୟଗଡ଼ା ୫.୨, କୋରାପୁଟ ଜିଲାରେ ୩.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# କାର୍ତ୍ତିକ ଶେଷ ସୋମବାର ଗଞ୍ଜାମରେ ଛୁଟି

**ବ୍ରହ୍ମପୁର ଅଫିସ,୧୨।୧୧**

କାର୍ତ୍ତିକ ମାସ ଶେଷ ସୋମବାର ଅର୍ଥାତ ଆସନ୍ତା ୧୫ ତାରିଖ ଗଞ୍ଜାମ ଜିଲାରେ ଛୁଟି ଦିବସ ଘୋଷଣା କରାଯାଇଛି। ଗୁରୁବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ଜ୍ଞାପକ ସଂଖ୍ୟା ୩୬୨ରେ ଏହା ଦର୍ଶାଯାଇଛି। ଚଳିତବର୍ଷ ଏହି ଗୋଟିଏ ଦିନକୁ ସ୍ଥାନୀୟ ଛୁଟି ଦିବସ ପାଳନ ନିମନ୍ତେ ପତ୍ରରେ ଉଲ୍ଲେଖ କରାଯାଇଛି।

# ପାଣି ଟ୍ୟାଙ୍କର ଓଲଟି ୨ ଶ୍ରମିକ ମୃତ

## ଆଇଡିସି ଖଣିରେ ଦୁର୍ଘଟଣା

**ବଡ଼ବିଲ/କେନ୍ଦୁଝର,୧୨।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ସର୍କଲ ରୁଗୁଡ଼ି ଥାନା ରୋଇଡ଼ା-ସି ସ୍ଥିତ ଆଇଡିସି (ଇଣ୍ଡଷ୍ଟ୍ରିଆଲ ଡେଭ୍‌ଲପମେଣ୍ଟ କର୍ପୋରେଶନ) ଖଣିରେ ଶୁକ୍ରବାର ପୂର୍ବାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏକ ପାଣି ଟ୍ୟାଙ୍କର ଓଲଟି ପଡ଼ିବାରୁ ତଳେ ଚାପିହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ରୋଇଡ଼ା ଅଞ୍ଚଳର ସମରା କାରୁଆ ଏବଂ ଦମୟନ୍ତୀ ଓରାମ। ସୂଚନା ଅନୁଯାୟୀ, ଖଣି ଭିତରେ ପାଣି ଟ୍ୟାଙ୍କର କୌଣସି କାରଣରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଟ୍ୟାଙ୍କରରେ ବସିଥିବା ଏହି ଦୁଇ ଶ୍ରମିକ ତଳେ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ ଚାଳକ ଫେରାର ହୋଇଯାଇଥିବା ବେଳେ ଖଣିରେ ଶ୍ରମିକ ଅଶାନ୍ତି ଦେଖାଦେଇଥିଲା। ମୃତକଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ସେମାନଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି ପାଇଁ ଶ୍ରମିକମାନେ ଦାବି କରିଛନ୍ତି। ରୁଗୁଡ଼ି ପୋଲିସ ସେଠାରେ ପହଞ୍ଚି ବୁଝାଶୁଝା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ବିଲ ଡାକ୍ତରଖାନାକୁ ପଠାଇଥିଲା। ଏନେଇ କମ୍ପାନୀ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଏପଟେ ଖଣିରେ ନିୟୋଜିତ ଟ୍ରାକ୍ଟରର ପର୍‌ମିଟ୍ ୨୦୨୦ ନଭେମ୍ବର ୩ରୁ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ଓ ବୀମା ଆଦିର ସମୟ ଅବଧି ଶେଷ ହୋଇଯାଇଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଖଣି ଭିତରେ ପାଣି ଯୋଗାଣ ପାଇଁ କିଭଳି ଉକ୍ତ ଟ୍ରାକ୍ଟର ନିୟୋଜିତ ହେଲା ସେନେଇ ତଦନ୍ତ କରାଯାଉ ବୋଲି ଦାବି ହୋଇଛି।



ଓଲଟି ପଡ଼ିଥିବା ପାଣି ଟ୍ୟାଙ୍କର।

# ତଦନ୍ତ ପାଇଁ ବାଙ୍ଗାଲୋର ଯିବ କ୍ରାଇମବ୍ରାଞ୍ଚ ଟିମ୍

**ଓକାକ୍ ମୁଖ୍ୟଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ଘଟଣା**

- ୩ ବ୍ୟାଙ୍କକୁ ଯାଇଛି ଟଙ୍କା
- ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କଲା କ୍ରାଇମବ୍ରାଞ୍ଚ
- ହ୍ୟାକରଙ୍କ ଠିକଣା ମିଳିଲା

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍) ସିଇଓ ତଥା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଆଇଟି ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ପଟ୍ଟନାୟକଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ କରାଯିବା ଏବଂ ତାଙ୍କର ୫ଜଣ ସମ୍ପର୍କୀୟଙ୍କୁ ମେସେଜ୍ କରି ୭ ଲକ୍ଷ ଟଙ୍କା ନେଇଯାଇଥିବା ମାମଲାରେ କ୍ରାଇମ୍‌ବ୍ରାଞ୍ଚର ସାଇବର୍ ଥାନା ତଦନ୍ତ ଜାରି ରଖିଛି। ତେବେ ଟଙ୍କା ନେଇଥିବା ହ୍ୟାକର ଜଣକ ବାଙ୍ଗାଲୋରର ବୋଲି କ୍ରାଇମବ୍ରାଞ୍ଚ ତଦନ୍ତରୁ ଜାଣିବାକୁ ପାଇଛି। ଏଥିସହ ଉକ୍ତ ଟଙ୍କା ପର୍ଯ୍ୟାୟକ୍ରମେ ୩ଟି ବ୍ୟାଙ୍କକୁ ଯାଇଛି। ତେଣୁ ବ୍ୟାଙ୍କଗୁଡ଼ିକର ଶାଖା ମୁଖ୍ୟଙ୍କୁ କ୍ରାଇମ୍‌ବ୍ରାଞ୍ଚ ଚିଠି ଲେଖି ଆକାଉଣ୍ଟକୁ ଅଚଳ କରିଛି। ତେବେ ଖୁବଶୀଘ୍ର ଏହି ମାମଲାରେ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ଏକ ଟିମ୍ ବାଙ୍ଗାଲୋର ଯିବ। ସମ୍ପୃକ୍ତ ହ୍ୟାକରଙ୍କ ଠିକଣା ଜଣାପଡିଛି, ଖୁବଶୀଘ୍ର ସେ ଧରାପଡିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ଏକ ଅଜଣା ନମ୍ବରରୁ ମନୋଜଙ୍କ ଫୋନ୍‌କୁ ଏକ କଲ୍ ଆସିଥିଲା। ହେଲେ ୩୦ ସେକେଣ୍ଡ ଧରି କେହି କିଛି ନ କହିବାରୁ ସେ ଉକ୍ତ କଲ୍‌କୁ କାଟିଦେଇଥିଲେ। ପରେ ଜଣେ ସମ୍ପର୍କୀୟ ମନୋଜଙ୍କୁ ଫୋନ୍ କରି ତାଙ୍କ ନାମରେ କେହି ଜଣେ ଟଙ୍କା ମାଗୁଥିବା ଜଣାଇଥିଲେ। ହ୍ୱାଟ୍ସଆପ୍ କଲ୍ କରୁଥିବା ବ୍ୟକ୍ତିଜଣକ ମନୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଖରାପ ରହିଥିବା ଜଣାଇ ଆର୍ଥିକ ସହାୟତା ଚାହିଁବାରୁ ସେ କିଛି ଟଙ୍କା ଦେଇଥିବା ଜଣାଇଥିଲେ। ପରେ ଆଉ କେତେଜଣ ସମ୍ପର୍କୀୟ ଫୋନ୍ କରି ଠକଙ୍କୁ ଟଙ୍କା ଦେଇଦେଇଥିବା ମନୋଜଙ୍କୁ କହିବାରୁ ତାଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ହୋଇ ଟଙ୍କା ଠକେଇ କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ଶହୀଦନଗର ଥାନାରେ ଅଭିଯୋଗ ପରେ କ୍ରାଇମ୍‌ବ୍ରାଞ୍ଚ ନିଜ ଆଡୁ ମାମଲା (ନଂ.୨୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



# ପୋଲିସ ଚାକିରି ନାଁରେ ୧.୪୭ କୋଟି ଠକେଇ

## ୨ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ପୋଲିସ ଚାକିରି କରାଇଦେବାକୁ କହି ବଡ ଧରଣର ଠକେଇ ହୋଇଛି। ଏଭଳି ୩୮ଜଣ ଆଶାୟୀଙ୍କଠାରୁ ମୋଟ ୧କୋଟି ୪୭ ଲକ୍ଷ ଠକିଥିବା ଅଭିଯୋଗରେ ୨ଜଣଙ୍କୁ ଶୁକ୍ରବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେମାନେ ହେଲେ ବୈକୁଣ୍ଠନାଥ ନାୟକ ଓ ଭୀମସେନ୍ ମହାରଣା। ଅଭିଯୁକ୍ତ ବୈକୁଣ୍ଠନାଥଙ୍କ ନିକଟରୁ ନକଲି ଆଇ କାର୍ଡ, ୧୨ଟି ଏଟିଏମ୍ କାର୍ଡ, ଟଙ୍କା ନେଣଦେଣର ଚୁକ୍ତିପତ୍ର ସମେତ ଅନ୍ୟାନ୍ୟ ତଥ୍ୟ ପ୍ରମାଣଯୁକ୍ତ କାଗଜପତ୍ର ଇଓଡବ୍ଲ୍ୟୁ ଜବତ କରିଛି। ଅଭିଯୁକ୍ତଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ ଇଓଡବ୍ଲ୍ୟୁ ଅଚଳ କରିଛି। ସେହିପରି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି। ଇଓଡବ୍ଲ୍ୟୁ ଏନେଇ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ୪୧୯, ୪୨୦, ୪୬୭, ୪୬୮, ୪୭୧, ୧୨୦-ବି ଦଫାରେ ଏକ କେସ୍ (ନଂ.୧୫/୨୧) ରୁଜୁ କରିଛି। ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ସମ୍ପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ପରିଚୟ ସମ୍ବନ୍ଧରେ ଇଓଡବ୍ଲ୍ୟୁ ଗଣମାଧ୍ୟମକୁ କୌଣସି ସୂଚନା ଦେଇନାହିଁ। ସେମାନଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜାରି ରଖିଛି। ଏଥିସହ ଅଭିଯୁକ୍ତଙ୍କ ଦ୍ୱାରା ଅନ୍ୟ କେହି ଠକାମିର ଶିକାର ହୋଇଥିଲେ ଅଭିଯୋଗ କରିବାକୁ ଇଓଡବ୍ଲ୍ୟୁ ନିବେଦନ କରିଛି।

ସୂଚନା ଅନୁଯାୟୀ, ୨୦୧୩ ମସିହାରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ପକ୍ଷରୁ ସବ୍‌ଇନ୍ସପେକ୍ଟର, ଡେପୁଟି ସୁବେଦାର ପ୍ରଭୃତି ପୋଲିସ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ୨୦୧୫ରୁ ୨୦୧୬ ମଧ୍ୟରେ ମେନ୍, ଫିଜିକାଲ୍, ପ୍ରିଲିମିନାରି ଓ ଭାଇଭା ଆଦି ପରୀକ୍ଷା ହୋଇଥିଲା। ଆଶାୟୀ ବାଦଲ କୁମାର ରାଉଳଙ୍କ ସମେତ ୩୮ ଜଣ ପରୀକ୍ଷାର ସମସ୍ତ ସୋପାନ ଅତିକ୍ରମ କରି ଭାଇଭା ଦେଇଥିଲେ। ତେବେ ଏହି ପରୀକ୍ଷାର ଭାଇଭା ପାଇଁ ୨୦୧୬ରେ ଯେଉଁ ତାଲିକା ବାହାରିଥିଲା ସେଥିରେ ଏହି ୩୮ ଜଣଙ୍କ ନାଁ ନ ଥିଲା। ଏହାପରେ ଏକ ସପ୍ଲିମେଣ୍ଟାରି ତାଲିକା ବାହାରିବ ଏବଂ ସେଥିରେ ଏମାନଙ୍କ ନାଁ ରହିବ ବୋଲି ଆଶାୟୀମାନଙ୍କ ମନରେ ଅଭିଯୁକ୍ତମାନେ ବିଶ୍ୱାସ ଜନ୍ମାଇଥିଲେ। ବୈକୁଣ୍ଠ ନାୟକ ନିଜକୁ ଗୃହ ବିଭାଗର ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର୍ ଏବଂ ଭୀମସେନ୍ ମହାରଣା ଗୃହ ବିଭାଗର ଜଣେ ବଡ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ସେମାନେ ଆଶାୟୀମାନଙ୍କୁ ଏକ ନକଲି ଆଇକାର୍ଡ ମଧ୍ୟ ଦେଖାଇଥିଲେ। ସେହିପରି ଅନ୍ୟ ୨ଜଣ ଅଭିଯୁକ୍ତ ମଧ୍ୟ ଗୃହ ବିଭାଗର ବଡ ଅଧିକାରୀ ଓ ତାଙ୍କର ନେତା, ମନ୍ତ୍ରୀଙ୍କ ସହ ସମ୍ପର୍କ ଅଛି ବୋଲି ଆଶାୟୀମାନଙ୍କୁ କହିଥିଲେ। ଆଶାୟୀମାନେ ଅଭିଯୁକ୍ତମାନଙ୍କୁ ବିଶ୍ୱାସ କରି ୨୦୨୦ରେ ବିଭିନ୍ନ ପର୍ଯ୍ୟାୟରେ ନଗଦ ଟଙ୍କା ଏବଂ ଅନ୍‌ଲାଇନ ମାଧ୍ୟମରେ ୧ କୋଟି ୪୭ ଲକ୍ଷ ଟଙ୍କା ଦେଇଥିଲେ। ତେବେ ଅଭିଯୁକ୍ତମାନେ ଟଙ୍କା ନେଇ ଫେରାର ହୋଇଯିବାରୁ ଆଶାୟୀମାନେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ।




ଗିରଫ ୨ ଅଭିଯୁକ୍ତ।

- ଅନ୍ୟ ୨ଜଣଙ୍କୁ ଖୋଜାଚାଲିଛି
- ଗୃହ ବିଭାଗର ବଡ଼ ଅଧିକାରୀ କହି ୩୮ ଆଶାୟୀଙ୍କୁ ଠକିଥିଲେ
- ନକଲି ଆଇକାର୍ଡ, ୧୨ ଏଟିଏମ୍ କାର୍ଡ, କାଗଜପତ୍ର ଜବତ

## ଜନ ଅଦାଲତରେ ଯୁବକଙ୍କୁ ହତ୍ୟା

### ସୀମାନ୍ତରେ ମାଓବାଦୀଙ୍କ ବର୍ବରତା

ମାଲକାନଗିରି,୧୨।୧୧(ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ କାଙ୍କେର ଜିଲାରେ ମାଓବାଦୀ ଜନ ଅଦାଲତ କରି ଜଣେ ଯୁବକଙ୍କୁ ପୋଲିସ ଖବରଦାତା ସନ୍ଦେହରେ ହତ୍ୟା କରିଛନ୍ତି। ତାଙ୍କ ନାମ ଦିନେଶ ନୁରେଟି। ଅନ୍ୟ ଜଣେ ଆହତ ହୋଇଛନ୍ତି। ଖବରରୁ ଜଣାପଡ଼ିଛି କାଙ୍କେର ଜିଲା କୋଇଲିବେଡ଼ା ଥାନା ଗଟ୍ଟାକାଲରେ ଗୁରୁବାର ମାଓବାଦୀମାନେ କରିଥିବା ଏହି ଜନ ଅଦାଲତରେ ୩ଟି ଗ୍ରାମର ଗ୍ରାମବାସୀଙ୍କୁ ଡକାଇଥିଲେ। ସେଠାରେ ୪୦ରୁ ଉର୍ଦ୍ଧ୍ୱ ମାଓବାଦୀ ସଶସ୍ତ୍ର ଉପସ୍ଥିତ ଥିଲେ। ଜନ ଅଦାଲତରେ ସଂଭାଲୁର ଗ୍ରାମର ଦିନେଶ ତାଙ୍କ ସାଥୀ ସନ୍ତୋଷ ନୁରେଟିଙ୍କ ସହ ମିଶି ରାମଲାଲ ନୁରେଟି ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଥିଲେ। ଏହି ଘଟଣା ନେଇ ମାଓବାଦୀ ଦିନେଶ ଓ ସନ୍ତୋଷଙ୍କୁ ଜନ ଅଦାଲତକୁ ଡକାଇ ନିସ୍ଠୁକ ମାଡ଼ ମାରିଥିଲେ। ଏଥିରେ ଦିନେଶଙ୍କ ମୃତ୍ୟୁ ହୋଇଯାଇଥିଲା। ସନ୍ତୋଷ ଆହତ ହୋଇଛନ୍ତି। ତେବେ ମୃତ୍ୟୁ ପୂର୍ବରୁ ଦିନେଶ ମାଓବାଦୀଙ୍କ ସମ୍ମୁଖରେ ସେ ପୋଲିସ ସୂଚନାଦାତା ବୋଲି ରାଜି ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଗ୍ରାମରେ ପୋଲିସ ପହଞ୍ଚି ନ ଥିବା ଜଣାପଡ଼ିଛି। ମୃତ ଦିନେଶ ମାଓବାଦୀଙ୍କ ସାଥୀ ଥିଲେ। ସେ ହତ୍ୟା, ଆକ୍ରମଣ ଭଳି ବହୁ ଘଟଣାରେ ଜଡିତ ଥିବା କାଙ୍କେର ଏସ୍‌ପି ପ୍ରକାଶ କରିଛନ୍ତି।

## ଦେଶର ଶିକ୍ଷା ବ୍ୟବସ୍ଥା ଶିଖରରେ ପହଞ୍ଚାଇବାକୁ ବଦ୍ଧପରିକର: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)



ନୂଆ ଜାତୀୟ ଶିକ୍ଷାନୀତି-୨୦୨୦ ସମେତ ବିଭିନ୍ନ ପଦକ୍ଷେପ ଦ୍ୱାରା ଭାରତର ଶିକ୍ଷା ବ୍ୟବସ୍ଥାକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଭାରତ ସରକାର ବଦ୍ଧପରିକର ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀ ଠାରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଡିପ୍ଲୋମାଟିକ୍ କନ୍‌କ୍ଲେଭରେ ଯୋଗଦେଇ ଶୁକ୍ରବାର ଧର୍ମେନ୍ଦ୍ର କହିଛନ୍ତି, ଭାରତର ଶିକ୍ଷା ବ୍ୟବସ୍ଥାକୁ ନୂତନ ଶିଖରରେ ପହଞ୍ଚିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଜାତୀୟ ଶିକ୍ଷାନୀତି ୨୦୨୦ (ଏନ୍‌ଇପି) ଆଧାରରେ ଥିବା ନୀତି ସଂରଚନାକୁ ସକ୍ରିୟ କରାଗଲେ ଶିକ୍ଷା ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଆସିପାରିବ। ସେହିପରି ଗୁଣାତ୍ମକ ଶିକ୍ଷାନୁଷ୍ଠାନ, ବିବିଧ ସଂସ୍କୃତି ସହିତ ସାମାଜିକ ଅନ୍ତର୍ଭୁକ୍ତୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହାସହ ଶିକ୍ଷା କ୍ଷେତ୍ରରେ ନବସୃଜନ, ଉଦ୍ୟୋଗୀ ଏବଂ ଅନ୍ତର୍ଜାତୀୟକରଣ ଉପରେ ଫୋକସ୍ ଦେବାକୁ ମଧ୍ୟ ସରକାରଙ୍କ ଯୋଜନା ରହିଛି। ଏହାଦ୍ୱାରା ଦେଶର ଶିକ୍ଷା ବ୍ୟବସ୍ଥା ନୂତନ ଶିଖରରେ ପହଞ୍ଚିପାରିବ। ବହୁ ପୁରାତନ କାଳରୁ ଭାରତ 'ବସୁଧୈବ କୁଟୁମ୍ବକମ୍'ରେ ବିଶ୍ୱାସକରି ଆସୁଛି। ବିଶ୍ୱର ନାଗରିକମାନଙ୍କୁ ପ୍ରସ୍ତୁତ କରିବା ଏବଂ ବୈଶ୍ୱିକ ଚ୍ୟାଲେଞ୍ଜ ଓ ଲକ୍ଷ୍ୟକୁ ହାସଲ କରିବା ପାଇଁ ମିଳିତ ଭାବେ ଆଲୋଚନା ମାଧ୍ୟମରେ କାର୍ଯ୍ୟ କରିବା ଜରୁରୀ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି କନ୍‌କ୍ଲେଭକୁ ୧୨୦ରୁ ଅଧିକ ଦେଶ ପ୍ରତିନିଧିତ୍ୱ କରୁଥିବା ଜାଣି ସେ ଖୁସିବ୍ୟକ୍ତ କରିଥିଲେ।

## ଚାକିରି ଦେବା ନାଁରେ ଠକେଇ: ୧୪ କୋର୍ଟ ଚାଲାଣ

ଭବାନୀପାଟଣା, ୧୨।୧୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଚାକିରି ଦେବା ନାଁରେ ଠକେଇ ଅଭିଯୋଗ ହୋଇଛି। ଶୁକ୍ରବାର ଟାଉନ ଥାନା ପୋଲିସ ୧୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ଠକ କମ୍ପାନୀର ମୁଖ୍ୟ ଭଦ୍ରକର ରାଜେଶ କୁମାର ମହାରଣା, ୨ ଅଣଓଡ଼ିଆଙ୍କ ସମେତ ୧୧ଜଣ ଅଭିଯୁକ୍ତ ରହିଛନ୍ତି। ଜିଲାର ବେକାର ଯୁବକଙ୍କୁ ଚାକିରି କରେଇ ଦେବା ନାଁରେ ୧୫ ହଜାର ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ବୋଲି କଳାହାଣ୍ଡି ଏସ୍‌ପି ଶ୍ରବଣ ବିକେ ଏମ୍ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ପୋଲିସ ଏସ୍‌ଆଇ

ଅନୁଗୋଳ ଅଫିସ/ ବନ୍ତଲା, ୧୨।୧୧: ଅନୁଗୋଳ ଜିଲା ବନ୍ତଲା ଥାନା ଏସ୍‌ଆଇ ପ୍ରମୋଦ କୁମାର ନାଏକ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ଜବତ ବାଇକ୍ ଥାନାରୁ ଛାଡ଼ିଦେବାକୁ ୬ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଲାଞ୍ଚ ଟଙ୍କା ଜବତ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଅନୁଗୋଳ ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ସାମଲ ସୂଚନା ଦେଇଛନ୍ତି। ଏଥିସହ ବନ୍ତଲାରେ ଥିବା ସରକାରୀ କ୍ୱାର୍ଟର୍ସ ଓ ବ୍ରହ୍ମପୁରସ୍ଥିତ ପୈତୃକ ଘରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବନ୍ତଲା ଥାନାରେ ଥିବା ଏକ ମାମଲାରେ ପୋଲିସ ଗୋଟିଏ ମୋଟର ସାଇକେଲ ଜବତ କରିଥିଲା। ଉକ୍ତ ଗାଡ଼ିକୁ ଛାଡ଼ିଦେବାକୁ କବିତା ନାଏକଙ୍କୁ ୬ ହଜାର ଟଙ୍କା ଏସ୍‌ଆଇ ପ୍ରମୋଦ ଲାଞ୍ଚ ମାଗିଥିଲେ। ଏ ନେଇ କବିତା ଅନୁଗୋଳ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତେଣୁ ପୂର୍ବ ପ୍ରସ୍ତୁତି ମୁତାବକ କବିତା କେମିକାଲ ବୋଳା ଟଙ୍କା ଏସ୍‌ଆଇ ପ୍ରମୋଦଙ୍କୁ ଦେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଏ ନେଇ ଅନୁଗୋଳ ଭିଜିଲାନ୍ସ ବିଭାଗରେ ନଂ. ୨୫/୨୧ରେ ମାମଲା ରୁଜୁ କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
We urgenty required Telecaller & Marketing Executive for our office with Salary- 5000/- + Incentive 5%. SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.
9937605788 (M)

Architectural 3D designer required with experience in Model design, 3D max with V Ray, Auto CAD.
SALARY BEST IN THE INDUSTRY
HORIZON DESIGN
BHUBANESWAR
9437034081, 8144398634

Urgent Required
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8448123162

NUHASS REQUIRED
Urgently one DEVELOPMENT OFFICER (Ladies only) for our OFSDP, Phase-II Project at Belpahar, Jharsuguda. Qualification: MSW/MRM/BSC Agriculture. Minimum 3 years experience required.
Contact: 9437041228

INTERVIEW
Company is located in New Industrial Estate, Jagatpur, Cuttack into the Business of Manufacturing Consumer goods. Required Candidates for the Following Positions:
1. ACCOUNTANT having knowledge of GST, EPF, ESI filings. Well versed in English, Computer, MS-Office and ERP Softwares.
2. SALES OFFICE (Preferably having experience in FMCG)
3. LOGISTICS HEAD for Despatches.
Interested candidates can mail their CV to
infojobapplication21@gmail.com
The last date for application is 17.11.2021

ଭୁବନେଶ୍ୱରସ୍ଥିତ
PETROL PUMP ରେ
ତେଲ ପକାଇବା ନିମନ୍ତେ
ମହିଳା ପ୍ରାର୍ଥୀ ଆବଶ୍ୟକ।
ଦରମା : ୧୩,୦୦୦/-
ବୟସ : ୨୨ ରୁ ୩୫ ବର୍ଷ
ଯୋଗାଯୋଗ : 6370950474
ସମୟ (ସକାଳ ୧୦ ଠାରୁ - ସନ୍ଧ୍ୟା ୫ଟା)

URGENTLY REQUIRED
DATA ENTRY OPERATOR / BACK OFFICE EXECUTIVE / CLERICAL Staff for Govt. & Non-Govt. Offices as Contractual basis.
7749835947 / 7205535921

GANGADHAR MEHER UNIVERSITY
Amruta Vihar, Sambalpur-768004
No- 7274/GMU/2*A-03/2021-22
WALK-IN-INTERVIEW
ENGAGEMENT OF GUEST FACULTIES
Gangadhar Meher University, Amruta Vihar, Sambalpur is going to conduct Walk-in -Interview for engagement of guest faculties on temporary basis for regular courses (Botany, Commerce, Economics & Sociology) and for self-financing courses (B.Sc IST, M.Sc ETC, BBA, MBA, MBA FM, Integrated B.Ed). Interested eligible candidates are required to attend the interview at 11 AM on 22.11.2021 with their CV, two passport size photographs and photocopies of all certificates along with original certificates and testimonials. Candidates may also visit the university website www.gmuniversity.ac.in for details.
Sd./- Registrar

ADMISSION NOTICE
Interested candidaets fulfilling the following eligibility criteria are required to remain present on the date, time and venue mentioned below with all necessary documents/ testmonials for admission into the following self financing programmes of the university.
GANGADHAR MEHER UNIVERSITY, SAMBALPUR

| SL. NO. | PROGRAM | ANNUAL COURSE FEE | ELIGIBILITY |
|---|---|---|---|
| 1 | MBA-FM (Financial Management) | Rs.30,000/- | CPET rank holders in MBA-FM/ MBA OR Rank holders of OJEE, MAT, CAT & other National Level Entrance Examination for Management |
| 2 | MSc (ETC) (Electronics & Telecommunications) | Rs.35,000/- | CPET rank holders in MSC. ETC |

Date: 18.11.2021 Time: 10 A.M. to 1 P.M.
* For details visit the university website http://www.gmuniversity.ac.in/
* Contact No.- 9861283124, 7008484609, 9853132904
Sd./- Registrar

SAMBALPUR UNIVERSITY
Jyoti Vihar- 768019, Dist.- Sambalpur, Odisha
No.6575/Estt-I Date 12.11.2021
NOTIFICATION
Nominations in favour of person(s) belonging to the territorial jurisdiction of Sambalpur University (i.e. Sundargarh, Deogarh, Jharsuguda, Sambalpur, Bargarh, Boudh & Athmallick Sub-Division of Angul District) are invited from Recognized Organizations working in the fields of Social / Cultural / Literary / Education / Science & Technological and other such area of distinction for felicitation on the occasion of Celebration of 55th Foundation Day of this University.
Persons, so nominated, should be distinguished in their field and should have remarkable Contribution for development of Literature, Art, Culture, Education, Science, Technology, Social Work, Games & Sports or other such fields.
While sending the nomination, Biodata of the person(s) concerned along with an elaboration of the outstanding activities / achievements shall be submitted by the recognized Registered Organizations in sealed cover superscribed with "NOMINATION FOR AWARD OF RECOGNITION BY SAMBALPUR UNIVERSITY ON THE FOUNDATION DAY" so as to reach the undersigned latest by 05.00 P.M. on dated 04.12.2021.
Sd./- Registrar
Date 12.11.2021

Odisha Hydropower Corporation Ltd.
Office of the Project Administrator
Unit: Upper Indravati Hydroelectric Project (Civil Wing)
At/PO: Khatiguda - 764085 Dist. Nabarangpur (Odisha)
Email: cceuihep@gmail.com; Tel. 06858-224211/224307
CIN: 40101OR1995SGC063963
III/Estt/Misc/21/3296 Dt. 10.11.2021
ADVERTISEMENT
No. CAD-1796: Applications in plain papers are invited from eligible candidates having requisite qualification as mentioned below for engagement as Lady Assistant Surgeon in Upper Indravati Project Hospital, Khatiguda, Dist. Nabarangpur on annual contract basis on monthly remuneration of Rs.65,000/- + Rs.20,000/- place based incentive (Rupees eighty-five thousand) only. In case of non availability of fresh candidates, the applications of Retired Physicians/Specialists, below 69 years of age will also be considered. Applications alongwith complete bio data and attested copies of academic, experience certificate if any should reach this office by Regd. Post / Speed Post on or before 26.11.2021. Application received in incomplete shape or after the due date shall not be entertained. Retired candidates shold furnish a photo copy of the last page of the SB / retirement notice in which the fact of retirement has been recorded.
Accommodation as per OHPC Rules will be provided to the selected Asst. Surgeon in the Project colony subject to availability of Qrs.

| Name of the Post | Eligibility | No. of Posts. | Term of Contract |
|---|---|---|---|
| Lady Assistant Surgeon (Contractual) | MBBS degree recognized by Medical Council of India | 01 (one) | One year from the date of joining |

Documents required: 1- Bio data; 2- Self attested copies of Academic Certificates & Mark lists (HSC & Above); 3- Self attested Passport Size photo - 2 nos.; 4- Experience certificate, if any; 5- Copy of Registration No. for medical practice; 6- Copy of last page of SB/retirement notice in case of retired Surgeons.
OIPR-04027/11/0006/2122 Sd./- Chief Construction Engineer

GOVERNMENT OF ODISHA
Fisheries & Animal Resources Development Department
Odisha Secretariat, Bhubaneswar
QUOTATION CALL NOTICE
Advertisement No. Dt.
No.M-48:- Sealed quotations / tenders are invited from interested Travel Agencies/ Tour Operators/ Private Individuals with valid GST registration for providing one number of AC (Petrol) Swift Dzire Driven Vehicle including the Driver for official use in Fisheries & ARD Department, Odisha Loka Seva Bhawan, Bhubaneswar on monthly rent basis. The date & time for submission of the Sealed Tenders is latest by 24.11.2021 upto 5 P.M. For details, visit the 'All Tenders Link' of Government of Odisha Website "http://www.odisha.gov.in".
Sd./- Deputy Secretary to Government
Fisheries & ARD Department
OIPR-06001/11/0006/2122

OFFICE OF THE HEADMASTER
GOVT. U.P. SCHOOL & KASTURBA GANDHI BALIKA VIDYALAYA, LAHUNIPARA
At/Po/Ps.: Lahunipara, Dist : Sundargarh, Pin-770040 (Odisha)
Tender Call Notice
Sealed Tenders are invited from the registered and reputed firms and manufacturers having GST No. for the supply of items like Grocery, Cosmetics, Sanitary, Office & Students Stationery, Sleeper and Dress materials to the KASTURABA GANDHI BALIKA VIDYALAYA, Lahunipara Govt.U.P. School, Lahunipara, for December 2021 to November 2022. Item wise tender form along with related information can be obtain from the office of the undersigned in between 11 AM to 4 PM of any working day from 13.11.2021 to 20.11.2021 on cash payment of Rs.100/- only which is non-refundable. The Tender completed in all respect along with requisite EMD money in the shape of Bank draft drawn in favour of the Headmaster and President KGBV, Lahunipara Govt. U.P. School, Lahunipara. The tender forms should be submitted through speed / registered post only. Tenders submitted without EMD will be summerarily rejected. The last date of Receive of the tender from is up to 3 PM of 27.11.2021. The tender will be open on 30.11.2021 at 2.30 PM in the school office in presence of Tenderers. The KGBV purchase committee reserves the right to accept or reject the tender in the whole or in part without assigning any reason thereof. Selection of tender doesn't conferred any rights on the part of the supplier for compulsory supply. The KGBV, Lahunipra Govt. U.P. School reserves all the rights to purchase the items as per requirement from time to time and also have the liberty to procure any items from the open market if the same is available with less price then the quoted rate due to fluctuation of prices.
Sd/- Headmistress, KGBV, Lahunipara Govt. U.P. School.

ODISHA JOINT ENTRANCE EXAMINATION-2021 (OJEE - 2021)
No: OJEE / 425 DATE : 10.11.2021
Notice regarding Medical Board for Physically Challenged (PC) Candidates Seeking Admission to MBBS / BDS and B. Pharm Courses under OJEE – 2021
No. CAD-1806:- The Physically Challenged (PC) Category Candidates having valid NEET (UG) 2021 and/or OJEE 2021 ranks, who are interested to take admission in PC category in courses of MBBS / BDS and/or B. Pharm in OJEE counselling, are required to attend the Medical Board at LT – II, SCB Medical College, Cuttack on 15.11.2021 and 16.11.2021 at 10.00 AM positively.
Candidates are required to bring their Admit card/ Rank Card and Photo Identity Card to the Medical Board.
The proceedings of the Medical Board shall be conducted strictly following the COVID – 19 guidelines. Candidates must report at the Board with 3 ply cotton masks, gloves, personal sanitisers etc.
Decision of the Medical Board is final and binding. Admission to PC category will be made only as per the recommendations of this Board.
Sd./- CHAIRMAN, OJEE
Odisha
OIPR-14020/11/0020/2122

COUNCIL OF HIGHER SECONDARY EDUCATION, ODISHA
PRAJNAPITHA, SAMANTAPUR, BHUBANESWAR-751013
Website: www.chseodisha.nic.in
No. N-37:-
NOTIFICATION
AWARD OF SCHOLARSHIP TO MERITORIOUS STUDENTS UNDER CENTRAL SECTOR SCHEME (Fresh & Renewal)
Bhubaneswar, dated. 11th November, 2021
No. SW 608/21/6074/CHSE, The Department of Higher Education, Govt. of India have made provision for 2736 (Two thousand seven hundred thirty six) Nos. scholarships under Central Sector Scheme of Scholarship for College and University students for eligible CHSE pass outs students in Annual H.S. Examinations 2021 in Science, Commerce and Humanities Streams with reservation for SCs 15%, STs 7.5%, OBCs 27% and horizontally 5% for P.H./PwDs. The rate of Scholarship is Rs.10000/- (Ten Thousand) per annum at Graduation Level for first three years of College and University course and Rs.20000/- (Twenty thousand) per annum at Post Graduation level.
Name of the Scholarship: CENTRAL SECTOR SCHEME OF SCHOLARSHIP FOR COLLEGE AND UNIVERSITY STUDENTS.
1. Eligibility and Guideline
For detailed information please visit the website (NSP) www.scholarships.gov.in
A. Students who are in the Top 20th percentile of successful candidates in the Annual Highter Secondary Examination 2021 conducted by the CHSE, Odisha are eligible to apply through National Scholarship Portal www.scholarships.gov.in.
(Students pursuing Higher Education through Distance mode/Correspondence Course and Diploma Course are not eligible to apply for this Scholarship.)
B. Cut off marks (of Top 20th Percentile) are as follows:

| Sl. No. | Stream | Cut off marks |
|---|---|---|
| 01 | ARTS | 342 |
| 02 | SCIENCE | 465 |
| 03 | COMMERCE | 402 |

C. She/He has to pursue highter studies in any College/Institution/University during 2021-22 as a regular student.
D. It is necessary that all students, who are eligible for scholarship, need to apply with Aadhaar Number which is seeded with Bank Account.
E. The income limit of the parents from all sources shall not exceed Rs.8,00,000/- (Rupees Eight Lakh only).
F. The students, already availing the scholarship are instructed to submit their renewal applications for the subsequent year (i.e. 1st renewal, 2nd renewal, 3rd renewal and 4th renewal for the students admitted in the year 2020, 2019, 2018, 2017 respectively) within the scheduled date on-line.
Renewal applications sent directly to the Ministry of Education, New Delhi shall not be accepted. Detailed eligibility for renewal is available in the said website.
G. The Students availing any other Scholarship are not eligible to avail this Scholarship.
Last date for submission of online applicaiton for fresh and renewal is 30.11.2021.
For further details please visit the website www.scholarships.gov.in
By order of the Chairman
Sd./- Secretary
OIPR-11003/11/0002/2122

ଭାରତର ପ୍ରକୃତ ନିୟତି ହେଉଛି – ସେ ଦିନେ ବିଶ୍ୱର ଗୁରୁ ହେବ।.. ସେଥିପାଇଁ ଭାରତକୁ ତା'ର ଆଦର୍ଶର ଉଚ୍ଚତମ ଶିଖରକୁ ଉଠିବାକୁ ହେବ ଏବଂ ବିଶ୍ୱକାନରେ ପରମ ସତ୍ୟକୁ ଘୋଷଣା କରିବାକୁ ହେବ। –ଶ୍ରୀମା



# ବିକଳ୍ପ ଯୋଜନା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗତବର୍ଷ କୋଭିଡ୍‌-୧୯ ସଂକ୍ରମଣ ଶୀର୍ଷକୁ ଛୁଇଁବା ସମୟରେ ଗୁଜରାଟ ସରକାର ସବୁଠୁ ବେଶି ପ୍ରଭାବିତ ଅଞ୍ଚଳରେ ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ ମେଡିକାଲ ସାଇନ୍ସ ଡିଗ୍ରୀଧାରୀ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲେ। ରାଜ୍ୟରେ ସୃଷ୍ଟି ହୋଇଥିବା ଜରୁରିକାଳୀନ ଭଳି ସ୍ଥିତିକୁ କାବୁ କରିବା ସକାଶେ ଉଭୟ ଚିକିତ୍ସା ତଥା ପ୍ରଶାସନିକ ଦକ୍ଷତାସମ୍ପନ୍ନ ଅଧିକାରୀମାନଙ୍କୁ କାର୍ଯ୍ୟରେ ଲଗାଇବା ଦ୍ୱାରା ରାଜ୍ୟକୁ ବି ଲାଭ ମିଳିଥିଲା। ତେବେ ଏହାକୁ ଦୃଷ୍ଟିରେ ରଖି ମଧ୍ୟପ୍ରଦେଶ ସରକାର ରାଜ୍ୟରେ ୧୩ଟି ମେଡ଼ିକାଲ କଲେଜକୁ ଚଳାଇବା ଲାଗି ଆଇଏଏସ୍ ଅଧିକାରୀମାନଙ୍କୁ ନିଯୁକ୍ତି ଦେବା ଲାଗି ଏକ ଯୋଜନା କରିଛନ୍ତି। ଏହାକୁ ଡାକ୍ତରମାନେ ସ୍ୱାଗତ କରିନାହାନ୍ତି ଓ ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ବାବୁମାନେ ଅସ୍ୱୀକାର କରିଛନ୍ତି। ରାଜ୍ୟ ମେଡ଼ିକାଲ ଶିକ୍ଷା ମନ୍ତ୍ରୀ ବିଶ୍ୱାସ ସାରଙ୍ଗ ସତର୍କତାର ସହ ମାପିଚୁପି କହିଛନ୍ତି, ପ୍ରସ୍ତାବ ସମ୍ପର୍କରେ ଅନୁଧ୍ୟାନ କରାଯାଉଛି ଏବଂ ଭାବିଚିନ୍ତି ନିଷ୍ପତ୍ତି ନିଆଯିବ। ନିକଟରେ ଭୋପାଳ ହସ୍ପିଟାଲ୍ ଅଗ୍ନିକାଣ୍ଡରେ ୪ ଶିଶୁଙ୍କ ମୃତ୍ୟୁ ଘଟିବା ପରେ ଏହା ରାଜ୍ୟ ହସ୍ପିଟାଲ ପ୍ରଶାସନର ଧ୍ୟାନ ଆକର୍ଷଣ କରିଛି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ବାଧ୍ୟ ହୋଇ ରାଜ୍ୟର ସବୁ ସରକାରୀ ଓ ବେସରକାରୀ ହସ୍ପିଟାଲରେ ଅଗ୍ନି ସୁରକ୍ଷା ଉପରେ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ମହମ୍ମଦ ସୁଲେମାନ ଏହା ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରୁଛନ୍ତି। ସେ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତୀୟ ରିପୋର୍ଟ ମୁଖ୍ୟ ଶାସନ ସଚିବ ଇକ୍‌ବାଲ ସିଂ ବେନ୍ସଙ୍କୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଏଭଳି ନିଯୁକ୍ତି ଦ୍ୱାରା ମେଡ଼ିକାଲ କଲେଜର ସ୍ଥିତିରେ କୌଣସି ଉନ୍ନତି ହେବ ନାହିଁ, ବରଂ ଆହୁରି ଖରାପ ହେବ ବୋଲି ମେଡିକାଲ ଗୋଷ୍ଠୀ ଆଶଙ୍କା ପ୍ରକାଶ କରିଛନ୍ତି।

### କୋର୍ଟରେ ସମୟ କଟୁଛି

ଉତ୍ତରାଖଣ୍ଡର ହ୍ୱିସିଲ ବ୍ଲୋୟର ବାବୁ ସଞ୍ଜୀବ ଚତୁର୍ବେଦୀ। ୨୦୦୨ ବ୍ୟାଚ୍‌ର ଏହି ଇଣ୍ଡିଆନ ଫରେଷ୍ଟ ସର୍ଭିସ( ଆଇଏଫ୍‌ଏସ୍) ଅଧିକାରୀଙ୍କୁ ସବୁବେଳେ ଚାରିପାଖରୁ ଶତ୍ରୁ ଘେରି ରହିଛନ୍ତି ଓ ସେ ଲଢ଼ିବାକୁ ମଧ୍ୟ ପ୍ରସ୍ତୁତ। ନିକଟରେ ତାଙ୍କୁ ହଲ୍‌ଦୱାନିରେ ମୁଖ୍ୟ ବନ ସଂରକ୍ଷକ ଭାବେ ନିଯୁକ୍ତ କରାଯାଇଛି। ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ(ସିଏଟି) ଗତବର୍ଷ ଡିସେମ୍ବରରେ ଦେଇଥିବା ଅର୍ଡରକୁ ଉତ୍ତରାଖଣ୍ଡ ହାଇକୋର୍ଟ ଖାରଜ କରିବା ପରେ କେନ୍ଦ୍ର ସହ ଲାଗିଥିବା ଦୀର୍ଘଦିନର ଲଢ଼େଇରେ ସେ ବିଜୟୀ ହୋଇଛନ୍ତି। ଚତୁର୍ବେଦୀ ମାଗାସେସେ ପୁରସ୍କାର ପାଇଛନ୍ତି ଓ ଦୁର୍ନୀତି ବିରୋଧରେ ସଂଗ୍ରାମ କରୁଛନ୍ତି। ସେ ଗତ ବର୍ଷ ସିଏଟିର ନୈନିତାଲ ବେଞ୍ଚରେ ପିଟିଶନ ଦାୟର କରିଥିଲେ। ଯୁଗ୍ମ ସଚିବ ସ୍ତରୀୟ ପଦବୀର ଚୁକ୍ତିଭିତ୍ତିକ ଲାଟେରାଲ ନିଯୁକ୍ତିରେ କୌଣସି ଆଧାର ନ ଥାଇ ମନଇଚ୍ଛା କାର୍ଯ୍ୟ କରାଯିବା ଓ ସମ୍ପୂର୍ଣ୍ଣ ଅନିୟମିତତା ହୋଇଥିବା ପିଟିଶନରେ ଦର୍ଶାଇଥିଲେ। ଏହାର ତଦନ୍ତ ହେବା ଦରକାର ବୋଲି କହିଥିଲେ। ଟ୍ରିବ୍ୟୁନାଲ ପିଟିଶନର ଶୁଣାଣିକୁ ନୈନିତାଲ ବେଞ୍ଚରୁ ଦିଲ୍ଲୀର ପ୍ରିନ୍ସିପାଲ ବେଞ୍ଚକୁ ସ୍ଥାନାନ୍ତର କରିଥିଲେ। ହେଲେ ହାଇକୋର୍ଟ ଏହାକୁ ନାପସନ୍ଦ କରିଛନ୍ତି। ଯେହେତୁ ସବୁ ବେଞ୍ଚ ସମାନ ସେଥିପାଇଁ ଦିଲ୍ଲୀ ବେଞ୍ଚକୁ କେସ୍ ସ୍ଥାନାନ୍ତର କରିବାର କୌଣସି କାରଣ ନ ଥିଲା ବୋଲି କୋର୍ଟ କହିଛନ୍ତି। ଚତୁର୍ବେଦୀଙ୍କ କ୍ୟାରିୟରର ଅଧିକାଂଶ ସମୟ କୋର୍ଟରେ କଟିଆସୁଛି କିମ୍ବା କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ସରକାରଙ୍କ ସହ ଲଢ଼େଇରେ ବିତୁଛି। ହରିୟାଣାରେ ବନ ବିଭାଗ ମାମଲାରେ ସେ ଜଣେ ହ୍ୱିସିଲ ବ୍ଲୋୟର ଥିଲେ ଏବଂ ପରେ କେନ୍ଦ୍ରରେ ଏଆଇଆଇଏମ୍‌ଏସ୍‌ର ଚିଫ୍ ଭିଜିଲାନ୍ସ ଅଫିସର ହୋଇଥିଲେ। ସେହି ସମୟରେ ସେ ଅନେକ ଆର୍ଥିକ ହେରଫେର୍‌ର ପର୍ଦ୍ଦାଫାଶ କରିଥିଲେ। ଏବେ ସେ ଜିମ୍ କର୍ବେଟ ବ୍ୟାଘ୍ର ଅଭୟାରଣ୍ୟରେ ଗଛକଟା ଏବଂ ବେଆଇନ ନିର୍ମାଣ ଅଭିଯୋଗରେ ଅଧିକାରୀମାନଙ୍କ ଭୂମିକା ସମ୍ପର୍କରେ ତଦନ୍ତ କରୁଛନ୍ତି। ତାଙ୍କର ଏଭଳି ଲଢେଇ ମଧ୍ୟ ଆଗକୁ ଜାରି ରହିବ।

### ନୂଆ ନିଯୁକ୍ତି

ଆସନ୍ତା ବର୍ଷ ପ୍ରାରମ୍ଭରେ ବିଦେଶ ସଚିବ ହର୍ଷ ଶ୍ରିଙ୍ଗଲା ଅବସର ନେବେ। ଏହା ପୂର୍ବରୁ ଏବେ କୂଟନୀତିକ ନୂତନ ନିଯୁକ୍ତିରେ ବଡ଼ଧରଣର ଅଦଳବଦଳରେ ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ)ବେଶ୍ ଉତ୍ସାହୀ ରହିଛି। ତେବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହିତ ଦୀର୍ଘଦିନ ଧରି ସଫଳତାର ସହ କାର୍ଯ୍ୟ କରିଥିବା ଶ୍ରିଙ୍ଗଲା ଅବସର ଗ୍ରହଣ କରିବେ ନା ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବ ତାହା ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ପଷ୍ଟ ହୋଇନାହିଁ। ଶ୍ରିଙ୍ଗଲାଙ୍କ ପରେ ବରିଷ୍ଠତା ଦୃଷ୍ଟିକୋଣରୁ ଇଂଲଣ୍ଡରେ ଥିବା ହାଇକମିଶନର ଗାୟତ୍ରୀ ଇସାର କୁମାରଙ୍କ ନାମ ଆଗକୁ ଆସୁଛି। କିନ୍ତୁ ଜୟଶଙ୍କର ଏସବୁ ବିଷୟରେ ଭଲ ଭାବେ ଅବଗତ ଥିବାରୁ ଏବେ କୌଣସି କଥାକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ। ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ନିଯୁକ୍ତି ଉପରେ ଧ୍ୟାନ ଦିଆଯାଇଛି। ୟୁଏଇ ଆମ୍ବାସାଡର ପବନ କପୁର ରୁଷିଆରେ ଆମର ଆମ୍ବାସାଡର ହେବେ ଓ କପୁରଙ୍କ ଜାଗାରେ ସଞ୍ଜୟ ସୁଧୀରଙ୍କୁ ଅବପସ୍ଥାପିତ କରାଯାଇଛି। ସୁଧୀର ମାଳଦ୍ୱୀପର ହାଇ କମିଶନର ଥିଲେ ଓ ତାଙ୍କ ସ୍ଥାନରେ ଓମାନ୍‌ରେ ଥିବା ଆମ୍ବାସାଡର ମୁନୁ ମାହାୱର ଅବସ୍ଥାପିତ ହୋଇଛନ୍ତି। ଏହି ସମୟରେ ଇଣ୍ଡିଆନ କାଉନ୍‌ସିଲ ଫର୍ କଲ୍‌ଚରାଲ ରିଲେସନ(ଆଇସିସିଆର) ମହାନିର୍ଦ୍ଦେଶକ ଦିନେଶ ପଟ୍ଟନାୟକ ସ୍ପେନ୍‌ରେ ଆମ୍ବାସାଡର ଭାବେ ନିଯୁକ୍ତି ପାଇଛନ୍ତି। ଏହାବାଦ୍ ସେକ୍ରେଟାରି କନସୁଲର ପାସ୍‌ପୋର୍ଟ ଭାବେ କାର୍ଯ୍ୟରତ ବିକାଶ ସଞ୍ଜୟ ଭଟ୍ଟାଚାର୍ଯ୍ୟ ସୁଇଜରଲାଣ୍ଡରେ ଆମ୍ବାସାଡର ହେବା ସମ୍ଭାବନା ରହିଛି। ଆଗାମୀ ଦିନରେ ଏମ୍‌ଇଏରେ ଆହୁରି କିଛି ମନ୍ଥନ ଦେଖିବାକୁ ମିଳିବ।

Email: dilipcherian@gmail.com

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 3 | 7 | | | 4 |
| 7 | | | | | | | 9 | 5 |
| | 3 | | | | | | 2 | 6 |
| | 1 | | | | | | | 7 |
| | 4 | | | | | 8 | | |
| 9 | | 7 | | | | 2 | 5 | |
| | | | 3 | 9 | | | | 2 |
| | 5 | | | | 1 | 9 | | |
| 6 | | | | 8 | | | 4 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 8 | 4 | 5 | 3 | 1 | 7 | 2 |
| 4 | 7 | 1 | 9 | 8 | 2 | 3 | 5 | 6 |
| 3 | 2 | 5 | 1 | 6 | 7 | 9 | 8 | 4 |
| 2 | 8 | 6 | 5 | 3 | 1 | 7 | 4 | 9 |
| 1 | 4 | 9 | 7 | 2 | 6 | 8 | 3 | 5 |
| 7 | 5 | 3 | 8 | 4 | 9 | 2 | 6 | 1 |
| 9 | 3 | 4 | 6 | 1 | 8 | 5 | 2 | 7 |
| 8 | 6 | 7 | 2 | 9 | 5 | 4 | 1 | 3 |
| 5 | 1 | 2 | 3 | 7 | 4 | 6 | 9 | 8 |

ଗତ କାଲିର ଉତ୍ତର

# ତୈଳ ଦର ହ୍ରାସ : ଉପହାର ନା ପ୍ରତାରଣା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ସଦ୍ୟ ସମାପ୍ତ ବିଭିନ୍ନ ରାଜ୍ୟର ଉପନିର୍ବାଚନରେ ଦରବୃଦ୍ଧି ବିରୋଧରେ ଜନ ଅସନ୍ତୋଷକୁ ଦେଖି କେନ୍ଦ୍ରର ମୋଦି ସରକାର ପେଟ୍ରୋଲ, ଡିଜେଲ ଉପରେ ଉତ୍ପାଦନ ଶୁଳ୍କକୁ କମାଇବାକୁ ବାଧ୍ୟ ହୋଇଛନ୍ତି। ଉତ୍ପାଦନ ଶୁଳ୍କ ହ୍ରାସ ଫଳରେ ଗତ ଛଅ ମାସ ଧରି ଲଗାତର ଭାବେ ବଢ଼ି ଚାଲିଥିବା ପେଟ୍ରୋଲ ଓ ଡିଜେଲ ଦରରେ ରୋକ୍ ଲାଗି ସାମାନ୍ୟ ଦର ହ୍ରାସ ପାଇବା ଦେଖାଯାଇଛି। କେନ୍ଦ୍ରର ନିଷ୍ପତ୍ତି ପରେ ଓଡ଼ିଶା ସମେତ କିଛି ରାଜ୍ୟ ସରକାର ମଧ୍ୟ ପେଟ୍ରୋଲ, ଡିଜେଲ ଉପରେ ନେଉଥିବା ଭାଟ୍‌କୁ କିଛି ପରିମାଣରେ କମାଇବାକୁ ବାଧ୍ୟ ହୋଇଛନ୍ତି। ଦୀପାବଳିର ଠିକ୍ ପୂର୍ବରୁ ପେଟ୍ରୋଲ, ଡିଜେଲ ଦର ଉପରେ ସରକାରଙ୍କ ଏହି ମୂଲ୍ୟହ୍ରାସକୁ ଦେଶବାସୀଙ୍କୁ 'ଦୀପାବଳି ଉପହାର' ବୋଲି ପ୍ରଚାର କରାଯାଇଛି। ମହାମାରୀ ଯୋଗୁ ଭୟଙ୍କର ଆର୍ଥିକ ସଙ୍କଟରେ ରହିଥିବା ଦେଶର ସାଧାରଣ ଜନତାଙ୍କ ପାଇଁ ସରକାରଙ୍କ ଏହି ପଦକ୍ଷେପଟି ହୁଏତ ସାମାନ୍ୟ ଆଶ୍ୱସ୍ତି ଆଣିବ। କିନ୍ତୁ ଏହାକୁ କଦାପି ଉପହାର କୁହାଯାଇ ନ ପାରେ। କାରଣ ସରକାରଙ୍କ ଦରହ୍ରାସ ସତ୍ତ୍ୱେ ଆଜି ବି ଦେଶର ଅଧିକାଂଶ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ଶହେ ପାଖାପାଖି ରହିଛି। ଏବେ ମଧ୍ୟ ଭାରତରେ ପେଟ୍ରୋଲ, ଡିଜେଲ ଦର ବିଶ୍ୱରେ ସବୁଠାରୁ ମହଙ୍ଗା ରହିଛି। ବରଂ ବିଶ୍ୱ ବଜାରରେ ଅଶୋଧିତ ତୈଳର ଦାମ୍ ଶସ୍ତା ହେବା ସତ୍ତ୍ୱେ ଗତ ସାତ ବର୍ଷ ଧରି ବାରମ୍ବାର ଟିକସ ବଢ଼ାଇ ସରକାର ସାଧାରଣ ଜନତାଙ୍କୁ ଯେଉଁଭଳି ଲୁଟିଛନ୍ତି, ବର୍ତ୍ତମାନ ସାମାନ୍ୟ ଦରହ୍ରାସ କରି ଜନଗଣଙ୍କ ଉପରେ ଲୁଟ୍‌ର ମାତ୍ରାକୁ ସାମାନ୍ୟ କମ୍ କରିଛନ୍ତି ବୋଲି ହିଁ କହିବା ଠିକ୍‌ହେବ।

ଦେଶରେ ପେଟ୍ରୋଲ ଓ ଡିଜେଲର ଆକାଶଛୁଆଁ ଦରବୃଦ୍ଧି ପଛରେ ସବୁଠାରୁ ବଡ଼ କାରଣ ହେଉଛି, କେନ୍ଦ୍ର ସରକାର ନେଉଥିବା ଉତ୍ପାଦ ଶୁଳ୍କ ଓ ସେସ୍। ସେହି କାରଣରୁ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦନ ଶୁଳ୍କକୁ ଯଥାକ୍ରମେ ୫ ଟଙ୍କା ଓ ୧୦ ଟଙ୍କା ମାତ୍ର ହ୍ରାସ କରି ତା'ର ଦର କମାଇବାକୁ ଚେଷ୍ଟା କରିଛନ୍ତି। ଗତ ବର୍ଷ ମହାମାରୀ ସମୟରେ ମାର୍ଚ୍ଚ ଓ ମଇ ମାସରେ ସରକାର ଦୁଇ ଦୁଇ ଥର ଉତ୍ପାଦନ ଶୁଳ୍କରେ ବୃଦ୍ଧି କରିଥିଲେ। ଏହି ଅସ୍ୱାଭାବିକ ବୃଦ୍ଧି ଫଳରେ ପେଟ୍ରୋଲ ଓ ଡିଜେଲ ଦରରେ ଯଥାକ୍ରମେ ୧୩ ଟଙ୍କା ଓ ୧୬ ଟଙ୍କା ବୃଦ୍ଧି ଘଟିଥିଲା। ଶତକଡ଼ା ହାରରେ ତାହା ୬୫% ଓ ୭୯% ବୃଦ୍ଧି ଥିଲା। ଦେଖିବାକୁ ଗଲେ, ସରକାର ୨୦୧୪ରୁ ୨୦୨୦ ମଧ୍ୟରେ ପେଟ୍ରୋଲ ଉପରେ ଉତ୍ପାଦନ ଶୁଳ୍କ ଟ. ୯.୪୫ରୁ ଟ. ୩୨.୯୦କୁ ଏବଂ ଡିଜେଲ ଉପରେ ଟ. ୩.୮୬ରୁ ଟ. ୨୮.୩୫କୁ ବୃଦ୍ଧି କରିଛନ୍ତି। ସଦ୍ୟତମ ଶୁଳ୍କ ହ୍ରାସ ପରେ ମଧ୍ୟ ଆମେ ଏବେ ପେଟ୍ରୋଲରେ ଟ.୨୭.୯ ଓ ଡିଜେଲରେ ଟ.୧୮.୩୫ ଶୁଳ୍କ ଦେଉଛେ। ଅତଏବ ବର୍ତ୍ତମାନ ଦରହ୍ରାସ ନାଁରେ ସରକାର ପୂର୍ବରୁ ନିଜେ କରିଥିବା ଦରବୃଦ୍ଧିର ଏକ ଛୋଟିଆ ଅଂଶକୁ ହିଁ କମାଇଛନ୍ତି।

ଗତ ଦୁଇବର୍ଷ ମଧ୍ୟରେ ହିଁ ପେଟ୍ରୋଲ ଓ ଡିଜେଲ ଦରରେ ଯଥାକ୍ରମେ ଟ. ୩୪ ଓ ଟ.୨୯.୫୦ ବୃଦ୍ଧି ହୋଇଛି। ପଶ୍ଚିମବଙ୍ଗ ନିର୍ବାଚନର ତୁରନ୍ତ ପରେ ଗତ ଛଅ ମାସ ମଧ୍ୟରେ ସରକାର ତୈଳଦରରେ ସର୍ବମୋଟ ୪୬ ଥର ବୃଦ୍ଧି କରିଛନ୍ତି। କେବଳ ଗତ ବର୍ଷକ ମଧ୍ୟରେ ଯଥାକ୍ରମେ ଟ.୨୬ ଓ ଟ.୨୫ ବୃଦ୍ଧି ହୋଇଥିବା ବେଳେ ଗତ ଅକ୍ଟୋବର ମାସ ମଧ୍ୟରେ ହିଁ ପେଟ୍ରୋଲ ଓ ଡିଜେଲର ଦରରେ ଯଥାକ୍ରମେ ଟ.୮.୧୫ ଓ ଟ.୯.୪୫ ବୃଦ୍ଧି କରିଛନ୍ତି। ଅତଏବ ସରକାର ଗତ ଅକ୍ଟୋବର ମାସରେ କରିଥିବା ଦରବୃଦ୍ଧିକୁ ବି ଏ ଯାଏ କମାଇ ପାରିନାହାନ୍ତି।

ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦନ ଶୁଳ୍କକୁ ବଢ଼ାଇ ହିଁ ସରକାର ଚଳିତ ବର୍ଷର ପ୍ରଥମ ଛଅ ମାସ ମଧ୍ୟରେ ରେକର୍ଡ ଆୟ କରିଛନ୍ତି। ମହାମାରୀର ପୂର୍ବ ଛଅ ମାସ ମଧ୍ୟରେ ସରକାର ଯେତିକି ଶୁଳ୍କ ଆଦାୟ କରିଥିଲେ, ତା'ଠାରୁ ୭୯% ଅଧିକ ଶୁଳ୍କ ଗତ ଛଅ ମାସ ମଧ୍ୟରେ ଆଦାୟ କରିଛନ୍ତି। କମ୍ପ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍‌ଙ୍କ ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକବର୍ଷର ପ୍ରଥମ ଛଅ ମାସ ମଧ୍ୟରେ ଅର୍ଥାତ୍ ମହାମାରୀ ଶୀର୍ଷରେ ଥିବା ସମୟରେ ସରକାର ତୈଳ ବାବଦରେ ୧.୭୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଅଥଚ ମହାମାରୀର ପୂର୍ବରୁ ଦେଶ ସ୍ୱାଭାବିକ ଅବସ୍ଥାରେ ଥିବାବେଳେ ୨୦୧୯-୨୦ର ପ୍ରଥମ ଛଅ ମାସ ମଧ୍ୟରେ ଏହି ସଂଗ୍ରହର ପରିମାଣ ଟ.୯୫,୯୩୦ କୋଟି ହିଁ ଥିଲା।

ମହାମାରୀର ପୂର୍ବ ବର୍ଷ ୨୦୧୯-୨୦ରେ ପେଟ୍ରୋଲ ଓ ଡିଜେଲ ବାବଦରେ କେନ୍ଦ୍ରର ମୋଟ ଶୁଳ୍କ ଆୟ ୨.୩୯ ଲକ୍ଷ କୋଟି ହୋଇଥିବା ବେଳେ ମହାମାରୀ ବର୍ଷ, ୨୦୨୦-୨୧ରେ ତାହା ୩.୮୯ ଲକ୍ଷ କୋଟିକୁ ବୃଦ୍ଧି ପାଇଥିଲା। ଅର୍ଥାତ୍ ମହାମାରୀ ସତ୍ତ୍ୱେ କେବଳ ଗୋଟିଏ ବର୍ଷରେ ସରକାରଙ୍କ ଶୁଳ୍କ ଆୟରେ ୧.୮ ଲକ୍ଷ କୋଟି ବୃଦ୍ଧି ଘଟିଥିଲା। ଅଥଚ ସରକାରଙ୍କ ସଦ୍ୟତମ ମୂଲ୍ୟହ୍ରାସ ଫଳରେ ତାଙ୍କର ଶୁଳ୍କ ଆୟରେ ମାତ୍ର ୪୦ ହଜାର କୋଟି ହ୍ରାସ ପାଇବାକୁ ଯାଉଥିବା ଜଣାପଡ଼ିଛି।

ସରକାରଙ୍କ ସଦ୍ୟତମ ଦର ହ୍ରାସର ନିଷ୍ପତ୍ତିଟି ଜନଗଣଙ୍କ ପ୍ରତି କୌଣସି ସମ୍ବେଦନତା କାରଣରୁ ନୁହେଁ, ବରଂ ସମ୍ପୂର୍ଣ୍ଣ ରାଜନୈତିକ ସ୍ୱାର୍ଥରେ ନିଆଯାଇଛି। ଯଦି ନିକଟରେ ସମାପ୍ତ ଉପନିର୍ବାଚନଗୁଡ଼ିକରେ ଭାଜପାର ପ୍ରଦର୍ଶନ ଭଲ ହୋଇ ନ ଥାନ୍ତା କିମ୍ବା ନିକଟ ଭବିଷ୍ୟତରେ ୟୁପି ସମେତ କେତେକ ରାଜ୍ୟର ନିର୍ବାଚନ ହେବାକୁ ନ ଥାନ୍ତା, ତା'ହେଲେ ବି ତେଲଦରରେ ହୁଏତ ଏଭଳି କୌଣସି ହ୍ରାସ ହୋଇ ନ ଥାନ୍ତା। ଦରଦାମ୍‌ର ବୋଝରୁ ଲୋକଙ୍କୁ ରିହାତି ନ ଦେଲେ ଆଗାମୀ ନିର୍ବାଚନ ବୈତରଣୀକୁ ଯେ ପାର କରିବା ସମ୍ଭବ ନୁହେଁ, ସେକଥା ସବୁଦଳ ବିଶେଷ କରି ଭାଜପାର ନେତାମାନେ ଭଲ କରି ବୁଝିଛନ୍ତି।

କ୍ଷମତାକୁ ଆସିବା ପୂର୍ବରୁ ଦେଶବାସୀଙ୍କୁ ପେଟ୍ରୋଲ, ଡିଜେଲ ଶସ୍ତାରେ ଦେବାକୁ ପ୍ରତିଶ୍ରୁତି ଦେଇଥିବା ମୋଦି ସରକାର ଏବେ ତାକୁ ହିଁ ନିଜର ଆୟର ମୁଖ୍ୟସୂତ୍ର କରିଦେଇଛନ୍ତି। କ୍ଷମତାକୁ ଆସିବା ପରେ ଯେଉଁ କାମଟିକୁ ସରକାର ସର୍ବାଗ୍ରେ କରିଛନ୍ତି, ତାହା ହେଲା ଡିଜେଲକୁ ନିୟନ୍ତ୍ରଣମୁକ୍ତ କରି ତାକୁ ବଜାରକୁ ହସ୍ତାନ୍ତର କରିବା ଏବଂ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଉପରେ ଦିଆଯାଉଥିବା ସବ୍‌ସିଡିକୁ ସମାପ୍ତ କରିବା। ଦର ସ୍ଥିର ରଖିବା ପାଇଁ ପୂର୍ବରୁ ରହିଥିବା ସବ୍‌ସିଡି ବ୍ୟବସ୍ଥାକୁ ସମାପ୍ତ କରି ଅଧିକରୁ ଅଧିକ ଟିକସ ବଢ଼ାଇବାର ପରିଣାମ ସ୍ୱରୂପ ଆଜି ଆମେ ବିଶ୍ୱର ସବୁଠାରୁ ମହଙ୍ଗା ଦରରେ ପେଟ୍ରୋଲ, ଡିଜେଲ କିଣୁଛେ।

ଗତ ସାତ ବର୍ଷ ଧରି ବିଶ୍ୱ ବଜାରରେ ଅଶୋଧିତ ତୈଳର ମୂଲ୍ୟ ଶସ୍ତା ରହିଥିବା ସତ୍ତ୍ୱେ ତା'ର ଲାଭ ଲୋକଙ୍କୁ ନ ଦେଇ ସରକାର ନିଜେ ନେଇଯାଇଛନ୍ତି। ମହାମାରୀ ଓ ଲକ୍‌ଡାଉନ୍ ନିଜର ରୋଜଗାର ଓ ବ୍ୟବସାୟ ହରାଇବା ଯୋଗୁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବା ବେଳେ ସରକାର ସେମାନଙ୍କୁ ରିହାତି ଦେବା ପରିବର୍ତ୍ତେ ରାଜସ୍ୱ ଆୟ ନାଁରେ ବାରମ୍ବାର ଟିକସକୁ ବଢ଼ାଇ ଲୋକଙ୍କ ଉପରେ ହିଁ ଆର୍ଥିକ ବୋଝକୁ ଲଦି ଚାଲିଛନ୍ତି। ଆଜି ବି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଶି ପେଟ୍ରୋଲ ଓ ଡିଜେଲ ଉପରେ ଯଥାକ୍ରମେ ୫୦ ଓ ୪୭ ଭାଗ ଟିକସ ନେଉଛନ୍ତି। ଅଥଚ ମହାମାରୀ ସମୟରେ ବିପୁଳ ଲାଭ କରିଥିବା କର୍ପୋରେଟ୍‌ଙ୍କ ଉପରେ ଟିକସକୁ ବଢ଼ାଇ ନିଜର ଆୟକୁ ବଢ଼ାଇବାକୁ ଚାହିଁ ନାହାନ୍ତି।

ସରକାରଙ୍କ ଭୁଲ୍ ଆର୍ଥିକ ନୀତି ଯୋଗୁ ଦେଶରେ ପୁଞ୍ଜିପତି ଓ ଧନାଢ଼୍ୟ ଲୋକଙ୍କଠାରୁ ଆଦାୟ କରାଯାଉଥିବା ପ୍ରତ୍ୟକ୍ଷ କରର ହାର ଲଗାତର କମୁଥିବା ବେଳେ ସାଧାରଣ ଜନତାଙ୍କ ଉପରେ ପଡୁଥିବା ପରୋକ୍ଷ କରର ଭାର ବଢ଼ିଚାଲିଛି। ୨୦୧୪-୨୦୨୧ ମଧ୍ୟରେ ସରକାରଙ୍କ ମୋଟ ରାଜସ୍ୱ ଆୟରେ କର୍ପୋରେଟ୍ ଟିକସର ଆୟ ହ୍ରାସ ପାଉଥିବା ବେଳେ ଆୟକର ଓ ଉତ୍ପାଦନ ଶୁଳ୍କର ହାର ଦ୍ରୁତ ଗତିରେ ବଢ଼ିଛି। କର୍ପୋରେଟ୍ ଟିକସ ଆୟରେ ମାତ୍ର ୨୮% ବୃଦ୍ଧି ହୋଇଥିବା ବେଳେ ଆୟକରରେ ୧୧୭% ବୃଦ୍ଧି ଘଟିଛି। ଏହି ଅବଧିରେ କେବଳ ପେଟ୍ରୋଲ ଓ ଡିଜେଲ ଉପରେ ଟିକସର ପରିମାଣରେ ୪୫୯% ବୃଦ୍ଧି ଘଟିଛି, ଯାହା କି ସାଧାରଣ ଜନତାଙ୍କ ଉପରେ ସିଧାସଳଖ ଆକ୍ରମଣ ବୋଲି କୁହାଯାଇପାରେ। ଏଠାରେ ପ୍ରଶ୍ନ ଉଠେ, ଦେଶର କର୍ପୋରେଟ୍‌ମାନଙ୍କ ସ୍ୱାର୍ଥରେ ୨୦୧୯ରେ ଯେଉଁ ସରକାର ଜରୁରିକାଳୀନ ଧାରା ନିୟମ - ୧୨ ଲଗାଇ କର୍ପୋରେଟ୍ ଟିକସର ହାରକୁ ୩୦%ରୁ ୨୨% ହ୍ରାସ କରିଥିବା ବେଳେ ପେଟ୍ରୋଲ, ଡିଜେଲ ଉପରେ ଲଗାତର ଟିକସକୁ ବଢ଼ାଇ ସାଧାରଣ ଜନତାଙ୍କ ଉପରେ ଆର୍ଥିକ ବୋଝକୁ ଲଦି ଆସିଛନ୍ତି କାହିଁକି ?

ପେଟ୍ରୋଲ ଓ ଡିଜେଲ ଦରରେ ଲଗାତର ବୃଦ୍ଧି କରି ତାକୁ ଯଥାକ୍ରମେ ୧୧୫-୧୨୦ ଟଙ୍କା ଏବଂ ୧୧୦ ଟଙ୍କାରେ ପହଞ୍ଚାଇବା ପରେ ସେଥିରେ ମାତ୍ର ୫ ଓ ୧୦ ଟଙ୍କା ହିଁ ହ୍ରାସ କରି ସରକାର ନିଜକୁ ଜନସପକ୍ଷବାଦୀ ଓ ସମ୍ବେଦନଶୀଳ ବୋଲି ଦେଖାଇବାକୁ ଚାହିଁଛନ୍ତି। ଏଠାରେ ପ୍ରଶ୍ନ ଉଠେ, ଯଦି ସରକାର ପ୍ରକୃତରେ ସମ୍ବେଦନଶୀଳ ଥାଆନ୍ତେ, ତା'ହେଲେ ଆଜି ସମ୍ପୂର୍ଣ୍ଣ ବର୍ଦ୍ଧିତ ଦରକୁ ପ୍ରତ୍ୟାହାର କରି ଜନସାଧାରଣଙ୍କୁ ସେମାନଙ୍କ ନ୍ୟାୟୋଚିତ ରିହାତି ଦେଇଥାନ୍ତେ। ପେଟ୍ରୋଲ, ଡିଜେଲ ଉପରେ ଶୁଳ୍କର ହାରକୁ ୨୦୧୪ ସ୍ତରକୁ ହ୍ରାସ କରିପାରିଥାନ୍ତେ। କିଛି ନ ହେଲେ, ତାକୁ ସର୍ବାଧିକ ୨୮% ଟିକସ ହାର ଥିବା ଜିଏସ୍‌ଟିର ପରିସରଭୁକ୍ତ ବି କରିପାରିଥାନ୍ତେ। କିନ୍ତୁ ସେସବୁ ନ କରି ସରକାର ଯେଉଁ ସାମାନ୍ୟ ହ୍ରାସ କରିଛନ୍ତି, ତାହା ଗୋରୁ ମାରି ଜୋତା ଦାନ ପରି ମନେହେଉଛି। ଜନମତ ଭୟରେ ସରକାର ସାମୟିକ ଭାବେ ପେଟ୍ରୋଲ, ଡିଜେଲର ଲୁଟ୍‌ରେ ସାମାନ୍ୟ କମ୍ କରିବା କଦାପି ଉପହାର ନୁହେଁ, ବରଂ ପ୍ରତାରଣା ବୋଲି କୁହାଯାଇପାରେ।

ମୋ: ୯୪୩୭୧୬୬୩୯୧

# ଅକାଳ ମୃତ୍ୟୁ ଓ ଅପମୃତ୍ୟୁ



ଡ. ବାସନ୍ତୀ ମହାନ୍ତି

ଜନ୍ମରୁ ମୃତ୍ୟୁ ଯାଏ ଆମ ଯାତ୍ରା ହିଁ ଜୀବନ। ମୃତ୍ୟୁ ଜୀବନର ସ୍ୱାଭାବିକ ପରିଣତି। ମଣିଷ ବାଲ୍ୟ, ଯୌବନ ଓ ଜରା ତିନୋଟି ପର୍ଯ୍ୟାୟ ଦେଇ ମୃତ୍ୟୁ ପାଖରେ ପହଞ୍ଚିଥାଏ। ଏହି ପର୍ଯ୍ୟାୟଗୁଡ଼ିକୁ ଅତିକ୍ରମ ନ କରି କେହି ମୃତ୍ୟୁବରଣ କଲେ ତାହା ଅକାଳ ମୃତ୍ୟୁ ପଦବାଚ୍ୟ ହୋଇଥାଏ। ପ୍ରତ୍ୟେକ କାର୍ଯ୍ୟ ପଛରେ ଏକ କାରଣ ଥିବାପରି ମୃତ୍ୟୁ ପଛରେ ମଧ୍ୟ କାରଣଟିଏ ରହିଥାଏ। ଭଗବତ୍ ଗୀତାରେ ବର୍ଣ୍ଣିତ ଅଛି 'ବାଂସାସି ଜୀର୍ଣ୍ଣାନି ଯଥା ବିହାୟ, ନବାନି ଗୃହ୍ଣାତି ନରୋପରାଣି, ତଥା ଶରୀରାଣି ବିହାୟ ଜୀର୍ଣ୍ଣା, ନ୍ୟନାନି ସଂଜାତି ନବାନି ଦେହୀ'। ଏହି ଦର୍ଶନ ଅନୁସାରେ ମୃତ୍ୟୁ ଆସିବା ପୂର୍ବରୁ ଆମ ଶରୀରରୂପକ ବସ୍ତ୍ର ଜୀର୍ଣ୍ଣ ହୋଇ ଯାଇଥାଏ। ତାହା ରୋଗ ବ୍ୟାଧି ଜନିତ ହେଉ ଅଥବା ଜରା ବ୍ୟାଧି ଜନିତ। ବେଳେ ବେଳେ ନବଜାତ ଶିଶୁ କୁଆଁ କୁଆଁ ଡାକିବା ପୂର୍ବରୁ ତା'ର ମୃତ୍ୟୁ ହୋଇଥାଏ ତ ଶତାୟୁମାନେ ମଧ୍ୟ ମୃତ୍ୟୁ ଅପେକ୍ଷାରେ ଦିନ ଗଣୁଥାଆନ୍ତି। ସହଜରେ ଆସେ ନାହିଁ ମୃତ୍ୟୁ। ଭାଗବତରେ କଥା ଅଛି- ଦଣ୍ଡେ ନିମିଷେ ଥିଲେ ପ୍ରାଣ, ନ ନେଇ ପାରେ ଜନ୍ତୁରାଣ। ପୁଣି ଆୟୁକାଳ ପୂରିଗଲେ ମୁହୂର୍ତ୍ତଟିଏ କେହି ରକ୍ଷା କରିପାରନ୍ତି ନାହିଁ। କିନ୍ତୁ ଶାସ୍ତ୍ରସଂହିତାର ସବୁ ନୀତି ନିୟମକୁ ଅସ୍ୱୀକାର କରି ଶରୀରରୂପୀ ବସ୍ତ୍ର ଜୀର୍ଣ୍ଣ ହେବା ଆଗରୁ, ଜୀବନୀ ଶକ୍ତି କ୍ଷୟ ନ ହେଉଣୁ ବେଳେ ବେଳେ ମୃତ୍ୟୁ ଦେବତା କୋଉଛଟକରେ ଆସି ଆତ୍ମାକୁ ଶରୀରଠାରୁ ଅଲଗା କରିଦିଏ ତା'ର ଠିକ୍ ଠିକଣା ନ ଥାଏ। ଆମେ କେବଳ ଅସହାୟ ଦର୍ଶକ ସାଜି ଅଶ୍ରୁମୋଚନ କରିଥାଉ।

ଗତ ଦୁଇ ବର୍ଷ ହେଲା ଆମେ ବିଶ୍ୱବ୍ୟାପୀ ଯେଉଁ ମୃତ୍ୟୁର ତାଣ୍ଡବଲୀଳା ଦେଖୁଥିଲୁ, କରୋନା ଭାଇରସ ଥିଲା ତା'ର ମୁଖ୍ୟ କାରଣ। ଏହି ଅକାଳ ମୃତ୍ୟୁକୁ ରୋକିବାକୁ ସାରା ବିଶ୍ୱ ଅଣ୍ଟା ଭିଡ଼ିଲା। ଯିଏ ଯାହାର ସାମର୍ଥ୍ୟ ଅନୁସାରେ ଏହା ବିରୋଧରେ ଲଢ଼ିଲେ। ବୈଜ୍ଞାନିକମାନେ ବିଭିନ୍ନ ପ୍ରକାରର କରୋନା ପ୍ରତିଷେଧକ ଟିକା ଉଦ୍ଭାବନ କଲେ। ଫଳରେ ଏବେ କରୋନାର ପ୍ରକୋପ ଅନେକ ପରିମାଣରେ ହ୍ରାସ ଘଟିଛି। ଯେଉଁ ଅକାଳ ମୃତ୍ୟୁର ମୃତକମାନଙ୍କୁ ଆମେ ଗଣି ଗଣି ଆତଙ୍କିତ ହେଉଥିଲୁ ତାହା କ୍ରମହ୍ରାସମାନ ହେଉଛି। ଏହା ସୁଖର କଥା।

ଏଠି ଗୋଟିଏ କଥା ସ୍ପଷ୍ଟ ଯେ, କରୋନାକାଳୀନ ମୃତ୍ୟୁ ଅକାଳ ମୃତ୍ୟୁ ହୋଇପାରେ କିନ୍ତୁ ଅପମୃତ୍ୟୁ ନୁହେଁ। ବଡ଼ କଥା ହେଲା କରୋନା ପ୍ରକୋପ ବେଳେ ଅପମୃତ୍ୟୁ ପ୍ରାୟ ହେଉ ନ ଥିଲା ! କିନ୍ତୁ କରୋନା ପ୍ରଶମିତ ହେଉ ନ ହେଉଣୁ ରାସ୍ତା ଦୁର୍ଘଟଣା, ମଦମୃତ୍ୟୁ, ଜଳରେ ବୁଡ଼ି, ସାପ କାମୁଡ଼ା, ହାତୀ ଉପଦ୍ରବରେ ମୃତ୍ୟୁ, ହତ୍ୟା, ଲୁଣ୍ଠନ, ବ୍ୟାଙ୍କ ଡକାୟତି, ଏଟିଏମ୍ ଲୁଟ୍, ଗଣବଳାତ୍କାର ଓ ହତ୍ୟା ପ୍ରଭୃତି ନିତିଦିନିଆ ଖବର ଆମର ଦେହସୁହା ହୋଇଗଲାଣି। କରୋନା ଆକ୍ରାନ୍ତ ମଣିଷ ମୃତ୍ୟୁମୁଖରେ ପଡୁଥିଲା ସତ କିନ୍ତୁ ତାହା ଅପମୃତ୍ୟୁ ନୁହେଁ। ମନେ ହେଉଥିଲା କରୋନା ଭାଇରସ ମଣିଷକୁ ଜୀବନର କ୍ଷଣ ଭଙ୍ଗୁରତା ସମ୍ପର୍କରେ ଅବଗତ କରିବା ପାଇଁ ଆସିଛି। ବର୍ଷ ବର୍ଷ ଧରି ଯେଉଁ ପୋଥି ପୁରାଣ, ଗୀତା, ଭାଗବତ ଆଦି ଶାସ୍ତ୍ର ସଂହିତା, ମହାପୁରୁଷଙ୍କ ବାଣୀ ମଣିଷକୁ ସୁଧାରି ନ ଥିଲା ସାମାନ୍ୟ ଆଖିକୁ ଦିଶୁ ନ ଥିବା ଭୂତାଣୁ ତାହା ପାରିଛି। ମଣିଷ ତା'ର ହିଂସ୍ରତା ଭୁଲିଛି। ତା' ଭିତରେ ଥିବା ମଣିଷ ପଣ ଜାଗି ଉଠିଛି। ବୁଦ୍ଧିଜୀବୀମାନେ ଆଶ୍ୱସ୍ତ ହେଉଥିଲେ ଯେ ମାନବ ସଭ୍ୟତାର ଏକ ଭୂଇଁଫୋଡ ମୋଡ଼ ଆସୁଛି। କିନ୍ତୁ ଖୁବଶୀଘ୍ର ଏହା ଭୁଲ ପ୍ରମାଣିତ ହୋଇଗଲା। କରୋନା ଭୂତାଣୁ ସମସ୍ୟା ଏବେ ସମ୍ପୂର୍ଣ୍ଣ ପ୍ରଶମନ ନ ହେଉଣୁ ମଣିଷ ଭିତରେ ଥିବା ଅଜଗର ଭିଡ଼ିମୋଡ଼ି ହେଲାଣି। ଆପଣାର ରୂପ ପ୍ରଦର୍ଶନ କରିବା ଆରମ୍ଭ କରିଦେଲାଣି। ହସ୍ପିଟାଲରେ ଡାକ୍ତରମାନେ ବେଶି ବ୍ୟସ୍ତ ରହୁଛନ୍ତି ସ୍ୱାଭାବିକ ରୋଗୀମାନଙ୍କ ଚିକିତ୍ସା ପାଇଁ ନୁହେଁ ବରଂ ମଣିଷ ମାନସିକତାରେ ଥିବା କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ମଣିଷମାନଙ୍କର ସେବା ସୁଶ୍ରୁଷାରେ। ସମ୍ପ୍ରତି ଗଣମାଧ୍ୟମରେ ଏସବୁ ହୋଇଛି ମୁଖ୍ୟ ଖବର। ଏବେ ଯେଉଁ ଅକାଳ ମୃତ୍ୟୁ ହେଉଛି ତାହା ଅପମୃତ୍ୟୁ। ଏ ଅପମୃତ୍ୟୁ ହେତୁ କୌଣସି ଶାରୀରିକ ରୋଗ ବ୍ୟାଧି କିମ୍ବା ସଂକ୍ରମଣ ନୁହେଁ ଆମ ମାନସିକ ବ୍ୟାଧି ହିଁ ଏହାର କାରଣ। କେହି ନିଶାଗ୍ରସ୍ତ ହୋଇ ଗାଡ଼ି ଚଲେଇ ଲୋକଙ୍କର ପ୍ରାଣ ନେଲାଣି ତ ଆଉ କେହି କାମ, କ୍ରୋଧ, ଲୋଭ, ମୋହ, ଦ୍ୱେଷ, ଅହଂ, ଅସୂୟା, ପ୍ରତିଶୋଧାତ୍ମକ ମାନସିକତାର ବଶବର୍ତ୍ତୀ ହୋଇ ଅପରର ମୃତ୍ୟୁର କାରଣ ହେଲାଣି।

ଏ ମାନସିକତାରୁ ଆମକୁ ଅତିକ୍ରମ କରିବାକୁ ହେବ। ହିଂସା ଆଚରଣ ସବୁ ସମସ୍ୟାର ସମାଧାନ ନୁହେଁ। ଆମକୁ ସଂଯମ ଆଚରଣ କରିବାକୁ ହେବ। ଆମେ କୋଭିଡ ପରବର୍ତ୍ତୀ ସମାଜରେ ଖୁବ୍ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛୁ। ଶିକ୍ଷା ଉଜୁଡ଼ି ଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ର ବିପର୍ଯ୍ୟସ୍ତ। ଅର୍ଥନୈତିକ ସ୍ଥିତି ସ୍ଥାଣୁ। ସାଂସ୍କୃତିକ ଜୀବନ ପକ୍ଷାଘାତଗ୍ରସ୍ତ। ପ୍ରତିଟି କ୍ଷେତ୍ର ଆମ ପାଇଁ ଏକ ଆହ୍ୱାନ ହୋଇଛି। ଏପରି ଏକ ସମ୍ବେଦନଶୀଳ କାଳରେ ଆମ ହୃଦୟ ଓ ମନରେ ଥିବା ସବୁ ମଇଳା ଦୂର କରିବାକୁ ହେବ। ଜୀବନ ଖୁବ୍ ମୂଲ୍ୟବାନ। ଥରେ ମୃତ୍ୟୁ ସମସ୍ତଙ୍କର ଅନୁଭବ ଅଛି। କରୋନା କବଳିତ ବିଶ୍ୱ ଏ କଥା ଆମକୁ ଆଉଥରେ ଚେତେଇ ଦେଲା। ଡାକ୍ତଖାନାଗୁଡ଼ିକରେ ଶଯ୍ୟା ଅଭାବରେ, ଅମ୍ଳଜାନ ଅଭାବରେ, ଔଷଧ ଅଭାବରେ ଲୋକେ ହନ୍ତସନ୍ତ ହୋଇ ପ୍ରାଣ ହରାଇଲେ। ଜୀବିକା ହରେଇ ଜୀବନ ବିକଳରେ ରାସ୍ତା ଘାଟରେ ମୃତ୍ୟୁମୁଖରେ ପଡ଼ିଲେ। ଚକ୍ଷୁ ସାମ୍ନାରେ ଆତ୍ମୀୟଙ୍କ ମରଣ ଦେଖୁଥିଲେ ବି ସେମାନଙ୍କ ପାଖରେ ବସି ସାନ୍ତ୍ୱନା ଦେବା କି ଶବ ସତ୍କାର କରିବା ପାଇଁ ସୁଯୋଗ ପାଇଲେ ନାହିଁ। ସବୁ ବିପର୍ଯ୍ୟୟ ମଣିଷକୁ ଶିକ୍ଷା ଦେଇ ଯାଇଥାଏ। ଆମେ କାରୋନା ବିପର୍ଯ୍ୟୟରୁ କି ଶିକ୍ଷା ପାଇଲୁ? କରୋନା ଭୂତାଣୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇନାହିଁ। ଆମ ଭିତରୁ ଅଧିକାଂଶ ଆତ୍ମୀୟସ୍ୱଜନଙ୍କୁ ହରାଇଛେ। ଆମେ ଅବଶିଷ୍ଟ ଯେଉଁମାନେ ବଞ୍ଚିଯାଇଛୁ ଆମ ଭିତରେ ଏପରି ଜୀବନ ବିରୋଧୀ କାର୍ଯ୍ୟକଳାପ ଆଦୌ ସ୍ପୃହଣୀୟ ନୁହେଁ। ଆମେ କ'ଣ ପରସ୍ପର ଏମିତି ହିଂସା, ଅସୂୟା ଆଚରଣ ପ୍ରଦର୍ଶନ କରି ମଣିଷ ପ୍ରଜାତିକୁ ଧ୍ୱଂସ କରିଦେବା ?

ମୋ: ୯୪୩୭୦୩୩୦୭୪
email.basantimohanty12@gmail.com

## ଏଇ ଭାରତରେ

ଦାରିଦ୍ର୍ୟର ସ୍ପଷ୍ଟ ଚିତ୍ର ଯେ କୌଣସି ଛକ ରାସ୍ତାରେ ଦେଖିବାକୁ ମିଳେ। ଛୋଟ ପିଲାମାନେ ଭିକ୍ଷା ବୃତ୍ତିରେ ନିୟୋଜିତ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଅନେକେ ସେମାନଙ୍କୁ ଭିକ୍ଷା ଦେଇ ଚାଲିଯାଉଥିବାବେଳେ ଗୁଜରାଟର ଏକ ଦମ୍ପତି କିଛି ଭିନ୍ନ ଚିନ୍ତା କରିଛନ୍ତି। ଜୟନ୍ତୀ ଏବଂ ଅରୁଣ ରାଜ୍ୟର ବିଭିନ୍ନ ସ୍ଥାନରୁ ଭିକ୍ଷାବୃତ୍ତି କରୁଥିବା ପିଲାମାନଙ୍କୁ ଉଦ୍ଧାର କରି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାରେ ଆପ୍ରାଣ ପ୍ରୟାସ ଜାରି ରଖିଛନ୍ତି। ସେମାନେ ଚାକିରିରୁ ଅବସର ନେବା ପରେ ନୁଗାର ଗାଁରେ ୧୫ ବର୍ଷ ଧରି ସେ ଏହି କାର୍ଯ୍ୟ କରିଆସୁଛନ୍ତି। ଗୁଜରାଟର ମେହେସାନ ଜିଲାର ଏକ ରାସ୍ତାରେ ଜଣେ ଶିଶୁ ତାଙ୍କୁ ଭିକ୍ଷା ମାଗୁଥିବା ଦେଖିବା ପରେ ଏହି ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ତାଙ୍କ ଶିକ୍ଷା ଧାରାରେ ୪୯୭ ପିଲା ସାମିଲ ହୋଇସାରିଛନ୍ତି ଓ ସେମାନଙ୍କ ମଧ୍ୟରୁ ୩୦ ପିଲା ଚାକିରି ପାଇଛନ୍ତି। ଅନେକେ ଛୋଟମୋଟ ବ୍ୟବସାୟ କରି ରୋଜଗାର କରୁଛନ୍ତି। ଅନୁଦାନ ଅର୍ଥରେ ସେମାନେ ଏହି ଅଭିଯାନ ଚଳାଇଛନ୍ତି ଓ ପିଲାମାନଙ୍କ ସକାଶେ ବର୍ଷକୁ ପାଖାପାଖି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। କେବଳ ଏତିକି ନୁହେଁ, ସେମାନେ ନୁଗାର ଗାଁର ୧୫ କି.ମି. ପରିଧିରେ କାର୍‌ରେ ଯାଇ ଲୋକଙ୍କଠାରୁ ବଳକା ଖାଦ୍ୟ ସଂଗ୍ରହ କରି ୫୦୦ରୁ ୩,୦୦୦ ଭୋକିଲାଙ୍କୁ ଖାଦ୍ୟ ଯୋଗାଉଛନ୍ତି। ବାସନ ଧୋଇବାଠାରୁ ଆରମ୍ଭ କରି ପ୍ୟାକ୍ କରିବା ସହ ଗରିବ ଲୋକଙ୍କ ନିକଟରେ ପହଞ୍ଚାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ନଭେମ୍ବର ୧୯୯୬**

- ଜର୍ଜିଆର ରାଜଧାନୀ ଜିବଲିସିଠାରୁ ୨୦୦ କିଲୋମିଟର ଦୂର ଉତ୍ତରପଶ୍ଚିମକୁ ଏକ ପାହାଡ଼ିଆ ରାସ୍ତାରେ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୩ ଯାତ୍ରୀ ମୃତ।
- ହରିୟାଣାର ରୋହତକ ଜିଲ୍ଲା ଅନ୍ତର୍ଗତ ଚିକନଠାରେ ସୌଦି ଆରବ ଓ କାଜାଖସ୍ତାନର ଦୁଇ ଯାତ୍ରୀବାହୀ ବିମାନ ଆକାଶମାର୍ଗରେ ମୁହାଁମୁହିଁ ଧକ୍କା ଲାଗିବା ଫଳରେ ୩୫୧ ଯାତ୍ରୀଙ୍କ ମୃତ୍ୟୁ।

## ଚିରନ୍ତନୀ

କହ କହ ଆଉଥରେ ଶୁଣିବାକୁ ଉତ୍କର୍ଣ୍ଣା ଧରଣୀ
ଜ୍ୱଳନ୍ତ ତା' କ୍ଷତ ପରେ ଲାଗୁ ତବ ବିଶଲ୍ୟକରଣୀ
ଶୁଣାଅ ଶୁଣାଅ ପୁଣି କିଏ ମିଥ୍ୟା କିଏ ପଥଭ୍ରାନ୍ତ
ହେ ଅଟଳ ସତ୍ୟସନ୍ଧ ! ହେ କଠୋର ସାଧକ ଅଶାନ୍ତ।
(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ


### ନିୟମିତ ମିଟର ରିଡିଂ ନିଆଯାଉ

ମହାଶୟ,

'ନେସ୍କୋ' ପରେ 'ଟାଟା' ବିଦ୍ୟୁତ୍ ବିଭାଗର ଦାୟିତ୍ୱ ନେବା ପରେ ପ୍ରତିମାସ ମିଟର ରିଡିଂ ତଥା ବିଲ୍ ଦେବା ହେଉ ନାହିଁ। ଏଣୁ ବାଲେଶ୍ୱରର ଉପଭୋକ୍ତାମାନଙ୍କୁ ଏକା ବେଳେ ଅନେକ ମାସର ବିଲ୍ ଦେଇ ଶୋଷଣ କରାଯାଉଛି। ମୋ ମିଟର ରିଡିଂ ହୋଇଥିଲା ୨୩।୭।୨୦୨୧ରେ। ଏହାପରେ ଅଗଷ୍ଟ, ସେପ୍ଟେମ୍ବର ମାସରେ ମିଟର ରିଡିଂ ହେଲା ନାହିଁ। ବିଲ୍ ଦିଆଗଲା ନାହିଁ। ୧୦।୧୦।୨୦୨୧ରେ ମିଟର ରିଡିଂ କରାଯାଇ ଏକାବେଳେ ୭୯ ଦିନର ୮୨୦ ୟୁନିଟ୍ ପାଇଁ ୪୨୦୮ ଟଙ୍କାର ବିଲ୍ ଦିଆଗଲା। ଏକାବେଳେ ୭୯ ଦିନର ବିଲ୍ ଆସିବାରୁ ଶେଷ ୩୦୪ ୟୁନିଟ୍ ପାଇଁ ମୋତେ ଟ ୫.୮୦ ପ. ହିସାବରେ ତଣ୍ଡ ଗଣିବାକୁ ପଡ଼ିଲା। ଏଭଳି କି ବାଲେଶ୍ୱରର ଅଧିକାଂଶ ଉପଭୋକ୍ତାଙ୍କ ପାଖରୁ ଅନ୍ୟାୟ ଭାବେ ଟଙ୍କା ଆଦାୟ କରାଯାଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ।

**– ଡ. ମହାପାତ୍ର ଆନନ୍ଦଶଙ୍କର ମିଶ୍ର, ବୈରାମନଗର, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଯୋଗାସନ କ୍ରୀଡ଼ା ଚାମ୍ପିୟନଶିପ୍‌ରେ ଶୁକ୍ରବାର ଦ୍ୱିତୀୟ ଦିବସରେ ଭାଗ ନେଇଥିବା କେତେଜଣ ପ୍ରତିଯୋଗୀ।

# ଦ୍ୱିତୀୟ ଦିନରେ ମହାରାଷ୍ଟ୍ର ପ୍ରତିଯୋଗୀଙ୍କ ଆଧିପତ୍ୟ

ଭୁବନେଶ୍ୱର,୧୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଯୋଗାସନ କ୍ରୀଡ଼ା ଚାମ୍ପିୟନଶିପ୍‌ରେ ମହାରାଷ୍ଟ୍ରର ପ୍ରତିଯେଗୀମାନେ ଆଧିପତ୍ୟ ବିସ୍ତାର କରି କୃତୀତ୍ୱ ଅର୍ଜନ କରିଛନ୍ତି। ଆର୍ଟିଷ୍ଟିକ ପେୟାର ଯୋଗାସନ ପ୍ରତିଯୋଗିତାର ସବ୍‌ଜୁନିୟର ବାଳିକା ବିଭାଗରେ ମହାରାଷ୍ଟ୍ରର ଦେବାଂଶୀ ନାଗରାଜ ଓ୍ୱାକାଲେ ଓ ତୃପ୍ତି ରମେଶ ଡୋଙ୍ଗାରେ ଶ୍ରେଷ୍ଠ ପ୍ରଦର୍ଶନ କରି ବାଜି

## ଜାତୀୟ ଯୋଗାସନ କ୍ରୀଡ଼ା ଚାମ୍ପିୟନଶିପ

ମାରିଛନ୍ତି। ସେହିପରି ଆର୍ଟିଷ୍ଟିକ ପେୟାର ଯୋଗାସନ ପ୍ରତିଯୋଗିତାର ବାଳକ ବିଭାଗରେ ମହାରାଷ୍ଟ୍ରର ନାବୋଧ ଅବିନାଶ ପାଟିଲ ଓ ଆର୍ଯ୍ୟନ ବିଭିଷଣ ଖରାଜ ଦମ୍‌ଦାର ପ୍ରଦର୍ଶନ କରି ଶୀର୍ଷରେ ରହିଛନ୍ତି। ଏହି ଇଭେଣ୍ଟର ଜୁନିୟର ବାଳିକା ପ୍ରତିଯୋଗିତାରେ ମହାରାଷ୍ଟ୍ରର ରୁଦ୍ରାକ୍ଷି ପଙ୍କଜ ଭାବେ ଓ ତନଭୀ ଭୁଷଣ ରେଡିଜ ଚାମ୍ପିୟନ ହୋଇଛନ୍ତି। ଏହି ଇଭେଣ୍ଟ ଜୁନିୟର ବାଳକା ପ୍ରତିଯୋଗିତାରେ ମହାରାଷ୍ଟ୍ରର ଓମ ମହେଶ ରାଜଭର ଓ ପ୍ରୀତି ନିଲେଶ ବୋରକାର ଚାମ୍ପିୟନ ହୋଇଛନ୍ତି

ସେହିପରି ଆର୍ଟିଷ୍ଟିକ ଯୋଗାସନ ସିଙ୍ଗଲ ଇଭେଣ୍ଟର ସବଜୁନିୟର ବାଳିକା ପ୍ରତିଯୋଗିତାରେ ମହାରାଷ୍ଟ୍ରର ତୃପ୍ତି ରମେଶ ଡୋଙ୍ଗ୍ରେ ୧୪୨.୧୫ ଆଭେରେଜ ସ୍କୋର କରି ପ୍ରଥମ ହୋଇଛନ୍ତି। ଏହି ଇଭେଣ୍ଟର ସବ ଜୁନିୟର ବାଳକ ପ୍ରତିଯୋଗିତାରେ ମହାରାଷ୍ଟ୍ର ନିବୋଧ ଅବିନାଷ ପାଟିଲ ହାରାହାରି ୧୩୬ ପଏଣ୍ଟ ସ୍କୋର କରି ପ୍ରଥମ ହୋଇଛନ୍ତି। ଜୁନିୟର ବାଳିକା ପ୍ରତିଯୋଗିତାରେ ମହାରାଷ୍ଟ୍ରର ରୁଦ୍ରାକ୍ଷି ୧୪୩.୬୮ ସ୍କୋର କରି ପ୍ରଥମ ହୋଇଛନ୍ତି। ଏହି ଇଭେଣ୍ଟର ଜୁନିୟର ବାଳକ ପ୍ରତିଯୋଗିତାରେ ମହାରାଷ୍ଟ୍ରର ଜୟ ସନ୍ଦୀପ କେଲେକର ୧୩୭.୫୮ ସ୍କୋର କରି ପ୍ରଥମ ହୋଇଛନ୍ତି।

ସେହିପରି ପାରମ୍ପରିକ ବ୍ୟକ୍ତିଗତ ଯୋଗାସନ ପ୍ରତିଯୋଗିତାର ସବୁ ଜୁନିୟର ବାଳିକା ପ୍ରତିଯୋଗିତାରେ ମହାରାଷ୍ଟ୍ରର ତୃପ୍ତି ରମେଶ ୬୩. ୯୨ ପଏଣ୍ଟ ସ୍କୋର କରି ପ୍ରଥମ ହୋଇଛନ୍ତି। ଏହି ଇଭେଣ୍ଟର ସବ ଜୁନିୟର ବାଳକ ପ୍ରତିଯୋଗିତାରେ ମହାରାଷ୍ଟ୍ରର ସ୍ୱରାଜ ସନି ଫିସ୍‌କେ ୬୩.୨୫ ସ୍କୋର କରି ପ୍ରଥମ, ଜୁନିୟର ବାଳିକା ପ୍ରତିଯୋଗିତାରେ ମହାରାଷ୍ଟ୍ରର ସ୍ୱରା ସନ୍ଦୀପ ଗୁଜର ୬୩.୫ ସ୍କୋର କରି ପ୍ରଥମ, ଜୁନିୟର ବାଳକ ପ୍ରତିଯୋଗିତାରେ ମହାରାଷ୍ଟ୍ରର ସୁମିତ ଦୁଲିପ ବନ୍ଦଲେ ୬୫. ୧୭ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

### ଜାରି ହେଲା ଯୋଗାସନ କ୍ରୀଡ଼ାର ପ୍ରଥମ ନିୟମ ପୁସ୍ତିକା

**ନୂଆଦିଲ୍ଲୀ,୧୨।୧୧:** କେତୋଟି ଦଶନ୍ଧିର ପ୍ରତୀକ୍ଷା କରେ କ୍ରୀଡ଼ା ଭାବେ ଯୋଗାସନ ଏବେ ନୂଆ ପରିଚୟ ପାଇବା ସହ ପ୍ରତିଯୋଗିତାମୂଳକ କ୍ରୀଡ଼ା ଭାବେ ବିବେଚିତ ହେଉଛି। ଭାରତର ଐତିହ୍ୟ ସମ୍ପନ୍ନ କ୍ରୀଡ଼ା ଓ ଆଧୁନିକ ବିଶ୍ୱରେ ଯୋଗାସନ ଏବେ ଏକ ସମ୍ପର୍କର ସେତୁ ସ୍ଥାପନ କରିଛି। ସ୍ୱାଧୀନତାର ୭୫ତମ ବର୍ଷରେ ଏ ନେଇ ଏକ ନୂଆ ଉପଲବ୍ଧି ହାସଲ ହୋଇଛି। କ୍ରୀଡ଼ା ହିସାବରେ ଯୋଗାସନ ପାଇଁ ଏକ ନୂଆ ବ୍ୟାପକ ନିୟମାବଳୀ ପୁସ୍ତିକା ଜାରି କରାଯାଇଛି। ଭୁବନେଶ୍ୱରରେ ଚାଲିଥିବା ଜାତୀୟ ଯୋଗାସନ ଚାମ୍ପିୟନଶିପ୍‌ରେ ଶୁକ୍ରବାର ଏହି ପୁସ୍ତିକା ପ୍ରଥମଥର ପାଇଁ ଜାରି କରାଯାଇଛି। ଜାତୀୟ ଯୋଗାସନ କ୍ରୀଡ଼ା ଫେଡେରେଶନ (ଏନ୍‌ୱାଇଏସ୍‌ଏଫ୍) ଏହି ପୁସ୍ତିକା ଜାରି କରିଛି। ଏହି ପୁସ୍ତିକାରେ ୩୦୦ ଯୋଗାସନକୁ ସାମିଲ କରାଯାଇଛି। ପୁସ୍ତିକାକୁ ପ୍ରସ୍ତୁତ କରିବା ପାଇଁ ଅଲିମ୍ପିକ କୋଡ ଅଫ୍ ପଏଣ୍ଟକୁ ବିଚାରକୁ ନିଆଯାଇଛି। ପ୍ରଥମେ ଯୋଗାସନ କ୍ରୀଡ଼ା ଭାବେ ପରିଗଣିତ ହେଉ ନ ଥିଲା। କିନ୍ତୁ ଏବେ କଥା ଅଲଗା ହୋଇଛି। ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟସ୍ତରରେ ଯୋଗାସନକୁ ପରିଚୟ ତଥା ପ୍ରତିଷ୍ଠା ଦେବା ଆମର ମୂଳ ଲକ୍ଷ୍ୟ ବୋଲି ଏନ୍‌ୱାଇଏସ୍‌ଏଫ୍ ଅଧ୍ୟକ୍ଷ ଉଦିତ ସେଠ୍ କହିଛନ୍ତି।

# ପ୍ରଥମ ଟେଷ୍ଟରେ ରାହାନେ ନେତୃତ୍ୱ ନେବେ

ନୂଆଦିଲ୍ଲୀ,୧୨।୧୧

ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ଭାରତୀୟ କ୍ରିକେଟ ଦଳର ନେତୃତ୍ୱ ନେବେ। ନିୟମିତ ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବେ ଓ ଦଳର ନେତୃତ୍ୱ ନେବେ। ଶୁକ୍ରବାର ଘୋଷିତ ଏହି ୧୬ ଜଣିଆ ଦଳରୁ ସବୁ ଫର୍ମାଟ୍ ପାଇଁ ଖେଳୁଥିବା ଅଧିକାଂଶ ତାରକା ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି। ବହୁଳ ଭାବେ କ୍ରିକେଟ ଖେଳାଯାଉଥିବାରୁ ଓ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଟି୨୦ ଦଳ ପାଇଁ ନୂଆ କରି ଅଧିନାୟକ ନିଯୁକ୍ତ ହୋଇଥିବା ନିୟମିତ ଓପନର ରୋହିତ ଶର୍ମା, ତାରକା ଉଇକେଟକିପର ବ୍ୟାଟର ରିଷଭ ପନ୍ତ, ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା, ଯୁବ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ୨ଟି ମ୍ୟାଚ୍‌ରେ ବିଶ୍ରାମ ଦିଆଯାଇଛି। କାନପୁରରେ ନଭେମ୍ବର ୨୫ରୁ ୨୯ ମଧ୍ୟରେ ପ୍ରଥମ ଟେଷ୍ଟ ଖେଳାଯିବ। ସେହିପରି ଡିସେମ୍ବର ୩ରୁ ୭ ତାରିଖ ମଧ୍ୟରେ ମୁମ୍ବାଇରେ ଦ୍ୱିତୀୟ ଟେଷ୍ଟ ଆୟୋଜନ ହେବ।

କୋହଲି ଦ୍ୱିତୀୟ ଟେଷ୍ଟରେ ଦଳରେ ଯୋଗ ଦେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା କହିଛନ୍ତି। ଅଫ୍ ସ୍ପିନର ଜୟନ୍ତ ଯାଦବଙ୍କ ସମେତ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟେଷ୍ଟ ସିରିଜ ପୂର୍ବରୁ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳାଯିବ ଓ ଏହା ଜୟପୁରରେ ନଭେମ୍ବର ୧୭ ତାରିଖରୁ ଆରମ୍ଭ ହେବ। ବିଶ୍ରାମ ନେବାକୁ ଚାହୁଁଥିବାରୁ କୋହଲି ଟି୨୦ ସିରିଜରୁ ଓହରିଯାଇଛନ୍ତି।

ଟେଷ୍ଟ ଦଳରୁ ବିହାରୀଙ୍କୁ ବାଦ୍ ଦିଆଯାଇଛି। ବିହାରୀଙ୍କୁ ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଭାରତ ଏ’ ଦଳରେ ସାମିଲ କରାଯାଇଛି। ସେଠାରେ ସେ ୩ଟି ମ୍ୟାଚ୍ ଖେଳିବେ ଓ ଭଲ ପ୍ରଦର୍ଶନ କରି ଜାତୀୟ ଦଳକୁ ଫେରିବାର ସୁଯୋଗ ପାଇବେ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅତୀତର ରେକର୍ଡ ନୁହଁ ବରଂ ବିହାରୀଙ୍କ ଏବେକାର ଫର୍ମକୁ ଦୃଷ୍ଟିରେ ରଖି ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି ବୋଲି କୁହାଯାଇଛି। ୩ ଓପନର ଲୋକେଶ ରାହୁଲ, ଅଗ୍ରୱାଲ ଓ ଶୁବମନ ଗିଲ୍ ପୂର୍ବରୁ ଟେଷ୍ଟ ଓ ପ୍ରଥମ ଶ୍ରେଣୀ କ୍ରିକେଟରେ ମିଡଲ ଅର୍ଡରରେ ବ୍ୟାଟିଂ କରିଛନ୍ତି। ୩୭ ବର୍ଷୀୟ ଅଭିଜ୍ଞ ଉଇକେଟକିପର ରିଦ୍ଧିମାନ ଶାହାଙ୍କୁ ଆଉ ଏକ ସୁଯୋଗ ଦିଆଯାଇଛି। ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲ ସ୍ପିନ ଦାୟିତ୍ୱରେ ରହିବେ। ସେହିପରି ମିଡଲ ଅର୍ଡରରେ ବ୍ୟାଟିଂ କରିପାରୁଥିବା ଅଫ୍ ସ୍ପିନର ଅଶ୍ୱିନଙ୍କ ବ୍ୟାକଅପ୍ ଭାବେ ଦଳରେ ସ୍ଥାନ ପାଇଛନ୍ତି। ୨୦୧୬-୧୭ରେ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଅଭିଜ୍ଞ ଇଶାନ୍ତ ଶର୍ମାଙ୍କ ନେତୃତ୍ୱରେ ଉମେଶ ଯାଦବ ଓ ମହମ୍ମଦ ସିରାଜ ପେସ୍ ବୋଲିଂ ଦାୟିତ୍ୱ ସମ୍ଭାଳିବେ। ଚତୁର୍ଥ ଦ୍ରୁତ ବୋଲର ଭାବେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଦଳରେ ସ୍ଥାନ ମିଳିଛି। ସେହିପରି ଯୁବ ଉଇକେଟକିପର ବ୍ୟାଟର କେ.ଏସ. ଭରତଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି।

**ଭାରତୀୟ ଟେଷ୍ଟ ଦଳ:** ଅଜିଙ୍କ୍ୟ ରାହାନେ (ଅଧିନାୟକ), ଚେତେଶ୍ୱର ପୂଜାରା (ଉପ- ଅଧିନାୟକ), ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ, ଶୁବମନ ଗିଲ, ଶ୍ରେୟାସ ଆୟାର, ରିଦ୍ଧିମାନ ଶାହା (ଉଇକେଟକିପର), କେ.ଏସ. ଭରତ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ଜୟନ୍ତ ଯାଦବ, ଇଶାନ୍ତ ଶର୍ମା, ଉମେଶ ଯାଦବ, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ।

## ବିହାରୀ ବାଦ୍, ଆୟାରଙ୍କ ପ୍ରତ୍ୟାବର୍ତ୍ତନ, ଷ୍ଟାର ଖେଳାଳିଙ୍କୁ ବିଶ୍ରାମ



ଅଜିଙ୍କ୍ୟ ରାହାନେ



ଶ୍ରେୟାସ ଆୟାର

## ଅନ୍ୟ ଫର୍ମାଟ ଅଧିନାୟକତ୍ୱରୁ ଓହରି ପାରନ୍ତି କୋହଲି

ନୂଆଦିଲ୍ଲୀ, ୧୨।୧୧ (ପି.ଟି.)

ବିରାଟ କୋହଲି ଅନ୍ୟ ଫର୍ମାଟର ଅଧିନାୟକ ପଦବୀରୁ ଓହରିଯାଇପାରିନ୍ତି। ଏହା ଦ୍ୱାରା ସେ ତାଙ୍କ ବ୍ୟାଟିଂ ବିଶେଷ ଧ୍ୟାନ ଦେଇପାରିବେ। ଏକ ସାକ୍ଷାତ୍‌କାର ବେଳେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଏକ ପ୍ରଶ୍ନର ଉତ୍ତରରେ ଏକଥା କହିଛନ୍ତି। ଭାରତର ଟି୨୦ ବିଶ୍ୱକପ୍‌ରୁ ବିଦାୟ ପରେ କୋହଲି ଏହି ଫର୍ମାଟରୁ ଅଧିନାୟକ ପଦବୀରୁ ଅବ୍ୟାହତି ନେଇଛନ୍ତି। କୋଭିଡ୍ ସମୟରେ ବାୟୋ-ବବଲ ଜନିତ ମାନସିକ ଭାରାକ୍ରାନ୍ତ ଯୋଗୁ ବିଶ୍ରାମ ପାଇଁ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ଏବଂ ପ୍ରଥମ ଟେଷ୍ଟ ମ୍ୟାଚରୁ ଓହରିଯାଇଛନ୍ତି। ଶାରୀରିକ ଭାବେ ଫିଟ୍ ରହିଥିଲେ ଜଣେ ଖେଳାଳି ଅଧିକ ଦଳ ତିଷ୍ଠି ରହିପାରିବ। କୋହଲିଙ୍କର କ୍ରିକେଟ ପ୍ରତି ଆବେଗ ରହିଛି। ଦଳର ଅନ୍ୟ ଖେଳାଳିମାନଙ୍କ ତୁଳନାରେ ସେ ଅଧିକ ଫିଟ୍ ଅଛନ୍ତି। କୋହଲି ହ୍ୱାଇଟ ବଲ୍ କ୍ରିକେଟରେ ଦଳର ନେତୃତ୍ୱ ନେବାକୁ ହୁଏତ ମନା କରିଦେଇପାରନ୍ତି। କିନ୍ତୁ ରେଡ୍ ବଲ୍ କ୍ରିକେଟ ଅଧିନାୟକ ପଦ ତ୍ୟାଗ କରିବା ଉଚିତ ହେବ ନାହିଁ। କାରଣ ଟେଷ୍ଟ କ୍ରିକେଟ ପାଇଁ ସେ ହେଉଛନ୍ତି ଶ୍ରେଷ୍ଠ ଆମ୍ବାସାଡ଼ର ବୋଲି ଶାସ୍ତ୍ରୀ କହିଛନ୍ତି।

## ମୁରେଙ୍କୁ ହରାଇ ପଲ୍ ସେମିଫାଇନାଲରେ

ଷ୍ଟକ୍‌ହୋମ୍, ୧୨।୧୧ (ଏପି)

ପୂର୍ବତନ ନମ୍ବର ୱାନ ଖେଳାଳି ଆଣ୍ଡି ମୁରେଙ୍କୁ ୬-୨, ୩-୬, ୬-୩ ସେଟ୍‌ରେ ହରାଇ ଟମି ପଲ୍ ଷ୍ଟକ୍‌ହୋମ୍ ଓପନ ଟେନିସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୯ ଅକ୍ଟୋବରରେ ୟୁରୋପିଆନ ଓପନ ପରେ ଏହା ହେଉଛି ତାଙ୍କର ପ୍ରଥମ ସେମିଫାଇନାଲ। ପଲ୍ ବର୍ତ୍ତମାନ ଆମେରିକାର ଫ୍ରାନ୍‌ସେସ୍ ଟିଆଫୋଙ୍କୁ ଭେଟିବେ। ଟିଆଫୋ ୧-୬, ୬-୧ ଓ ୬-୧ ସେଟ୍‌ରେ ଡାନ୍ ଇଭାନ୍ସଙ୍କୁ ପରାସ୍ତ କରି ପ୍ରଥମ ଖେଳାଳି ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ।

## ଜାତୀୟ ଜୋନାଲ ରୋଲବଲ୍ ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୨।୧୧(କ୍ରୀଡ଼ା ପ୍ରତିନିଧି)

ଛତିଶଗଡ଼ର ଭିଲାଇଠାରେ ପ୍ରଥମ ରୋଲ ବଲ୍ ଜୋନାଲ ନ୍ୟାଶନାଲ ଚାମ୍ପିୟନଶିପ୍ ଶନି ଓ ରବିବାର ୨ ଦିନଧରି ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଇଷ୍ଟଜୋନ୍‌ରୁ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆସାମ, ମଣିପୁର, ନାଗାଲାଣ୍ଡ ଓ ଆୟୋଜକ ଛତିଶଗଡ଼ ଦଳ ଭାଗନେବ। ଏହି ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଖେଳାଳିମାନେ ହେଲେ ପକହାନା ବେହେରା, ପ୍ରବୀଣ କୁମାର ବିଷୋୟୀ, ସୌମ୍ୟରଞ୍ଜନ ଜୟସିଂ, ସୁଶାନ୍ତ କୁମାର ସାହୁ, କିର୍ତ୍ତୀକାନ୍ତ ବିଶ୍ୱାଳ, ଆୟୁଷ ଜୈନ, କୌସ୍ତୁଭ ପଟ୍ଟନାୟକ, ରଞ୍ଜିତ ବେହେରା ଓ ବଳରାମ ବିଶ୍ୱାଳ। ମନୋନୀତ ଦଳପାଇଁ ଓଡ଼ିଶା ରୋଲବଲ୍ ଆସୋସିଏଶନ ପକ୍ଷରୁ ଏକ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପୋଖରୀପୁଟସ୍ଥିତ ମଧୁସୂଦନ ପାର୍କରେ ଥିବା ରୋଲବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସୋସିଏଶନର ପ୍ରତିଷ୍ଠାତା ସଦସ୍ୟ ପାର୍ଥ ସାରଥି ଜେନା ଓ ଅନ୍ୟ ଅଫିସିଆଲମାନେ ଯୋଗ ଦେଇଥିଲେ।



ରୋଲ ବଲ୍ ଜୋନାଲ ନ୍ୟାଶନାଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।

## ଶୁଭମ୍-ଅଙ୍କିତ ରନର୍ସଅପ୍

ଭୁବନେଶ୍ୱର, ୧୨।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଟେନିସ ପ୍ରତିଭା ଶୁଭମ୍ ଷଡ଼ଙ୍ଗୀଙ୍କୁ ସର୍ବଭାରତୀୟ ସ୍ତରରେ ମିଳିଛି ଆଉ ଏକ ସଫଳତା। ଜାମସେଦପୁରରେ ଅନୁଷ୍ଠିତ ଏଆଇଟିଏ ଚାମ୍ପିୟନଶିପ୍ ସିରିଜ ୭ରେ ଅନ୍ୟତମ ଓଡ଼ିଆ ଖେଳାଳି ଅଙ୍କିତ୍ ଏକ୍କାଙ୍କୁ ସାଥିକରି ଶୁଭମ୍ ରନର୍ସଅପ୍ ହୋଇଛନ୍ତି। କ୍ୱାର୍ଟର ଫାଇନାଲରେ ଶୁଭମ୍ ଓ ଷ୍ଟିଭେନ ଦ୍ୱିତୀୟ ସିଡ୍ ଇଥାନ ଲୀ ଓ ଶାଗନିକ୍ ଦାସଙ୍କୁ ୭-୬, ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ଏହି ଓଡ଼ିଶା ଯୋଡ଼ି ପଶ୍ଚିମବଙ୍ଗର ଆଦି ଓ ଚିରଦୀପ ମଜୁମଦାରଙ୍କୁ ୬-୨, ୬-୧ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଟାଇଟଲ ମୁକାବିଲାରେ ଶୁଭମ୍-ଅଙ୍କିତ୍ ଟପ୍ ସିଡ୍ ପଶ୍ଚିମବଙ୍ଗର କେଶବ ଗୋଏଲ ଓ ତମୋଘନା ଦାସଙ୍କଠାରୁ ୨-୬, ୧-୬ ସେଟ୍‌ରେ ହାରି ଯାଇଥିଲେ। ଶୁଭମ୍ ଭାରତର ଅନ୍ୟତମ ପ୍ରତିଷ୍ଠିତ କୋଚ୍ ଶୁଭ୍ରାଂଶୁ ଷଡ଼ଙ୍ଗୀଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।



ଟ୍ରଫି ସହ ଓଡ଼ିଶାର ଅଙ୍କିତ୍ ଏକ୍କା ଓ ଶୁଭମ୍ ଷଡ଼ଙ୍ଗୀ।

# କଲମ୍ବିଆକୁ ହରାଇ କ୍ୱାଲିଫାଏ କଲା ବ୍ରାଜିଲ

## ଫିଫା ବିଶ୍ୱକପ୍ କ୍ୱାଲିଫାୟର

ସାଓ ପାଓଲୋ,୧୨।୧୧

କାତାରରେ ୨୦୨୨ରେ ଆୟୋଜନ ହେବାକୁ ଥିବା ଫିଫା ବିଶ୍ୱକପ୍ ପାଇଁ ବ୍ରାଜିଲ ଯୋଗ୍ୟତା ଅର୍ଜନ କରିଛି। ଦକ୍ଷିଣ ଆଫ୍ରିକାର ପ୍ରଥମ ଦଳ ଭାବେ ବ୍ରାଜିଲ କ୍ୱାଲିଫାଏ କରିଛି। ବ୍ରାଜିଲ ହାତରେ ଅବଶ୍ୟ ଆହୁରି କେତୋଟି ମ୍ୟାଚ୍ ବାକି ରହିଛି। ଗୁରୁବାର ସାଓ ପାଓଲୋରେ ଅନୁଷ୍ଠିତ ମୁକାବିଲାରେ ବ୍ରାଜିଲ ୧-୦ ଗୋଲରେ କଲମ୍ବିଆକୁ ହରାଇ ସଦ୍ୟତମ ବିଜୟ ହାସଲ କରିଛି। ବ୍ରାଜିଲ ତରଫରୁ ୭୨ତମ ମିନିଟ୍‌ରେ ଲୁକାସ ପାକ୍ୱେଟା ଏକମାତ୍ର ଗୋଲ ସ୍କୋର କରିଥିଲେ। ୧୨ଟି ମ୍ୟାଚ୍ ଖେଳି ବ୍ରାଜିଲ ୧୧ଟିରେ ବିଜୟୀ ହୋଇ ମୋଟ ୩୪ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ସେହିପରି ଆର୍ଜେଣ୍ଟିନା ୧୧ଟି ମ୍ୟାଚ୍ ଖେଳି ୭ ବିଜୟ, ୪ ପରାଜୟ ସହ ୨୫ ପଏଣ୍ଟ ପାଇ ଦ୍ୱିତୀୟ ଓ ଇକ୍ୱେଡର ୧୩ ମ୍ୟାଚ୍ ଖେଳି ୬ ବିଜୟ, ୨ ପରାଜୟ ସହ ୨୦ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା କ୍ୱାଲିଫାୟର ପର୍ଯ୍ୟାୟର ଶ୍ରେଷ୍ଠ ୪ଟି ଦଳ ସିଧାସଳଖ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବେ। ତେବେ ପଞ୍ଚମ ସ୍ଥାନ ଅଧିକାର କରିବାକୁ ଥିବା ଦଳ ଯୋଗ୍ୟତା ହାସଲ ପାଇଁ ଇଣ୍ଟର କଣ୍ଟିନେଟାଲ ପ୍ଲେ- ଅଫ୍ ଖେଳିବ।

ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବା ସହ ବ୍ରାଜିଲ କୋଚ୍ ଟିଟେଙ୍କ ତତ୍ତ୍ୱାବଧାନରେ ୫୦ତମ ବିଜୟ ହାସଲ କରିବା ସହ ୧୨ଟି ମ୍ୟାଚ୍ ଡ୍ର ରଖିଛି ଓ ୫ଟିରେ ପରାଜୟ ବରଣ କରିଛି। ରୁଷିଆରେ ଅନୁଷ୍ଠିତ ୨୦୧୮ ବିଶ୍ୱକପ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଖେଳାଯାଉଥିବା ବେଳେ ଟିଟେ କୋଚ୍ ଦାୟିତ୍ୱ ନେଇଥିଲେ। ଗୁରୁବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଇକ୍ୱେଡର ୧-୦ ଗୋଲରେ ଭେନିଜୁଏଲାକୁ ପରାସ୍ତ କରିଛି। ସେହିପରି ଚିଲି ୧-୦ ଗୋଲରେ ପାରାଗୁଏକୁ ହରାଇଛି।



ବ୍ରାଜିଲ ଓ କଲମ୍ବିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଭାରତ-ଅଷ୍ଟ୍ରେଲିଆ ଉଦ୍‌ଘାଟନୀ

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା କ୍ରିକେଟ

ବର୍ମିଂହାମ୍, ୧୨।୧୧ (ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ରେ ମହିଳା କ୍ରିକେଟକୁ ସାମିଲ କରାଯାଇଛି। ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଜୁଲାଇ ୨୯ରେ ଖେଳାଯିବ। ଫାଇନାଲ ଅଗଷ୍ଟ ୭ରେ ଅନୁଷ୍ଠିତ ହେବ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଟି୨୦ ଫର୍ମାଟ ସହ ମହିଳା କ୍ରିକେଟ ପଦାର୍ପଣ କରିବ। ଏହି ମଲ୍ଟି ସ୍ପୋର୍ଟିଂ ଇଭେଣ୍ଟରେ ଶେଷ ଥର ପାଇଁ କୁଆଲାଲମ୍ପୁରରେ ୧୯୯୮ ସଂସ୍କରଣରେ କ୍ରିକେଟ ଖେଳାଯାଇଥିଲା। ମହିଳା ଟି୨୦ ପ୍ରତିଯୋଗିତା ଜୁଲାଇ ୨୯ରୁ ଏଜ୍‌ବାଷ୍ଟନ ଷ୍ଟାଡିୟମରେ ହେବ। ବ୍ରୋଞ୍ଜ ଓ ସ୍ୱର୍ଣ୍ଣ ପଦକ ମ୍ୟାଚ ଅଗଷ୍ଟ ୭ରେ ହେବ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ(ଇସିବି) ପ୍ରକାଶ କରିଛି। ପ୍ରତିଯୋଗିତାରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଜୁଲାଇ ୩୧ରେ ପାକିସ୍ତାନ ସହ ମୁକାବିଲା କରିବ। ପ୍ରତିଯୋଗିତାରେ ୱେଷ୍ଟଇଣ୍ଡିଜ ଅଂଶଗ୍ରହଣ କରିବ ବୋଲି ନିକଟରେ ସ୍ପଷ୍ଟ କରିଛି। ଅଷ୍ଟ୍ରେଲିଆ-ପାକିସ୍ତାନ ମ୍ୟାଚ ଅଗଷ୍ଟ ୩ରେ ଖେଳାଯିବ। ଆୟୋଜକ ଇଂଲଣ୍ଡ ଏହାର ପ୍ରଥମ ମ୍ୟାଚ ଜୁଲାଇ ୩୦ରେ ଖେଳିବ। ଦଳ ୨୦୨୨ ଆରମ୍ଭରେ ହେବାକୁଥିବା ଏକ କ୍ୱାଲିଫାଇଂ ଟୁର୍ନାମେଣ୍ଟର ବିଜେତା ଦଳକୁ ଭେଟିବ। ଇଂଲଣ୍ଡ ଅଗଷ୍ଟ ୨ରେ ଦକ୍ଷିଣ ଆଫ୍ରିକା ସହ ମୁକାବିଲା କରିବାକୁ ଥିବା ବେଳେ ଅଗଷ୍ଟ ୪ରେ ନ୍ୟୁଜିଲାଣ୍ଡକୁ ଭେଟିବ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ନଭେମ୍ବର ୧୩/୨୦୨୧ | Balasore, Saturday, November 13/2021 | ପୃଷ୍ଠା-୧



ଧରିତ୍ରୀ ଲାଇଭ୍ ଚ୍ୟାନେଲର ଲୋକପ୍ରିୟତା ଯୋଗୁ ୟୁଟ୍ୟୁବ୍ ପକ୍ଷରୁ ମିଳିଥିବା 'ୟୁଟ୍ୟୁବ୍ କ୍ରିଏଟର ଆୱାର୍ଡ'ର ଗୋଲ୍ଡେନ ପ୍ଲେ ବଟନ୍‌କୁ ଶୁକ୍ରବାର ଧରିତ୍ରୀ କାର୍ଯ୍ୟାଳୟରେ ଉତ୍ସାହର ସହ ଗ୍ରହଣ କରାଯାଇଛି।

# ସିଧାସଳଖ କିଣିହେବ ସରକାରୀ ପ୍ରତିଭୂତି

## ରିଟେଲ ଡାଇରେକ୍ଟ, ଇଣ୍ଟିଗ୍ରେଟେଡ୍ ଅମ୍ବୁଡ୍‌ସମ୍ୟାନ ସ୍କିମ୍ ଦେଶକୁ ଦୃଢ଼ କରିବ: ମୋଦି

### ରିଜର୍ଭ ବ୍ୟାଙ୍କର ୨ ସ୍କିମ୍ ଉନ୍ମୋଚିତ




ନୂଆଦିଲ୍ଲୀ,୧୨।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରିଜର୍ଭ ବ୍ୟାଙ୍କର ୨ ସ୍କିମ୍ 'ରିଟେଲ ଡାଇରେକ୍ଟ' ପ୍ଲାଟ୍‌ଫର୍ମ ଏବଂ 'ଇଣ୍ଟିଗ୍ରେଟେଡ୍ ଅମ୍ବୁଡ୍‌ସମ୍ୟାନ'ର ଉନ୍ମୋଚନ କରିଛନ୍ତି। ରିଟେଲ ଡାଇରେକ୍ଟ ସ୍କିମ୍ ଦ୍ୱାରା ନିବେଶକ ବର୍ତ୍ତମାନ ସରକାରଙ୍କ ପ୍ରତିଭୂତି (ଜି-ସେକ୍)କୁ ସିଧାସଳଖ କିଣିପାରିବେ। ଏହି ଯୋଜନାଗୁଡ଼ିକ ସାଧାରଣ ଲୋକଙ୍କ ନିବେଶକୁ ସୁରକ୍ଷିତ କରିବା ସହିତ ଉଚ୍ଚ ରିଟର୍ନ ପ୍ରଦାନ ଏବଂ ସରକାରଙ୍କ ଭିତ୍ତିଭୂମି ନିବେଶ ସମ୍ପର୍କିତ ପାଣ୍ଠି ସଂଗ୍ରହ ଦ୍ୱାରା ଦେଶକୁ ଦୃଢ଼ କରିବାରେ ବିଶେଷ ଯୋଗଦାନ ରଖିବ ବୋଲି ମୋଦି କହିଛନ୍ତି।

ରିଟେଲ ଡାଇରେକ୍ଟ ସ୍କିମ୍‌ରେ ନିବେଶକମାନେ ସିଧାସଳଖ ସରକାରଙ୍କ ପ୍ରତିଭୂତି (ଜି-ସେକ୍)ରେ ନିବେଶ କରିବାର ସୁଯୋଗ ପାଇପାରିବେ। ଏହି ସୁବିଧା ରିଜର୍ଭ ବ୍ୟାଙ୍କ ଦ୍ୱାରା ପରିଚାଳିତ ହେବ। ଏଥିଲାଗି କୌଣସି ଫଣ୍ଡ ମ୍ୟାନେଜର କିମ୍ବା ଫିସ୍ ଦେବାକୁ ପଡ଼ିବ ନାହିଁ। ଏଥିରେ ନିବେଶ କରିବା ସୁରକ୍ଷିତ ମଧ୍ୟ ହେବ। ଏହା ସରକାରଙ୍କ ଦ୍ୱାରା ଗ୍ୟାରେଣ୍ଟି ସର୍ବୋଚ୍ଚ ଆସେଟ୍ କ୍ଲାସ୍ ହୋଇଥିବାରୁ ଲୋକଙ୍କୁ ସୋଭରେନ୍ ଅଫର ମିଳିପାରିବ ବୋଲି କୁହାଯାଉଛି।

ମୋଦି କହିଛନ୍ତି, ଅଭିଯୋଗ ସମାଧାନ ଲାଗି ତ୍ୱରିତ ବ୍ୟବସ୍ଥା କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରକୁ ଦୃଢ଼ୀକରଣ କରିବା ଦିଗରେ ଯୋଗଦାନ ରଖିବ। ଏ ଦିଗରେ ଆର୍‌ବିଆଇର ଇଣ୍ଟିଗ୍ରେଟେଡ୍ ଅମ୍ବୁଡ୍‌ସମ୍ୟାନ ସ୍କିମ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସରକାର ଜାରି କରୁଥିବା ପ୍ରତିଭୂତି ବ୍ୟବସ୍ଥାରେ ଗ୍ୟାରେଣ୍ଟି ପ୍ରଦାନ କରାଯାଇଥାଏ। କ୍ଷୁଦ୍ର ନିବେଶକମାନେ ଏଥିରେ ପ୍ରତିଶ୍ରୁତି ଲାଭ କରିଥାନ୍ତି। ଲୋକଙ୍କୁ ଉନ୍ନତ ରିଟର୍ନ ମିଳୁଥିବା ବେଳେ ଦେଶର ବିକାଶ ଲାଗି ଆବଶ୍ୟକ ଅର୍ଥ ସରକାର ଲାଭ କରିଥାନ୍ତି। ଆତ୍ମନିର୍ଭର ଭାରତରେ ନାଗରିକ ଏବଂ ସରକାର ଏକକ ଲକ୍ଷ୍ୟ ନେଇ ମିଳିତ ହୋଇ କାମ କରୁଥିବା ସେ ମତ ରଖିଛନ୍ତି।

ଦେଶର ବିକାଶ କ୍ଷେତ୍ରରେ ସରକାରୀ ପ୍ରତିଭୂତି ବଜାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତ ଦ୍ରୁତଗତିରେ ଡିଜିଟାଲ ଭିତ୍ତିଭୂମି ବିକାଶ କରୁଛି। ବର୍ତ୍ତମାନର ବ୍ୟବସ୍ଥା ଦ୍ୱାରା ଲୋକମାନେ ପ୍ରତ୍ୟକ୍ଷ ଭାବେ ସରକାରୀ ପ୍ରତିଭୂତି କ୍ଷେତ୍ରରେ ନିବେଶ କରିପାରିବେ। ☞ପୃଷ୍ଠା-୬

# ୪ କୋଟି ଟପିଲା ଟିକାକରଣ

## ଡିସେମ୍ବର ସୁଦ୍ଧା ପ୍ରଥମ ଡୋଜ୍ ଶେଷ ଲକ୍ଷ୍ୟ

- ଗଞ୍ଜାମରେ ସର୍ବାଧିକ, ଦେବଗଡ଼ରେ ସର୍ବନିମ୍ନ
- ୨୬୩ ଆକ୍ରାନ୍ତ ଚିହ୍ନଟ, ନାବାଳକଙ୍କ ସମେତ ୩ ମୃତ



ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

କୋଭିଡ୍ ଟିକାକରଣରେ ଓଡ଼ିଶା ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ରାଜ୍ୟରେ କରୋନା ଟିକାକରଣ ୪ କୋଟି ଟପିଛି। ଏନେଇ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ସୂଚନା ଦେଇଛି। ଏହି ସଫଳତା ପାଇଁ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଓ ରାଜ୍ୟବାସୀଙ୍କୁ ବିଭାଗ ଧନ୍ୟବାଦ ଜଣାଇଛି। ସେପଟେ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ଡିସେମ୍ବର ସୁଦ୍ଧା ପ୍ରଥମ ଡୋଜ୍ ଟିକାକରଣ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଅତିରିକ୍ତ ଟିକାକରଣ କେନ୍ଦ୍ର ଖୋଲାଯାଇଛି। ରାଜ୍ୟରେ ଏବେ ୨୪ଶହ କେନ୍ଦ୍ରରେ ଟିକାକରଣ କରାଯାଉଛି। ଯେଉଁ ଗାଁରେ ୧୦୦ରୁ ଅଧିକ ଟିକା ନେଇ ନ ଥିବା ଲୋକ ଅଛନ୍ତି, ସେଠାରେ କେନ୍ଦ୍ର ଖୋଲାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪ କୋଟି ୭୧ ହଜାର ୨୧୧ ଡୋଜ୍ ଟିକାକରଣ ହୋଇଛି। ପ୍ରଥମ ଡୋଜ୍ ୨ କୋଟି ୬୭ ଲକ୍ଷ ୨୫ ହଜାର ୩୮୮ ଏବଂ ଦ୍ୱିତୀୟ ଡୋଜ୍ ୧ କୋଟି ୩୩ ଲକ୍ଷ ୪୫ ହଜାର ୮୨୩ ହୋଇଛି। ଗଞ୍ଜାମ ଜିଲାରେ ସର୍ବାଧିକ ୪୧ ଲକ୍ଷ ୨ହଜାର ୧୨୧ ଏବଂ ଦେବଗଡ଼ରେ ସର୍ବନିମ୍ନ ୩ଲକ୍ଷ ୩ହଜାର ୪୪୯ ଟିକାକରଣ ହୋଇଛି। 'ହର୍ ଘର୍ ଦସ୍ତକ' ବା 'ଘରୁ ଘର ବୁଲି ଟିକାକରଣ' ଆରମ୍ଭ ହେବା ପରେ ଟିକାକରଣ ବଢ଼ିଥିବା ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଅନ୍ୟ ଦେଶରେ ସଂକ୍ରମଣ ବଢ଼ିଥିଲେ ମଧ୍ୟ ଆମ ଦେଶରେ ବଢ଼ିନାହିଁ। ତେଣୁ ଆମକୁ ସତର୍କ ରହିବାକୁ ପଡ଼ିବ। ☞ପୃଷ୍ଠା-୬






# ଫେଁରିଲା ହିନ୍ଦୁତ୍ୱ ବିବାଦ

- ହିନ୍ଦୁଧର୍ମ ଓ ହିନ୍ଦୁତ୍ୱ ମଧ୍ୟରେ ପ୍ରଭେଦ ରହିଛି: ରାହୁଲ
- ଜୟ ଶ୍ରୀରାମ ସ୍ଲୋଗାନ ଦେଉଥିବା ବ୍ୟକ୍ତିମାନେ ଋଷି ନୁହନ୍ତି: ଅଲ୍‌ଭି
- ରାମଭକ୍ତଙ୍କ ପ୍ରତି କଂଗ୍ରେସ ମନରେ ବିଷ ଭରିରହିଛି: ଭାଜପା

ନୂଆଦିଲ୍ଲୀ/ୱାର୍ଦ୍ଧା/ସମ୍ବଲ,୧୨।୧୧

ଅଯୋଧ୍ୟା ଉପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦଙ୍କ ପୁସ୍ତକକୁ ନେଇ ଅଡୁଆରେ ପଡ଼ିଥିବା କଂଗ୍ରେସ ଏବେ ସଫେଇ ଦେବାରେ ଲାଗିଛି। ୬୮ ବର୍ଷୀୟ ଖୁର୍ସିଦ 'ସନ୍‌ରାଇଜ୍ ଓଭର ଅଯୋଧ୍ୟା: ନେଶନହୁଡ୍ ଇନ୍ ଆୱାର ଟାଇମ୍ସ'ରେ ହିନ୍ଦୁତ୍ୱକୁ ଆଇଏସ୍ ଏବଂ ବୋକୋ ହାରାମ୍ ଭଳି ମୌଳବାଦୀ ଇସ୍‌ଲାମୀୟ ଆତଙ୍କବାଦୀ ବା ଜେହାଦୀ ସଙ୍ଗଠନଗୁଡ଼ିକ ସହ ତୁଳନା କରିଛନ୍ତି, ଯାହା ଜାତୀୟ ରାଜନୀତିରେ ଉଷ୍ମତା ଭରିଦେଇଛି। ଅନ୍ୟପକ୍ଷେ ଆସନ୍ତା ବର୍ଷ ହେବାକୁ ଥିବା ଉତ୍ତର ପ୍ରଦେଶ ସମେତ ୫ ରାଜ୍ୟର ବିଧାନସଭା ନିର୍ବାଚନରେ କଂଗ୍ରେସ ମୁସଲିମ୍ ଭୋଟ ହାତେଇବା ପାଇଁ ସାମ୍ପ୍ରଦାୟିକ ରାଜନୀତି କରୁଥିବା ଭାଜପା ଅଭିଯୋଗ ଆଣିଛି। ଏବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ବିବାଦକୁ ଲମ୍ଫ ମାରିଛନ୍ତି।

ମହାରାଷ୍ଟ୍ରର ୱାର୍ଦ୍ଧାସ୍ଥିତ ସେବାଗ୍ରାମ ଆଶ୍ରମରେ ଶୁକ୍ରବାର ଆୟୋଜିତ ଏଆଇସିସି ଓରିଏଣ୍ଟେଶନ ପ୍ରୋଗ୍ରାମ୍‌କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭର୍ଚୁଆଲି ସମ୍ବୋଧିତ କହିଛନ୍ତି, ହିନ୍ଦୁଧର୍ମ ଓ ହିନ୍ଦୁତ୍ୱ ଦୁଇଟି ଭିନ୍ନ ବିଷୟ। ଏହା ମଧ୍ୟରେ ଫରକ୍ ରହିଛି। ଯଦି ପ୍ରଭେଦ ନ ଥାନ୍ତା ତେବେ ଦୁଇଟିର ନାମ ଗୋଟିଏ ହୋଇଥାଆନ୍ତା। ହିନ୍ଦୁମାନଙ୍କୁ ହିନ୍ଦୁତ୍ୱର ଆବଶ୍ୟକତା ନ ଥାଆନ୍ତା। ହିନ୍ଦୁତ୍ୱର ନାମ କ'ଣ କୌଣସି ମୁସଲମାନ ବା ଶିଖ୍‌ଙ୍କୁ ହତ୍ୟା କରିବା? ଉପନିଷଦରେ ତ ଏପରି ଉଲ୍ଲେଖ କରାଯାଇ ନାହିଁ। କେଉଁ ବହିରେ ଏହା ଲେଖାଅଛି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ରାହୁଲଙ୍କ ମତରେ କଂଗ୍ରେସ ଏକ 'ସୁନ୍ଦର ମୁକ୍ତା' ସଦୃଶ, ଯହିଁରେ ଅସରନ୍ତି ଶକ୍ତି ଅନ୍ତର୍ନିହିତ ହୋଇ ରହିଛି। ସେହିପରି ବରିଷ୍ଠ କଂଗ୍ରେସ ନେତା ରାଶିଦ୍ ଅଲ୍‌ଭି ୟୁପିର ସମ୍ବଲରେ ଆୟୋଜିତ କଳ୍କୀ ମହୋତ୍ସବରେ ରାମାୟଣର ଜଣେ ରାକ୍ଷସଙ୍କ ସମ୍ପର୍କରେ ଅବତାରଣା କରି କହିଛନ୍ତି, ଜୟ ଶ୍ରୀରାମ ସ୍ଲୋଗାନ ଦେଉଥିବା ସମସ୍ତେ ଋଷି ନୁହନ୍ତି। ତେଣୁ ଜୟ ଶ୍ରୀରାମ କହୁଥିବା ଲୋକଙ୍କ ପ୍ରତି ସତର୍କ ରହିବାକୁ ସେ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏନେଇ ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ଟୁଇଟ୍ କରି କହିଛନ୍ତି, ଯେଉଁମାନେ ରାମଙ୍କ ନାମ ଧରୁଛନ୍ତି ସେମାନଙ୍କୁ କଂଗ୍ରେସ ନେତା ରାକ୍ଷସ ଭାବେ ଅଭିହିତ କରୁଛନ୍ତି। ରାମଭକ୍ତଙ୍କୁ ନେଇ କଂଗ୍ରେସ ମନରେ କେତେ ବିଷ ଭରିରହିଛି।


ଜମ୍ମୁରେ କଂଗ୍ରେସ ନେତା ସଲମାନ ଖୁର୍ସିଦଙ୍କ ଫଟୋରେ ନିଆଁ ଲଗାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଶିବସେନା କର୍ମୀ।


କେରଳର ବାମପନ୍ଥୀ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର କୋଚିରେ ବିକ୍ଷୋଭ ପ୍ରଦର୍ଶନ ବେଳେ କର୍ମୀଙ୍କୁ ଉଠାଇନେଉଛି ପୋଲିସ।

# ବିଜେଡି ଶାସନରେ ବିପଦରେ ମହିଳା: ଭାଜପା

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ବିଜେଡି ଶାସନରେ ମହିଳା ବିପଦରେ। ନିଜ ବିଶ୍ୱସନୀୟତା ହରାଇଥିବା ରାଜ୍ୟ ପୋଲିସ ବର୍ତ୍ତମାନ ସାଧାରଣ ଜନତାଙ୍କ ଆସ୍ଥା ହରାଇ ବସିଛି। ମମିତା ହତ୍ୟାକାଣ୍ଡ ଘଟଣାରେ ପୋଲିସ ଭୂମିକା ସନ୍ଦେହଜନକ ଥିବାବେଳେ ଶୁକ୍ରବାର ବରଗଡ଼ ଜିଲା ତୋରା ଗ୍ରାମର ରୁବି କୁମ୍ଭାରଙ୍କ ନ୍ୟାୟ ଦାବି ପ୍ରସଙ୍ଗ ଆହୁରି ଦୃଢ଼ୀଭୂତ କରିଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ବରଗଡ଼ ଜିଲା ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କୁ ଗୋଟିଏ ଘଟଣାର ସାକ୍ଷୀ ଭାବେ ଆଣି ହାଜତରେ ରଖିଥିବାବେଳେ ପୋଲିସର ମାଡରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଭଳି ଅଭାବନୀୟ ଘଟଣାକୁ ନେଇ ମୃତ ଗୋବିନ୍ଦଙ୍କ ବିଧବା ସ୍ତ୍ରୀ ରୁବି କୁମ୍ଭାରଙ୍କ ଏତଲାକୁ ଗ୍ରହଣ ନ କରି ଫେରାଇ ଦେଇଥିଲା। ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ନ୍ୟାୟ ପାଇବା ଆଶାରେ ରୁବି ଲଢେଇ ଜାରି ରଖିଛନ୍ତି। ରାଜ୍ୟ ପୋଲିସ ଉପରେ ବିଶ୍ୱାସ ହରାଇଥିବା ରୁବି ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଇବାକୁ ଦାବି ମଧ୍ୟ କରିଛନ୍ତି। ଦଳିତ, ଗରିବ ଓ ବିଧବା ରୁବି କୁମ୍ଭାର ନ୍ୟାୟ ପାଇବା ଆଶାରେ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରିଛନ୍ତି। ପୋଲିସ କିମ୍ବା ପ୍ରଶାସନ ରୁବିଙ୍କ ଦାବିକୁ ଅଣଦେଖା କରିବାରୁ ସେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ବରଗଡ ଗସ୍ତ ଅବସରରେ ଦେଖା କରି ନ୍ୟାୟ ଭିକ୍ଷା ପାଇଁ ଅନୁରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ହାଜତ ମୃତ୍ୟୁ ପ୍ରସଙ୍ଗରେ ଚୁପ୍ ରହିବା ପାଇଁ ଏସ୍‌ପି ତାଙ୍କୁ ପ୍ରବର୍ତ୍ତାଉଥିବାର ରୁବିଙ୍କ ସଙ୍ଗିନ ଅଭିଯୋଗ ବର୍ତ୍ତମାନ ପୁଣି ପୋଲିସର ବିଶ୍ୱସନୀୟତା ଉପରେ ସିଧାସଳଖ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସ୍‌ପି ମଧ୍ୟ ରୁବିଙ୍କୁ ଅର୍ଥ, ଚାକିରି ଓ ପିଲାମାନଙ୍କ ପାଠପଢ଼ାର ପ୍ରଲୋଭନ ଦେଇ ଚୁପ୍ ରହିବାକୁ କହିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଗୋଲକ କହିଛନ୍ତି।

## ପଞ୍ଜାବରେ ୧୦ ବିଧାୟକଙ୍କୁ ପ୍ରାର୍ଥୀ କଲା ଏଏପି

**ଚଣ୍ଡିଗଡ଼,୧୨।୧୧:** ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ୧୦ ବିଧାୟକଙ୍କୁ ଦଳୀୟ ଟିକେଟ ଦିଆଯାଇଛି। ପଞ୍ଜାବ ବିଧାନସଭାର ବିରୋଧୀ ଦଳ ନେତା ହରପାଲ ସିଂ ଚିମାଙ୍କୁ ଦିର୍ବା ଆସନରୁ ପ୍ରାର୍ଥୀ କରାଯାଇଥିବାବେଳେ ଅମନ ଆରୋରା ସୁନାମ ନିର୍ବାଚନମଣ୍ଡଳୀରୁ ଲଢ଼ିବେ। ସେହିପରି ସରବଜିତ୍ କୌର ମନୁକେ ଜାଗରଣ ଆସନରୁ ଓ ବଲଜିନ୍ଦର କୌରଙ୍କୁ ତାଲୱଣ୍ଡି ସବୋ ଆସନରୁ ପ୍ରାର୍ଥୀ କରାଯାଇଛି। ଏହି ପ୍ରାର୍ଥୀ ତାଲିକା ଏଏପି ପକ୍ଷରୁ ଟୁଇଟରରେ ଶେୟାର କରଯାଇଛି।

# ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

**ମମିତା ହତ୍ୟା ମାମଲା**

ନୂଆଦିଲ୍ଲୀ, ୧୨।୧୧

କଳାହାଣ୍ଡି ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ଏବଂ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଓଡ଼ିଶା ଯୁବକଂଗ୍ରେସ ଶୁକ୍ରବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ହତ୍ୟା ମାମଲାର ଅନ୍ୟ ଷଡ଼ଯନ୍ତ୍ରକାରୀମାନଙ୍କ ବିରୋଧରେ ଓଡ଼ିଶା ସରକାର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଭୁସୁଡ଼ି ପଡ଼ିଛି। ଏହାକୁ ବିପର୍ଯ୍ୟୟରୁ ରୋକିବା ଦିଗରେ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଲାଗି ଯୁବ କଂଗ୍ରେସ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛି। ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ତାଙ୍କୁ ଜେରା ପାଇଁ ଡାକୁ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ଜଣେ ଅଭିଯୁକ୍ତ ମନ୍ତ୍ରୀଙ୍କୁ ବହିଷ୍କାର କରିବାକୁ ମନା କରିଦେଇଥିବା ସ୍ମାରକପତ୍ରରେ କୁହାଯାଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ମମିତା ହତ୍ୟା ମାମଲାର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ ପାଇଁ ଗୁରୁବାର ଯନ୍ତରମନ୍ତରରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣ ଅଲ୍ଲାଭରୁ ଏବଂ କଟକ ବାରବାଟି ବିଧାୟକ ମହମ୍ମଦ ମୋକିମ୍ ବିକ୍ଷୋଭରେ ସାମିଲ ହୋଇଥିଲେ। ମମିତାଙ୍କୁ ନ୍ୟାୟ ନ ମିଳିଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମୋକିମ୍ କହିଥିଲେ।


ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେଇ ଫେରୁଛନ୍ତି ଓଡ଼ିଶା ଯୁବକଂଗ୍ରେସର ନେତୃବୃନ୍ଦ।

# କଂଗ୍ରେସର ହରତାଳ

- ଚକୋଲେଟ ବାଣ୍ଟି, ଲଣ୍ଡା ହୋଇ ସଚେତନ କରାଇଲେ କର୍ମୀ
- ସ୍ୱାଭାବିକ ଥିଲା ଯାନବାହନ, ବ୍ୟବସାୟ ପ୍ରତିଷ୍ଠାନ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

କଳାହାଣ୍ଡି ଜିଲା ମହାଲିଙ୍ଗ ସନ୍‌ସାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ଦାବିରେ ଶୁକ୍ରବାର ରାଜ୍ୟ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ହାଇକୋର୍ଟ ବଳପୂର୍ବକ ବନ୍ଦ ପାଳନ ଉପରେ ନିଷେଧାଦେଶ ଜାରି କରିଥିବାରୁ କଂଗ୍ରେସ ରାଜ୍ୟର ବିଭିନ୍ନ ସ୍ଥାନରେ ଶାନ୍ତିପୂର୍ଣ୍ଣ ହରତାଳ କରିଛି। କଂଗ୍ରେସ ନେତା ଓ କର୍ମୀମାନେ ଶୁକ୍ରବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ୬ ଘଣ୍ଟିଆ ହରତାଳରେ ସାମିଲ ହୋଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ମୋଟରସାଇକେଲ ରାଲି କରିବା ସହ ହାତରେ ବ୍ୟାନର ଧରି ମନ୍ତ୍ରୀଙ୍କୁ ବହିଷ୍କାର କରିବା ନେଇ ଦାବି କରିଛନ୍ତି। ବନ୍ଦରେ ସ୍ୱତଃ ସାମିଲ ହେବାକୁ କର୍ମୀମାନେ ବ୍ୟବସାୟୀମାନଙ୍କୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା। ଏପରିକି କେତେକ ସ୍ଥାନରେ କର୍ମୀମାନେ ଲଣ୍ଡା ହେବା ସହ ଚକୋଲେଟ ବାଣ୍ଟି ଲୋକଙ୍କୁ ହରତାଳ ବିଷୟରେ ସଚେତନ କରାଉଥିବା ଦେଖିବାକୁ ମିଳିଥିଲା।

ହରତାଳ ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଯାନବାହନ ଚଳାଚଳ ସ୍ୱାଭାବିକ ଥିବାବେଳେ ବ୍ୟବସାୟିକ ଅନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ,ସ୍କୁଲ,କଲେଜ ଖୋଲା ରହିଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ବିଭିନ୍ନ ଛକରେ ପୋଲିସ ମୁତୟନ କରାଯାଇଥିଲା। ଭୁବନେଶ୍ୱରରେ ଧର୍ମଘଟ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। କଂଗ୍ରେସ କର୍ମୀମାନେ ବିଭିନ୍ନ ଛକରେ ଜନସାଧାରଣଙ୍କୁ ଧର୍ମଘଟ ସମୟରେ ସହଯୋଗ ପାଇଁ ଅପିଲ କରୁଥିବା ଦେଖିବାକୁ ମିଳିଥିଲା। ବିଶେଷ ଭାବେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକ ଏବଂ ବାଣୀବିହାର ଛକରେ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ଚକୋଲେଟ ବାଣ୍ଟି ଧର୍ମଘଟ ସମ୍ପର୍କରେ ସଚେତନ କରାଇଥିଲେ।

ଧର୍ମଘଟରେ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ସନ୍ତୋଷ ସିଂ ସାଲୁଜା, ଏଆଇସିସି ସମ୍ପାଦକ ଶରତ ରାଉତ, ପିସିସି ଉପସଭାପତି ଶିବାନନ୍ଦ ରାୟ, ଦେବାଶିଷ ପଟ୍ଟନାୟକ, ମନୋରଞ୍ଜନ ଦାଶ, ଯଜ୍ଞେଶ୍ୱର ବାବୁ, କିଶୋର ଜେନା, ଜାନକୀ ବଲ୍ଲଭ ପଟ୍ଟନାୟକ, ରଶ୍ମି ମହାପାତ୍ର, ସୁବ୍ରତ ମହାପାତ୍ର, ରଜନୀ ମହାନ୍ତି, ମନୋଜ ମହାପାତ୍ର, ପ୍ରକାଶ ମିଶ୍ର, ଦୀପକ କୁମାର ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ମୋହନ ଜେନା, ସୌମେନ୍ଦ୍ର ମହାନ୍ତି, ଦେବରାଜ ମିଶ୍ର, ମିତ୍ରଭାନୁ ମହାପାତ୍ର, ଶୁଭ୍ରଜ୍ୟୋତି ଲେଙ୍କା, ଅକ୍ଷୟ ଦାସ, ଅଶୋକ ଦାଶ, ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ରାଜଧାନୀର ବିଭିନ୍ନ ସ୍ଥାନରେ ବ୍ଲକ ସଭାପତି ଓ ଜିଲା କଂଗ୍ରେସକର୍ମୀମାନେସାମିଲହୋଇଥିଲେ।


କଟକ ମଧୁପାଟଣା ଛକରେ ଜିଲା କଂଗ୍ରେସ ପକ୍ଷରୁ ସ୍କୁଟି ଚାଳକଙ୍କୁ ଚକୋଲେଟ୍ ଦିଆଯାଉଛି।

## ହରତାଳ ସଫଳ ହୋଇଛି: କଂଗ୍ରେସ

**ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ, ବିଧାନସଭାରେ ପ୍ରସଙ୍ଗ ଉଠାଇବ**

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଦାବିରେ ଶୁକ୍ରବାର ୬ ଘଣ୍ଟିଆ ଧର୍ମଘଟ ପାଳନ ସଫଳ ହୋଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ହରତାଳ ପରେ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବୀ ବିଶ୍ୱାଳ କହିଛନ୍ତି, ସମଗ୍ର ରାଜ୍ୟରେ ଧର୍ମଘଟ ସଫଳ ହୋଇଛି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତ, ରାଜ୍ୟ ସରକାର କୋର୍ଟକୁ ଯାଇ ବନ୍ଦକୁ ଭଣ୍ଡୁର ପାଇଁ କରିଥିବା ଚକ୍ରାନ୍ତ ବିଫଳ ହୋଇଛି। ଏଆଇସିସି ସମ୍ପାଦକ ଶରତ ରାଉତ କହିଛନ୍ତି ଯେ ହାଇକୋର୍ଟଙ୍କ ରାୟ ଆଗାମୀ ଦିନରେ ସମସ୍ତ ରାଜନୈତିକ ଦଳ ଗୁଡିକ ପାଇଁ ଲାଗୁ ହେବା ଉଚିତ। ସେହିପରି ବିଧାୟକ ସନ୍ତୋଷ ସିଂ ସାଲୁଜା ଆଗାମୀ ଦିନରେ କଂଗ୍ରେସ ବିଧାନସଭାରେ ମମିତା ମେହେର ପ୍ରସଙ୍ଗ ଉଠାଇବ ବୋଲି କହିଛନ୍ତି। ହରତାଳ ଶାନ୍ତିପୂର୍ଣ୍ଣ ହୋଇଥିବାରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## ସମର୍ଥନ ମିଳିନି: ବିଜେଡି

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

କଂଗ୍ରେସର ହରତାଳ ଏକ ମଜାକ୍‌ରେ ପରିଣତ ହୋଇଛି। ଏହାକୁ ରାଜ୍ୟବାସୀଙ୍କଠାରୁ ସମର୍ଥନ ମିଳିନାହିଁ। କୋଭିଡ୍ ମହାମାରୀ ସମୟରେ ଭାଜପା ଦ୍ୱାରା ପ୍ରାୟୋଜିତ ଓଡ଼ିଶା କଂଗ୍ରେସର ଏହି ହରତାଳ ୪.୫ କୋଟି ଲୋକଙ୍କ ପାଇଁ ଏକ ନିଷ୍ଠୁରତା ବୋଲି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି।

ବିଜେଡି କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସସ୍ମିତ କହିଛନ୍ତି, ପୀଡ଼ିତାଙ୍କ ବାପା ହାତଯୋଡ଼ି ଏହି ସମ୍ବେଦନଶୀଳ ଘଟଣାକୁ ନେଇ ରାଜନୀତି ନ କରିବାକୁ ଏବଂ ସେମାନଙ୍କ ଘରକୁ ନ ଆସିବାକୁ ଅନୁରୋଧ କରିଥିଲେ। କିନ୍ତୁ କଂଗ୍ରେସ ଏବଂ ଭାଜପା ଏହାକୁ ସମ୍ମାନ ଦେଇନାହାନ୍ତି। ଯଦି ଏହି ରାଜନୈତିକ ଦଳ ନିକଟରେ କିଛି ପ୍ରମାଣ ଅଛି, ତେବେ ସେମାନେ କୋର୍ଟକୁ ଯାଇ ଏହାକୁ ଦାଖଲ କରନ୍ତୁ। ଆଇନ ତାହା ଉପରେ ନିଷ୍ପତ୍ତି ନେବ। କଂଗ୍ରେସର କାଁ ଭାଁ କର୍ମୀ ଆଜିର ହରତାଳ ପାଇଁ ବାହାରକୁ ଆସିଥିଲେ। ଏଥିରୁ ଜଣାପଡୁଛି, ସେମାନେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜନୀତି କିମ୍ବା ହରତାଳରେ ଖୁସି ନାହାନ୍ତି। କଂଗ୍ରେସ ଏଥିରୁ କୌଣସି ଶିକ୍ଷା ଗ୍ରହଣ କରିନାହିଁ। ମହିଳାଙ୍କ ସହ ଜଡ଼ିତ ଜଘନ୍ୟ ଅପରାଧ ଉପରେ ରାଜନୀତି ଜାରି ରଖିଛି। ଏଥିପାଇଁ ଓଡ଼ିଶାର ଲୋକମାନେ ସେମାନଙ୍କୁ ନାପସନ୍ଦ କରିବା ସହିତ ଲଗାତର ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଚାଲିଛନ୍ତି। ରାଜ୍ୟବାସୀ ଭାଜପା ପ୍ରାୟୋଜିତ ଓଡ଼ିଶା କଂଗ୍ରେସର ଏହି ହରତାଳକୁ ସମର୍ଥନ କରିନାହାନ୍ତି। ଏହା ଉଭୟ ରାଜ୍ୟ କଂଗ୍ରେସ ଏବଂ ଭାଜପା ପାଇଁ ଏକ ସତର୍କଘଣ୍ଟି ହୋଇଛି। ଯଦି କୌଣସି ଦଳ ମହିଳାଙ୍କ ସହ ଜଡ଼ିତ ସମ୍ବେଦନଶୀଳ ଅପରାଧ ଘଟଣାକୁ ନେଇ ରାଜନୀତି ଜାରି ରଖନ୍ତି ତେବେ ରାଜ୍ୟର ଲୋକମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କରିବେ। ଯେତେବେଳେ ରାହୁଲ ଗାନ୍ଧୀଙ୍କ ସମେତ ଦିଲ୍ଲୀର ସମଗ୍ର ନେତୃତ୍ୱ ଇନ୍ଧନ ମୂଲ୍ୟ ବୃଦ୍ଧି, ଏଲ୍‌ପିଜି ରନ୍ଧନ ଗ୍ୟାସ୍, କୃଷକ ପ୍ରସଙ୍ଗ ଆଦି ଉପରେ ଚିତ୍କାର କରୁଛନ୍ତି, ସେତେବେଳେ ଭାଜପା ପ୍ରାୟୋଜକ ଥିବାରୁ ରାଜ୍ୟ କଂଗ୍ରେସ କିନ୍ତୁ ଏହିସବୁ ପ୍ରସଙ୍ଗରେ ନୀରବ ଥିବା ଜଣାପଡୁଛି ବୋଲି ସସ୍ମିତ କହିଛନ୍ତି।



ଖବରଦାତା ସମ୍ମିଳନୀରେ ମୁଖପାତ୍ର ସସ୍ମିତ ପାତ୍ର ଓ ଏଲିନା ଦାସ।


ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ।


ନବରଙ୍ଗପୁରର ଚନ୍ଦାହାଣ୍ଡିଠାରେ ଲଣ୍ଡା ହୋଇ କଂଗ୍ରେସ କର୍ମୀମାନେ ହରତାଳ ପାଳନ କରୁଛନ୍ତି।

## ସଂକ୍ଷେପରେ

### ଜୁଡ଼ିଆ ଘାଟିରୁ ମଣିଷ ହାଡ଼ ଜବତ

#### ପ୍ରେମିକା ନିଖୋଜ ଘଟଣାରେ ପ୍ରେମିକ ଅଟକ

**କେନ୍ଦୁଝର, ୧୨।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ନୟାକୋଟ ପୋଲିସ ଟାଉନ ଥାନା ସହାୟତାରେ ଶୁକ୍ରବାର ଅପରାହ୍ଣରେ ସ୍ଥାନୀୟ ଜୁଡ଼ିଆ ଘାଟିରୁ ମଣିଷ ହାଡ଼ ସହ ଶରୀରର ଅନ୍ୟ କିଛି ଅଂଶ ଜବତ କରିଛି। ଏହା ନୟାକୋଟ ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ ଯୁବତୀଙ୍କର ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏନେଇ ପୋଲିସ ସ୍ପଷ୍ଟ କିଛି କହୁ ନ ଥିଲେ ହେଁ ଡିଏନ୍‌ଏ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କୁହାଯାଇଛି। ଏହି ଘଟଣାରେ ପୋଲିସ ନିଖୋଜ ଯୁବତୀଙ୍କ ପ୍ରେମିକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପ୍ରକାଶ ଯେ, ନୟାକୋଟ ଥାନା ଅଧୀନ ଉପରକାଦକଳା ଅଞ୍ଚଳର ଜଣେ ଯୁବକ ଓ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ପରିବାର ଲୋକେ ଗ୍ରହଣ ନ କରିବାରୁ ୨୦୧୯ ଅଗଷ୍ଟରେ ସେମାନେ ଘର ଛାଡ଼ି ପଳାଇଥିଲେ। ବର୍ଷକ ପରେ ସେମାନେ ଘରକୁ ଫେରିବା ପାଇଁ ଉଦ୍ୟମ କରିଥିଲେ। ତେବେ ହଠାତ୍ ଦୁଇଜଣଙ୍କ ଖୋଜ ଖବର ମିଳି ନ ଥିଲା। ମୋବାଇଲ ଫୋନ୍ ମଧ୍ୟ ସୁଇଚ୍ ଅଫ୍ ଥିଲା। ଗତ ଜୁଲାଇରେ ଯୁବକ ଜଣଙ୍କ ଅନ୍ୟ ଜଣେ ଝିଅକୁ ବିବାହ କରିଥିବା ଯୁବତୀଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଯୁବକଙ୍କୁ ପଚାରିବା ପରେ ତାଙ୍କ କଥାବାର୍ତ୍ତାରେ ସନ୍ଦେହ ସୃଷ୍ଟି ହେବାରୁ ସେମାନେ ନୟାକୋଟ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ଅପହରଣ ମାମଲା (ନଂ.୫୯/୨୦୨୧) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ସ୍ୱର୍ଣ୍ଣମୟୀ ହେମ୍ବ୍ରମ କହିଛନ୍ତି।

### ଜଙ୍ଗଲରୁ ଧରାପଡ଼ିଲେ ହତ୍ୟାକାରୀ ପୁଅ

#### ବାପାଙ୍କୁ କାଠଫାଳିଆରେ ପିଟି ହତ୍ୟା ଘଟଣା

**ପାଟଣା, ୧୨।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ମିରିଗିଖୋଜି ଗ୍ରାମରେ ବାପାଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିଥିବା ଅଭିଯୋଗରେ ପୋଲିସ ହତ୍ୟାକାରୀ ପୁଅଙ୍କୁ ଗିରଫ କରିଛି। ବୈତରଣୀ ନଦୀ କୂଳରେ ଥିବା ଜଙ୍ଗଲରେ ଲୁଚିଥିବା ବେଳେ ଶୁକ୍ରବାର ପୋଲିସ ତାଙ୍କୁ ଧରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବୀରେନ୍ଦ୍ର ପଲେଇ(୩୫)। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ପୂର୍ବାହ୍ଣରେ ବୀରେନ୍ଦ୍ର ତାଙ୍କ ସ୍ତ୍ରୀଙ୍କୁ ଗାଳି ଗୁଲଜ କରୁଥିବା ବେଳେ ବାପା ଆକୁଳି ଚରଣ ବୋହୂଙ୍କୁ ଗାଳି ନ କରିବା ପାଇଁ ତାଗିଦ୍ କରିଥିଲେ। ଏଥିରେ ବୀରେନ୍ଦ୍ର ଉତ୍‌କ୍ଷିପ୍ତ ହୋଇ ପାଖରେ ପଡ଼ିଥିବା ଏକ କାଠ ଫାଳିଆରେ ବାପା ଆକୁଳିଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଗୁରୁତର ଅବସ୍ଥାରେ ଆକୁଳିଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୁରବାର ପୂର୍ବାହ୍ଣରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବଡ଼ ବୋହୂ ମିନତୀ ପଲେଇଙ୍କ ଅଭିଯୋଗକୁ ଭିତ୍ତିକରି ପାଟଣା ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ ଏକ ହତ୍ୟା ମାମଲା(ନଂ.୧୯୬/୨୧) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲେ। ଗିରଫ ଭୟରେ ଅଭିଯୁକ୍ତ ପାଖ ଜଙ୍ଗଲରେ ଲୁଚି ରହିଥିଲେ। ଶୁକ୍ରବାର ସକାଳେ ଏସ୍‌ଆଇ ଶିବଶଙ୍କର ଆଲଦା ସଦଳବଳ ଚଢ଼ାଉ କରି ବୀରେନ୍ଦ୍ରଙ୍କୁ ଧରିବାରେ ସଫଳ ହୋଇଥିଲେ।




## ବର୍ଷା ପାଇଁ ରାଜାରାଣୀ ସଙ୍ଗୀତ ମହୋତ୍ସବ ବାତିଲ

**ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର, ୧୨।୧୧ (ବ୍ୟୁରୋ/ଡି.ଏନ୍‌ଏ)**

ରାଜାରାଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହେବାକୁ ଥିବା ୨୧ତମ ରାଜାରାଣୀ ସଙ୍ଗୀତ ମହୋତ୍ସବକୁ ବାତିଲ କରାଯାଇଛି। ଶୁକ୍ରବାର ମହୋତ୍ସବ ଉଦ୍‌ଘାଟନ ହେବାକୁ ଥିବାବେଳେ ଦିନତମାମ ବର୍ଷା ଲାଗି ରହିଥିବାରୁ ଶେଷ ମୁହୂର୍ତ୍ତରେ ଏହାକୁ ବାତିଲ କରାଯାଇଥିଲା। ଏ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ପ୍ରଥମ ସନ୍ଧ୍ୟାରେ ଗୁରୁ ଜବାହାର ମିଶ୍ର ହିନ୍ଦୁସ୍ତାନୀ ବଂଶୀ ଏବଂ ବିଦୁଷୀ ଅଶ୍ୱିନୀ ଭିଡେ ଦେଶପାଣ୍ଡେ ହିନ୍ଦୁସ୍ତାନୀ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ଥିଲା। ୩ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ପ୍ରତି ସନ୍ଧ୍ୟାରେ ଦୁଇଜଣ ଲେଖାଏ ଶିଳ୍ପୀ ସଙ୍ଗୀତ ପରିବେଷଣ କରିଥାନ୍ତେ। ଓଡ଼ିଶୀ, ହିନ୍ଦୁସ୍ତାନୀ, ସାରଙ୍ଗୀ ଏବଂ କର୍ନାଟକୀ ସଙ୍ଗୀତ ପରିବେଷଣ କରାଯାଇଥାନ୍ତା।

## ଶେୟାର ମାର୍କେଟରେ ଲାଗିଛି ପ୍ରତାପଙ୍କ ଟଙ୍କା

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଛନ୍ତି
- ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲଗାଇଥିଲେ

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲ୍‌ଫେୟାର କର୍ପୋରେଶନ(ଓପିଏଚ୍‌ଡବ୍ଲ୍ୟୁସି)ର ଡେପୁଟି ମ୍ୟାନେଜର ପ୍ରତାପ କୁମାର ସାମଲଙ୍କ କଳା କାରନାମାର ପେଡ଼ି ଖୋଲିବାରେ ଲାଗିଛି। ପ୍ରତାପ ଓଡ଼ିଆ ଚଳଚ୍ଚିତ୍ରରେ ଟଙ୍କା ଲଗାଇବା ସହ ଶେୟାର ମାର୍କେଟ୍‌ରେ ବି ନିବେଶ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ପାଖାପାଖି ୧ କୋଟି ୭ଲକ୍ଷ ୩୭ ହଜାର ୮୩୧ ଟଙ୍କା ସେ ନିବେଶ କରିଛନ୍ତି। ତେବେ ବର୍ତ୍ତମାନ ଏହି ଟଙ୍କା ବଢ଼ିଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଟଙ୍କାକୁ ଭିଜିଲାନ୍ସ ପକ୍ଷରୁ ଜବତ କରାଯାଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ପ୍ରତାପ ଆଉ କେଉଁଠି ଟଙ୍କା ନିବେଶ କରିଥିଲେ, ସୁଧ ବେପାର କରୁଥିଲେ କି ନାହିଁ, ତାଙ୍କ ସହ ଆଉ କେହି ସମ୍ପୃକ୍ତ ଅଛନ୍ତି କି ପ୍ରଭୃତି ଅନେକ ଦିଗକୁ ନେଇ ଭିଜିଲାନ୍ସ ଅନୁସନ୍ଧାନ ଜାରି ରଖିଛି। ସେହିପରି ୨୦୦୩ ଏବଂ ୨୦୦୫ରେ ନିର୍ମିତ ଦୁଇଟି ଓଡ଼ିଆ ସିନେମାରେ ପ୍ରତାପ ଟଙ୍କା ଲଗାଇଥିଲେ। ଏନେଇ ଭିଜିଲାନ୍ସ ଅଧିକ ଖୋଳତାଡ଼ କରୁଥିବା ବେଳେ ଓଡିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେଶନ୍ (ଓଏଫ୍‌ଡିସି) ସହ ଯୋଗାଯୋଗ କରିଛି। ପ୍ରତାପଙ୍କ ସ୍ତ୍ରୀଙ୍କ ପ୍ରଯୋଜନାରେ ଆଉ କେତୋଟି ଫିଲ୍ମ ନିର୍ମାଣ ହୋଇଛି ତାହା ଜାଣିବା ପାଇଁ ଭିଜିଲାନ୍ସ ଓଏଫ୍‌ଡିସିକୁ ରିପୋର୍ଟ ମାଗିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ବିଭାଗ ପକ୍ଷରୁ ୧୦ଟି ଟିମ୍ ମଙ୍ଗଳବାର ତାଙ୍କ ଅଫିସ ଓ ବାସଭବନ ସମେତ ୯ ସ୍ଥାନରେ ଚଢ଼ାଉ କରିଥିଲେ। ୫ଟି କୋଠା ସହ ମୋଟ ୨୭ଟି ଅସ୍ଥାବର ସମ୍ପତ୍ତି ଠାବ କରାଯିବା ସମେତ ନଗଦ ୩୮. ୧୨ ଲକ୍ଷ ଟଙ୍କା ଜବତ ହୋଇଥିଲା। ପ୍ରତାପ ଏବଂ ତାଙ୍କ ସ୍ତ୍ରୀ ସସ୍ମିତା ସାମଲଙ୍କ ନାମରେ ସର୍ବମୋଟ୍ ୧୪.୮୭କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। ଭିଜିଲାନ୍ସ ପ୍ରତାପ ଓ ସସ୍ମିତାଙ୍କ ନାମରେ ଏକ ମାମଲା (ନଂ. ୩୪/୨୧) ରୁଜୁ କରିଥିଲା। ବୁଧବାର ପ୍ରତାପଙ୍କୁ ଗିରଫ କରାଯାଇଥିବାବେଳେ ଗୁରୁବାର ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।


ପ୍ରତାପ କୁମାର ସାମଲ

# ଅଧାରେ ଅଟକିଛି ୩୧୯ ପ୍ରକଳ୍ପ

## ୧୫ ବର୍ଷ ହେଲା ପିଏମ୍‌ଜିଏସ୍‌ୱାଇ କାମ ସରୁନି

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ, ୧୨।୧୧**

ଓଡ଼ିଶାର ୧୩ଟି ଗ୍ରାମ୍ୟ ନିର୍ମାଣ ସର୍କଲ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ୩୧୯ଟି ରାସ୍ତା ନିର୍ମାଣ ସରୁନାହିଁ। ଏଥିରେ ପ୍ରଥମ ପର୍ଯ୍ୟାୟରେ ୩୦୮ ଓ ଦ୍ୱିତୀୟ ପର୍ଯ୍ୟାୟରେ ୯୧ଟି ପ୍ରକଳ୍ପ ରହିଛି। ତେବେ ବିଡମ୍ବନା ଯେ, ଅନୁଗୋଳ ସର୍କଲ ଅଧୀନ ୨୦୦୬-୦୭ ଆର୍ଥିକ ବର୍ଷରୁ ମଞ୍ଜୁରପ୍ରାପ୍ତ ୨ଟି ପ୍ରକଳ୍ପ ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହାବାଦ୍ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟ ଜିଲାକୁ ନେଇ ଗଠିତ ସୁନାବେଡ଼ା ଗ୍ରାମ୍ୟ ନିର୍ମାଣ ସର୍କଲ ଅଧୀନରେ ସର୍ବାଧିକ ୧୨୪ ପ୍ରକଳ୍ପ ଅଧାରେ ଅଟକିଛି। ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ଫଳରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରାୟ ୧୨୪୧୪୬.୫୩ଲକ୍ଷ ଟଙ୍କା ବିନିଯୋଗ ହୋଇପାରି ନ ଥିବାରୁ ଯୋଜନାର ଲକ୍ଷ୍ୟ ବାଟବଣା ହୋଇଛି। ଏହାବାଦ୍ ଗ୍ରାମାଞ୍ଚଳରେ ଗମନାଗମନା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟ ମଧ୍ୟ ପ୍ରତିହତ ହୋଇଛି। ଅନ୍ୟପକ୍ଷେ ଠିକାଦାରି ରାଜନୀତିରେ ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ୨ ରୁ ୩ ବର୍ଷରେ ନଷ୍ଟ ହୋଇଯାଉଥିବା ନଜିର ରହିଛି। ତେବେ ଅସମ୍ପୂର୍ଣ୍ଣ ପିଏମ୍‌ଜିଏସ୍‌ୱାଇ ରାସ୍ତା ପାଇଁ ବିଭାଗୀୟ ଚିଫ୍ ଇଞ୍ଜିନିୟର ଉଦ୍‌ବେଗ ପ୍ରକାଶ କରିବା ସହିତ ୩୧।୧୨।୨୦୨୧ ସୁଦ୍ଧା ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରିବାକୁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି।

ଆଭ୍ୟନ୍ତରୀଣ ଅଞ୍ଚଳର ରାସ୍ତାଘାଟ ଅବସ୍ଥାକୁ ନେଇ ସେହି ଅଞ୍ଚଳର ବିକାଶ କଥା ସ୍ପଷ୍ଟ ହୋଇଥାଏ। ଏହାସହ ଲୋକଙ୍କ ଜୀବନଧାରଣର ମାନ ମଧ୍ୟ ଜଣା ପଡିଥାଏ। ଏହିକ୍ରମରେ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ବିଭିନ୍ନ ଯୋଜନା ମାଧ୍ୟମରେ ଜିଲାର ରାସ୍ତାଘାଟର ନିର୍ମାଣ, ପୁନଃ ନିର୍ମାଣ, ପ୍ରଶସ୍ତୀକରଣ ଓ ମରାମତି ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। କେବଳ ସହରାଞ୍ଚଳର ବିକାଶ ସହିତ ଗ୍ରାମାଞ୍ଚଳକୁ ସାମିଲ କରିବା ଉଦ୍ଦେଶ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ ସରକାର ପିଏମ୍‌ଜିଏସ୍‌ୱାଇ ପ୍ରଣୟନ କରିଛନ୍ତି। ପ୍ରତି ୧ ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ସୁଦୃଢ଼ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ଏହି ଯୋଜନାର ଲକ୍ଷ୍ୟ। ଏହି ଯୋଜନା ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଗ୍ରାମ୍ୟ ନିର୍ମାଣ (ଆରଡବ୍ଲ୍ୟୁ) ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି। ତେବେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ସମେତ କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଅସାଧୁମେଣ୍ଟ ଯୋଗୁ ଯୋଜନାର ଅଗ୍ରଗତି ନୈରାଶ୍ୟଜନକ ରହିଛି ବୋଲି ଅଭିଯୋଗ ହୋଇଛି। ୨୦୦୬-୦୭ଠାରୁ ଆରମ୍ଭ କରି ୨୦୧୧-୧୨ ପର୍ଯ୍ୟନ୍ତ କେତେକ ଅସମ୍ପୂର୍ଣ୍ଣ ତାଲିକାକୁ ଅବଲୋକନ କଲେ ଏହା ଜଳଜଳ ହୋଇ ଦିଶୁଛି। ବିଡମ୍ବନା ଯେ, ୨୦୦୬-୦୭ ଆର୍ଥିକ ବର୍ଷ ତଥା ଆଜକୁ ୧୫ ବର୍ଷ ହେଲା ଅନୁଗୋଳ ସର୍କଲ ଅଧୀନ ଢେଙ୍କାନାଳ ଜିଲାର ଅମଣଠାରୁ ଆମତୋଟା ସାହି ୨.୦୧ କିମି ଏବଂ ଖଲିବେରନା ଛକଠାରୁ ନୂଆଗାଁ ୬ କିମି ରାସ୍ତା ଅସମ୍ପୂର୍ଣ୍ଣ ରହିଛି। ନ୍ୟାଶନାଲ ବିଲଡର୍ସ ଅଧାରେ କାମ ଛାଡି ଫେରାର ହୋଇଯାଇଛି। ତେବେ ଏହି ୧୫ ବର୍ଷ ମଧ୍ୟରେ ବିଭାଗ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ପାରିନାହିଁ। ସେହିପରି ଯାଜପୁର ଜିଲାର ୨୦୧୧-୧୨ରୁ ଆର୍‌ଡି ରାସ୍ତା ଠାରୁ ଅର୍ଡାପାଲ ୫ କିମି ରାସ୍ତା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଠିକାଦାର ସୁକାନ୍ତ କୁମାର ଧଳ ଏହି ରାସ୍ତା ନିର୍ମାଣର ଦାୟିତ୍ୱରେ ରହିଥିଲେ। ବାକି କେତେକ ପ୍ରକଳ୍ପ ପ୍ରାୟ ୨୦୧୬-୧୭ରୁ ମଞ୍ଜୁର ହୋଇ ଏଯାଏ ଶେଷ ହୋଇପାରୁନାହିଁ। ଏଥିରେ ଅନୁଗୋଳ ସର୍କଲରେ ୪, ବାଲେଶ୍ୱର ସର୍କଲରେ ୮, ବାରିପଦା ସର୍କଲରେ ୪୧, ବ୍ରହ୍ମପୁର ସର୍କଲରେ ୩୦, କଟକ ସର୍କଲରେ ୨୧, ଭବାନୀପାଟଣା ସର୍କଲରେ ୪୨, ଭୁବନେଶ୍ୱର ସର୍କଲରେ ୩୧, ବଲାଙ୍ଗୀର ସର୍କଲରେ ୬, କେନ୍ଦ୍ରାପଡ଼ା ସର୍କଲରେ ୪୬, କେନ୍ଦୁଝର ସର୍କଲରେ ୧୮, ସମ୍ବଲପୁର ସର୍କଲରେ ୧୩, ସୁନାବେଡା ସର୍କଲରେ ୧୨୪, ସୁନ୍ଦରଗଡ଼ ସର୍କଲରେ ୧୩ ଟି ପ୍ରକଳ୍ପ ରହିଛି। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏହାବାଦ୍ ପିଏମ୍‌ଜିଏସ୍‌ୱାଇରେ ବ୍ରିଜ୍ ଓ ରାସ୍ତା ନିର୍ମାଣରେ ନାହିଁ ନ ଥିବା ଦୁର୍ନୀତି ପଦାକୁ ଆସୁଛି। ଏଥିରେ ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହେଉଥିବାବେଳେ କେତେଜଣ ସ୍ଥାନୀୟ ଲୋକପ୍ରତିନିଧି ଓ ଠିକାଦାରମାନେ ମାଲାମାଲ ହେଉଛନ୍ତି। ତେବେ ଗତ ୧୦।୧୧।୨୦୨୧ରେ ପିଏମ୍‌ଜିଏସ୍‌ୱାଇର ଚିଫ୍ ଇଞ୍ଜିନିୟର କଚ୍ଛପ ଗତିରେ ଚାଲିଥିବା ପ୍ରକଳ୍ପଗୁଡ଼ିକୁ ନାକଚ କରିବା ସହ ବଳକା କାର୍ଯ୍ୟ ପାଇଁ ପୁଣି ଟେଣ୍ଡର କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।


ରଗଡ଼ି-କିଆପଡ଼ା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ।

## କପ୍ତିପଦା ରାଜା ଶ୍ରୀଦାମଚନ୍ଦ୍ରଙ୍କ ପରଲୋକ

### ନୂତନ ରାଜା ସୌରଭଙ୍କ ଅଭିଷେକ

**କପ୍ତିପଦା, ୧୨।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦାର ରାଜା ଶ୍ରୀଦାମଚନ୍ଦ୍ର ପରାକ୍ରମ ଭୂଜଙ୍ଗ ମାନ୍ଧାତାଙ୍କର ଶୁକ୍ରବାର ପରଲୋକ ଘଟିଛି। କିଛି ଦିନ ପୂର୍ବରୁ ସେ କାମଳ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଥିଲେ। ତାଙ୍କ ମୃତ୍ୟୁରେ କପ୍ତିପଦାର ଦୋକାନ ବଜାର ବନ୍ଦ ରହିଥିଲା। ତାଙ୍କର ପାର୍ଥିବ ଶରୀର କପ୍ତିପଦାରେ ପହଞ୍ଚିବାପରେ ଏକ ସୁସଜ୍ଜିତ ଗାଡ଼ିରେ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା ପରେ ରାଜବାଟୀ ପରିସରକୁ ନିଆଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ରାଜା ସିଂହାସନରେ ବସିବା ପାଇଁ ପ୍ରହରାଜ ପାର୍ଥସାରଥୀ ମିଶ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରହରାଜ ମିଶ୍ର ସିଂହାସନରେ ବସି ନୂତନ ରାଜାଙ୍କୁ ସଦ୍ୟଶୌଚ କରି ଅଭିଷେକ କରିବାକୁ ପୁରୋହିତଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ନୂତନ ରାଜା ଅଭିଷେକ ସାରି ଫେରିବା ପର୍ଯ୍ୟନ୍ତ ପ୍ରହରାଜେ ଗାଦିରେ ବସି ରହିଥିଲେ। ରାଜ ପରମ୍ପରାକୁ ସମ୍ମାନ ଜଣାଇ କପ୍ତିପଦା ରାଜା ଶ୍ରୀଦାମ ଚନ୍ଦ୍ରଙ୍କ ଦେହାନ୍ତ ପରେ ତାଙ୍କର ସାନଭାଇ ସୌରଭ ଚନ୍ଦ୍ର ପରାକ୍ରମ ବାହୁ ଅଭିନବ ଭୂଜଙ୍ଗ ମାନଧାତାଙ୍କୁ ଅଭିଷେକ କରାଯାଇଥିଲା। ପରେ ସେ ପ୍ରଥମେ ରାଜବାଟୀ ପରିସରରେ ଥିବା ମା' ବିରାଟପାଟେଶ୍ୱରୀଙ୍କ ଆଶୀର୍ବାଦ ଭିକ୍ଷା କରି ପେଡ଼ାଗଡ଼ି ଇଚ୍ଛାବତୀ ଭୀମେଶ୍ୱର ପୀଠକୁ ଯାଇ ପୂଜାର୍ଚ୍ଚନା କରିବା ସହ ଠାକୁରାଣୀଙ୍କଦ୍ୱାରା ରାଜଅସ୍ତ୍ର ପ୍ରାପ୍ତି କରିଥିଲେ। ହରିବଳଦେବଜୀଉ ରାଜାଙ୍କୁ ମୁକୁଟ ଓ ପଗଡ଼ି ପ୍ରଦାନ କରିଥିଲେ। ଏହାପରେ ଶୈବପୀଠ ଝିଙ୍କେଶ୍ୱର ଓ କପ୍ତିପଦା ଦଧିବାମନ ଜୀଉ ମନ୍ଦିରକୁ ଯାଇ ପୂଜକଙ୍କଠାରୁ ରାଜନୀତି ଶିକ୍ଷା କରି ବିରାଟେଶ୍ୱର ମହାଦେବଙ୍କ ସମ୍ମୁଖରେ ଚଳନ୍ତି ପ୍ରତିମା ସ୍ୱରୂପ ରାଜା ହୋଇଥିଲେ। ତେବେ ରାତିରେ ସୋନନଦୀ କୂଳରେ ଥିବା ରାଜପରିବାର ଶ୍ମଶାନରେ ରାଜା ଶ୍ରୀଦାମଚନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।


ସୌରଭ ଚନ୍ଦ୍ର ପରାକ୍ରମ ବାହୁ ଅଭିନବ ଭୂଜଙ୍ଗ ମାନଧାତା

## ମାଓବାଦୀ ନେତା ପ୍ରଶାନ୍ତ, ସ୍ତ୍ରୀ ଶୀଳା ଗିରଫ




**ହାଇଦ୍ରାବାଦ, ୧୨।୧୧**

ସିପିଆଇ ମାଓବାଦୀ ସଙ୍ଗଠନର ଦ୍ୱିତୀୟ ସର୍ବୋଚ୍ଚ ନେତା ପ୍ରଶାନ୍ତ ବୋଷ ଓ ତାଙ୍କ ସ୍ତ୍ରୀ ଶୀଲା ମାରାଣ୍ଡିଙ୍କୁ ଶୁକ୍ରବାର ଝାଡ଼ଖଣ୍ଡ ପୋଲିସ ଗିରଫ କରିଛି। ଏହି ଦମ୍ପତିଙ୍କ ଗିରଫଦାରି ଉତ୍ତର ଭାରତରେ ମାଓବାଦୀ କ୍ୟାଡରଙ୍କ ମନୋବଳ ଓ ହିଂସାତ୍ମକ କାର୍ଯ୍ୟକଳାପକୁ ପ୍ରଭାବିତ କରିବ ବୋଲି କୁହାଯାଉଛି।

ଦୁର୍ଦ୍ଧର୍ଷ ମାଓବାଦୀ ନେତା ପ୍ରଶାନ୍ତ ପୂର୍ବରୁ ମାଓଇଷ୍ଟ କମ୍ୟୁନିଷ୍ଟ ସେଣ୍ଟର ଅଫ୍ ଇଣ୍ଡିଆ (ଏମ୍‌ସିସିଆଇ) ମୁଖ୍ୟ ଥିଲେ। ୨୦୦୪ରେ ସିପିଆଇ-ଏମ୍‌ଏଲ୍ (ପିପୁଲ୍ସ ୱାର) ସହ ଏମ୍‌ସିସିଆଇର ବିଲୟ ଘଟି ସିପିଆଇ (ମାଓଇଷ୍ଟ) ସଙ୍ଗଠନର ରୂପ ନେଇଥିଲା। କିଷନ ଦା ନାମରେ ପରିଚିତ ପ୍ରଶାନ୍ତଙ୍କ ଯୋଗୁ ମାଓବାଦୀ ସଙ୍ଗଠନର ଏହି ମିଶ୍ରଣ ସମ୍ଭବ ହୋଇଥିବା କୁହାଯାଏ। କିଷନ ଦା ଏବେ ଇଷ୍ଟର୍ନ ରିଜିଓନାଲ ବ୍ୟୁରୋ (ଇଆର୍‌ବି) ସମ୍ପାଦକ ଅଛନ୍ତି। ଉତ୍ତର-ପୂର୍ବାଞ୍ଚଳ ସମେତ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରେ ମାଓବାଦୀ କାର୍ଯ୍ୟକ୍ରମ ତାଙ୍କ ତତ୍ତ୍ୱାବଧାନରେ ହୋଇଥାଏ। ୭୫ ବର୍ଷୀୟ କିଷନ ଦା ଅସୁସ୍ଥ ଥାଇ ବି ଝାଡ଼ଖଣ୍ଡର ସରଣ୍ଡା ଜଙ୍ଗଲରୁ ସବୁକିଛି ଅପରେଟ୍ କରୁଥିବା କୁହାଯାଉଛି। ପଶ୍ଚିମବଙ୍ଗର ଯାଦବପୁର ବାସିନ୍ଦା କିଷନ ଦା ତାଙ୍କ ସହଯୋଗୀଙ୍କ ମହଲରେ ନିର୍ଭୟ, କିଷନ, କାଜଲ ଓ ମହେଶ ନାମରେ ମଧ୍ୟ ପରିଚିତ।

ତାଙ୍କ ସ୍ତ୍ରୀ ଶୀଳା ମାରାଣ୍ଡି(୬୦) ମଧ୍ୟ ମାଓବାଦୀ ସଙ୍ଗଠନର ଅନ୍ୟତମ ବରିଷ୍ଠ ନେତ୍ରୀ। ସିପିଆଇ ମାଓଇଷ୍ଟ ସେଣ୍ଟ୍ରାଲ କମିଟିର ସେ ହେଉଛନ୍ତି ଏକମାତ୍ର ମହିଳା ସଦସ୍ୟ। ୨୦୦୬ରେ ଓଡ଼ିଶାରେ ସେ ଗିରଫ ହୋଇଥିଲେ। ପରେ ରାଉରକେଲା ଜେଲରୁ ମୁକୁଳିଥିଲେ। ୫ ବର୍ଷ ତଳେ ସେ ପୁଣି ସିପିଆଇ(ମାଓବାଦୀ) ସଙ୍ଗଠନରେ ସାମିଲ ହୋଇଥିଲେ। ସାରା ଦେଶରେ ମହିଳାମାନଙ୍କୁ ଉକ୍ତ ସଙ୍ଗଠନରେ ସାମିଲ କରିବାରେ ଶୀଲାଙ୍କ ପ୍ରମୁଖ ଭୂମିକା ଥିବା ମନେକରାଯାଏ। ଶୀଲାଙ୍କ ଘର ଝାଡ଼ଖଣ୍ଡ ଜିଲାରେ। ସଙ୍ଗଠନରେ ସେ ହେମା, ଆଶା, ବୁଢ଼ାଣୀ ଓ ଗୁଞ୍ଜି ନାମରେ ପରିଚିତ।


ଲଘୁଚାପ ଯୋଗୁ ଭୁବନେଶ୍ୱରରେ ଶୁକ୍ରବାର ହୋଇଥିବା ବର୍ଷା।

## ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଭଣ୍ଡାରିପୋଖରୀ(ଡି.ଏନ.ଏ)**-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ପଞ୍ଚାୟତ ମୁଡ଼ାପଦା ଗ୍ରାମ ସ୍ଥିତ ବୈତରଣୀ ନଦୀ କୂଳ ଅଞ୍ଚଳରୁ ଗୁରୁବାର ରାତି ଓ ଶନିବାର ସକାଳୁ ପୋଲିସ ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଦୁଇ ଚାଳକ ଫେରାର ହୋଇଯାଇଛନ୍ତି। ଟ୍ରାକ୍ଟର ଦୁଇଟି ବେଆଇନ ଭାବେ ବାଲି ବୋଝେଇ କରି ପରିବହନ କରୁଥିବା ବେଳେ ପୋଲିସ ଜବତ କରିଥିଲା। ଏନେଇ ଥାନାରେ ପୃଥକ୍ ମାମଲା (ନଂ.୩୫୨/୨୧ ଓ ୩୫୪/୨୧) ରୁଜୁ ହୋଇଛି।

# ସଂକ୍ଷେପରେ

## ଡିଜେଲ ଚୋରି ଅଭିଯୋଗରେ ୩ ଗିରଫ

ପାଟଣା,୧୨।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ଡିଜେଲ ଚୋରି ଅଭିଯୋଗରେ ଶୁକ୍ରବାର ମଣ୍ଟେକାର୍ଲ ଠିକା ସଂସ୍ଥାର ୩ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ଉତ୍ତର ପ୍ରଦେଶ ବଲିଆ ଜିଲା ମୁନଛାପରା ଗ୍ରାମର ଗୁଲ ମହମ୍ମଦ, ବିହାର ଜାହାନାବାଦ ଜିଲା ଅଧୀନ ଫିଦାହୁସେନ ଗ୍ରାମର ଏମ୍‌ଡି ସରାଫାତ ଓ ଝାଡ଼ଖଣ୍ଡ ମରାଡ଼ି ଜିଲା ଅନ୍ତର୍ଗତ ନିଚିତାପୁର ଗ୍ରାମର ଏମଡି ଆତାବୁଦ୍ଦିନ ଆନସାରି। ବୁଧବାର ରାତିରେ ମଣ୍ଟେକାର୍ଲ କମ୍ପାନୀର ଡୁମୁରିଗୋଡ଼ା ସ୍ଥିତ କ୍ୟାମ୍ପରୁ ଏହି ୩ କର୍ମଚାରୀ ଡିଜେଲ ଚୋରି କରୁଥିବା ବେଳେ ଅନ୍ୟ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ଏନେଇ କମ୍ପାନୀର ସିନିୟର ମ୍ୟାନେଜର ଚିନ୍ମୟ ଶତପଥୀ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୫ ଲିଟର ଡିଜେଲ ଜବତ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ମଦନ ମୋହନ ନାଏକ ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ମହିଳା ମୃତ

ପାଟଣା,୧୨।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଶଘାଟି ପଞ୍ଚାୟତ ଜାମୁଲେଇବେଡ଼ା ଗ୍ରାମର ଜଣେ ମହିଳା ଶୁକ୍ରବାର ପୂର୍ବାହ୍ନରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଗହ୍ନା ମୁଣ୍ଡାଙ୍କ ସ୍ତ୍ରୀ ପାର୍ବତୀ। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଦୁର୍ଘଟଣାରେ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ମୃତ୍ୟୁ

ଖଇରା, ୧୨।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ବାଳିକା ପ୍ରତିଷ୍ଠାତା କୁପାରୀ ଗ୍ରାମନିବାସୀ କମଳାକାନ୍ତ ବିଶ୍ୱାଳ(୮୦)ବାଇକ୍ ଧକ୍କାରେ ପ୍ରାଣ



ହରାଇଛନ୍ତି। ଧକ୍କା ଦେଇଥିବା ବାଇକ ଆରୋହୀ ନହଙ୍ଗ ଗ୍ରାମର ପବିତ୍ର ଖଟୁଆଙ୍କ ନାମରେ ଖଇରା ପୋଲିସ ଏକ ମାମଲା(ନଂ.୨୪୬/୨୧) ରୁଜୁ କରିଛି। କମଳାକାନ୍ତ ସାଇକେଲରେ ଘରୁ ବାହାରି ସୋର-କୁପାରୀ ରାସ୍ତାରେ କୁପାରୀ ବଜାର ଆଡକୁ ଯାଉଥିବା ବେଳେ ନହଙ୍ଗ ଆଡୁ କୁପାରୀ ଆସୁଥିବା ପବିତ୍ରଙ୍କ ବୁଲେଟ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ସେ ସଂଜ୍ଞାହୀନ ହୋଇ ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ପୂର୍ବରୁ ସବୁଜ ପତ୍ରିକାଧାରୀ ସଂଘ ସଭାପତି ରହିବା ସହ ବହୁ ଅନୁଷ୍ଠାନ ସହ ଜଡିତ ଥିଲେ। ଦୁର୍ନୀତି ବିରୋଧରେ ତାଙ୍କର ଲଢେଇ ଜାରି ରହିଥିଲା। ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଭାଜପା ନେତା ଗଜେନ୍ଦ୍ର ପ୍ରସାଦ ଦାସ, ବିଜେଡି ନେତା ଶଶିକୁମାର ସାହୁ, ପ୍ରାକ୍ତନ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଦାସ, ଶ୍ରୀଧର ତ୍ରିପାଠୀ, ଭାଗବତ ପଣ୍ଡା ଓ ମଣ୍ଡଳ ସଭାପତି ରାଜେଶ ରାଉତ ପ୍ରମୁଖ ଶେଷ ଦର୍ଶନ କରିଥିଲେ ।

## ପ୍ରଫେସର ଲକ୍ଷ୍ମୀକାନ୍ତଙ୍କ ପରଲୋକ

ଭଦ୍ରକ ଅଫିସ,୧୨।୧୧-ଭଦ୍ରକ ଉପକଣ୍ଠ ପୁରୁଷୋତ୍ତମ ବିହାରର ପ୍ରଫେସର ଲକ୍ଷ୍ମୀକାନ୍ତ ନାୟକ (୭୩)ଙ୍କ ଗୁରୁବାର ପରଲୋକ ହୋଇଛି। ସେ ହୃଦ୍‌ଘାତ ଜନିତ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ତାଙ୍କ ମରଶରୀର ଭଦ୍ରକରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ପ୍ରଫେସର ଅଟଳ ବିହାରୀ ନାୟକ, ନାଟ୍ୟକାର ଲଲାଟେନ୍ଦୁ ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ, ଆଇନଜୀବୀ ଗିରିଧାରୀ ନାଥ, ଅଗଣି ଚରଣ ଜେନା, ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ତାର ଛିଣ୍ଡିବାରୁ ପଡ଼ିଗଲା ରେଳଫାଟକ: ଜଣେ ଗୁରୁତର

ବଡ଼ବିଲ,୧୨।୧୧(ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡ଼ବିଲ ପାଲ ହଟିଂସ୍ଥିତ ରେଳଫାଟକର ତାର ଛିଣ୍ଡିଯିବାରୁ ଫାଟକ ଖସିପଡ଼ିବାରୁ ବଡ଼ବିଲ ପାବୀପଡା ଅଞ୍ଚଳର ବଳଦେବ ସିଂହ ଗୁରୁତର ହୋଇଛନ୍ତି। ଶୁକ୍ରବାର ମେକାନିକ ଭାବେ କାର୍ଯ୍ୟ କରୁଥିବା ବଳଦେବ ସ୍କୁଟିରେ ଉକ୍ତ ରେଳଫାଟକ ଅତିକ୍ରମ କରୁଥିଲେ। ଏହି ସମୟରେ ରେଳଫାଟକ ଖସିପଡ଼ିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

# ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

**ବାରିପଦା ଅଫିସ,୧୨।୧୧**

୧୦ଦଫା ଦାବିକୁ ନେଇ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଶୁକ୍ରବାର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ପହଞ୍ଚି ଆଲୋଚନା କରିବା ସହ ହଷ୍ଟେଲ ଫିଁକୁ ଅଳ୍ପ ମାତ୍ରାରେ ହ୍ରାସ କରିଥିଲେ। ତେବେ ଏହି ଫିଁ ୫୦ପ୍ରତିଶତ ହ୍ରାସ କରିବା ପାଇଁ ଛାତ୍ରୀଛାତ୍ର ଜିଦ୍‌ରେ ଅଟଳ ରହିଛନ୍ତି। ଅନ୍ୟ ଦାବି ଗୁଡ଼ିକ ସମ୍ପର୍କରେ କୌଣସି ସମାଧାନ ହୋଇ ନ ଥିବାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିଥିବା ସୂଚନା ମିଳିଛି।



ବିଶ୍ୱବିଦ୍ୟାଳୟ ଫାଟକ ଆଗରେ ଛାତ୍ରୀଛାତ୍ରମାନେ ହୋହଲ୍ଲା କରୁଛନ୍ତି।

ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ମୌଳିକ ସମସ୍ୟା ଗୁଡ଼ିକ ସମାଧାନ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରି ଛାତ୍ରନେତା ଅଭିଷେକ ପଣ୍ଡା ଓ ଶୁଭ୍ରଜିତ ପାଣିଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ।

### ୧୦ଦଫା ଦାବି ନେଇ ଧାରଣା

ଦାବିଗୁଡ଼ିକ ମଧ୍ୟରେ ଛାତ୍ରାବାସ ଫି ହ୍ରାସ, ବିଶ୍ୱବିଦ୍ୟାଳୟରେ ଛାତ୍ର ପରିଷଦ ଗଠନ କରିବା, ଏକ ସାହିତ୍ୟ କ୍ଲବ ଗଠନ କରିବା, ଛାତ୍ରୀଛାତ୍ରଙ୍କ ପାଇଁ ଦୁଇଟି କମନ ରୁମର ବ୍ୟବସ୍ଥା ଆଦି ରହିଛି। ଏହି ଧାରଣାରେ ଅଙ୍କିତା ପଣ୍ଡା, ସ୍ନେହଲତା ଶଙ୍ଖୁଆ, ସାଗରିକା ସାହାଣୀ, ସିମ୍ରନ ପରମାଣିକ, ଶୁଭସ୍ମିତା ମହାନ୍ତି, ତଥାଗତ ବେହେରା, ସୁଧୀର ବାଗ୍, ଆକାଶ ମହାରଣାଙ୍କ ସମେତ ସମସ୍ତ ବିଭାଗର ଛାତ୍ରୀଛାତ୍ରମାନେ ସାମିଲ ଥିଲେ ।

# ବୃତ୍ତିଗତ ପରାମର୍ଶର ଉପଯୋଗିତା ଉପରେ ଗୁରୁତ୍ୱ





କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବକ୍ତବ୍ୟ ରଖୁଛନ୍ତି।

**ବାଲେଶ୍ୱର ଅଫିସ, ୧୨।୧୧**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ବୃତ୍ତିଗତ ପରାମର୍ଶ କେନ୍ଦ୍ର (କ୍ୟାରିଅର କାଉନ୍‌ସେଲିଂ ସେଲ) ଆନୁକୂଲ୍ୟରେ 'ପରିବର୍ତ୍ତିତ ସମୟରେ ବୃତ୍ତିଗତ ଯୋଜନାର ସମସ୍ୟା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାର୍ଥୀମାନଙ୍କ ପାଇଁ ଧାରାବାହିକ ଶିକ୍ଷାପଦ୍ଧତି ସହିତ ବୃତ୍ତିଗତ ପରାମର୍ଶର ଆବଶ୍ୟକତା ଓ ଉପଯୋଗିତା ଉପରେ ଆଲୋକପାତ କରିବା ସହିତ ଏହାକୁ କିପରି ବିଦ୍ୟାର୍ଥୀ ବୃତ୍ତିଗତ ଜୀବନରେ ପ୍ରୟୋଗ କରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ପ୍ରଫେସର ରମାକାନ୍ତ ମହାଳିକ ଯୋଗଦେଇ ବୃତ୍ତିଗତ ଶିକ୍ଷାବ୍ୟବସ୍ଥା ସମ୍ପର୍କରେ ନିଜର ଗବେଷଣାଲବ୍ଧ ଓ ଅଭିଜ୍ଞତାସମ୍ପନ୍ନ ଅଭିବ୍ୟକ୍ତି ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ କ୍ୟାରିଅର କାଉନ୍‌ସେଲିଂ ସେଲର ନିର୍ଦ୍ଦେଶକ ଡ. ଜ୍ୟୋତିଶଙ୍କର ପ୍ରଧାନ ଅତିଥିପରିଚୟ ପ୍ରଦାନ କରିବା ସହିତ ବୃତ୍ତିଗତ ପରାମର୍ଶ କେନ୍ଦ୍ରର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ବୃତ୍ତିଗତ ପରାମର୍ଶର ବିବିଧ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ଷ୍ଟୁଡେଣ୍ଟସ୍ ୱେଲଫେୟାର ନିର୍ଦ୍ଦେଶିକା ଡ. ପଦ୍ମଲିତା ରାଉତରାୟ ବୃତ୍ତିଗତ ପରାମର୍ଶର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଡ. ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଦୋକାନ ପୋଡ଼ି: ଅଭିଯୁକ୍ତ ଗିରଫ

**ଠାକୁରମୁଣ୍ଡା,୧୨।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ପଡ଼ିଆବେଡ଼ାସ୍ଥିତ ଫୁଲମୋତି ମହାବିଦ୍ୟାଳୟ ଛକ ନିକଟରେ ଥିବା ଏକ ଜଳଖିଆ ଦୋକାନରେ ନିଆଁ ଲଗାଇ ଦେଇଥିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନିଶାପୋଷି ଗ୍ରାମର ଗଙ୍ଗାଧର ମହାନ୍ତ। ଏନେଇ ଥାନାରେ ଏକ ମାମଲା(ନଂ.୧୨୪/୨୧) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ନିଶାପୋଷି ଗ୍ରାମର ପଙ୍କଜ ମହାନ୍ତଙ୍କ ଜଳଖିଆ ଦୋକାନକୁ ଗୁରବାର ସନ୍ଧ୍ୟାରେ ସେହି ଗ୍ରାମର ଗଙ୍ଗାଧର ମହାନ୍ତ ଆସିଥିଲେ। ସେଠାରେ ଜଳଖିଆ ଖାଇବାକୁ ନେଇ ପଙ୍କଜ ଓ ଗଙ୍ଗାଧରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଗଙ୍ଗାଧର ସେଠାରୁ ଚାଲିଯାଇଥିଲେ। ରାତି ପ୍ରାୟ ୧୨ଟା ସମୟରେ ନିଶାସକ୍ତ ଅବସ୍ଥାରେ ଗଙ୍ଗାଧର ଆସି ଉକ୍ତ ଜଳଖିଆ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଦୋକାନଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ପଙ୍କଜଙ୍କ ଅଭିଯୋଗକୁ ଭିତ୍ତି କରି ଶୁକ୍ରବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ଦେଇଛି।

# ଗୋସମ୍ବର୍ଦ୍ଧନା ଉତ୍ସବରେ ୨୬ ଚାଷୀ ସମ୍ବର୍ଦ୍ଧିତ





ଗୋ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

**ରୂପ୍‌ସା, ୧୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ବସ୍ତା ବ୍ଲକ ଅଧୀନ ପାଉଁଶକୁଲି ପଞ୍ଚାୟତରେ ଗୁରୁବାର ଜିଲାସ୍ତରୀୟ ୭୦ତମ ଗୋ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀଧର ଦାସ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ଦାସ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ବାମୁଲର ସାଧାରଣ ପରିଚାଳକ ରଶ୍ମିରେଖା ବିଦ୍ଧାଣୀ ଯୋଗଦେଇ ପ୍ରାଣୀ ସମ୍ପଦ ବିକାଶରେ ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ ଡ. ଅମିତାରାଣୀ ପକ୍ଷତ୍ର, ବ୍ଲକ ଉପାଧ୍ୟକ୍ଷ ରଞ୍ଜନା ଦାସ, ସରପଞ୍ଚ ଲିପିକା ରାଉଳ, ବିଷ୍ଣୁପ୍ରିୟା ବୁଗୁଡ଼ି ଓ ରାଧାକୃଷ୍ଣ ସେଠୀ, ସମିତିସଦସ୍ୟା କନକମଞ୍ଜରୀ ଧଳ ଓ ତୁଳସୀ ଦତ୍ତ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଅଜୟ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଗୋପ୍ରଦର୍ଶନୀ ସହ ଗୋପୂଜନ ହୋଇଥିଲା। ଏହି ଅବସରରେ ପୁସ୍ତକ ଉନ୍ମୋଚନ, କୃତୀ ଛାତ୍ରୀଛାତ୍ର, ୨୬ଜଣ ଅଗ୍ରଣୀ ଗୋ, ଛେଳି, କୁକୁଡ଼ା ଓ ଘାସଚାଷୀ ସମେତ ପାଉଁଶକୁଲି ମହିଳା ଦୁଗ୍ଧ ଉତ୍ପାଦିକା ଗୋଷ୍ଠୀଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସୁବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନୱାଡ଼ି ପିଲାଙ୍କୁ ପାଠ୍ୟପୁସ୍ତକ

**ବସ୍ତା, ୧୨।୧୧(ଡି.ଏନ.ଏ.)**

ଉଜ୍ଜ୍ୱଳ ସମାଜ ୟୁଥ ଅର୍ଗାନାଇଜେଶନ ତରଫରୁ ବସ୍ତା ନିର୍ବାଚନ ମଣ୍ଡଳୀ ବସ୍ତା ବ୍ଲକ ଅଧୀନ ବାହାର୍ଦା ପଞ୍ଚାୟତରେ ଆମ ଉଜ୍ଜ୍ୱଳ ସମାଜର ସଭାପତି ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ଉପରତାପଣ୍ଡା ମୁସଲିମ ବସ୍ତି ଅଙ୍ଗନୱାଡ଼ିର ସମସ୍ତ ପିଲାମାନଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ସଙ୍ଗଠନର କାର୍ଯ୍ୟକାରୀ ସମ୍ପାଦକ ସୁବ୍ରତ ସେନାପତି ପରିଚାଳନା କରିଥିଲେ। ସଙ୍ଗଠନର ସଦସ୍ୟ ନିରଞ୍ଜନ କୁଆଁର, ଅଝର ସେକ, ଜୟରାମ ଦଳାଇ, ସଲିମ ଅକ୍ତର, ଆଦିକନ୍ଦ ଦଳାଇ, ମୃତ୍ୟୁଞ୍ଜୟ ଦଳାଇ, ସେକସଫି ରୁଦ୍ଧି, ଗୋପାଳ ଜେନା, ପପୁ ରାଉଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅଭାବୀ ସଂସାରରେ ରୋଗର ବୋଝ

**ପଦ୍ମପୁର,୧୨।୧୧(ଡି.ଏନ.ଏ.)**

- ପୁଅ ଚିକିତ୍ସା ଚିନ୍ତାରେ ଭାଙ୍ଗି ପଡ଼ିଲେଣି ବୃଦ୍ଧ ମା'ବାପା
- ସରକାରୀ ସହାୟତାକୁ ଅପେକ୍ଷା

ରୋଜଗାର ପାଇଁ ଭିଟାମାଟି ଛାଡ଼ି ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଦୀର୍ଘ ୨୦ ବର୍ଷ ଧରି ସେଠାରେ କାମ କରି ଘରେ ରହୁଥିବା ବୃଦ୍ଧ ମା' ବାପାଙ୍କ ପ୍ରତିପୋଷଣ କରୁଥିଲେ। ପରେ ବିବାହ କରି ଏକ ପୁତ୍ର ସନ୍ତାନର ବାପା ହୋଇଥିଲେ। ପରିବାରର ତେଲଲୁଣର ସଂସାରକୁ ଚଳାଇ ଆସୁଥିଲେ। ହେଲେ ଦଇବ ଦାଉ ସାଧିଲା। ଏବେ ବୃଦ୍ଧ ମା' ବାପାଙ୍କ ଉପରେ ବୋଝ ପାଲଟି ଯାଇଛନ୍ତି ଏକମାତ୍ର ରୋଜଗାରିଆ ପୁଅ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣୀଗାଁ ଖେମେଶ୍ୱରପୁରର ପୀତାମ୍ବର ଜେନା(୩୬)। ଦୁଇଟି ଯାକ କିଡ୍‌ନୀ ତାଙ୍କର ଖରାପ ହୋଇଯାଇଥିବା ବେଳେ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ୨୦୨୦ରେ କରୋନା ମହାମାରୀ ସମୟରେ ପୀତାମ୍ବର ବାଙ୍ଗାଲୋରରେ କାର୍ଯ୍ୟରତ ଥିବାବେଳେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ନିଜ ଭିଟାମାଟିକୁ ଫେରି ଆସିଥିଲେ। ଏଠାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରୀକ୍ଷା ପରେ ସେ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ତାଙ୍କୁ କଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କୋଭିଡ୍‌ରୁ ସୁସ୍ଥ ହେବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା। ପରେ ତାଙ୍କର ଦୁଇଟି କିଡ୍‌ନୀ ଖରାପ ହୋଇଥିବା ଜଣାପଡ଼ିବା ପରେ ପରିବାର ଉପରେ ଚଡ଼କ ପଡ଼ିଥିଲା। ଘରେ ବୃଦ୍ଧ ବାପା ଘନଶ୍ୟାମ, ମା' ପାର୍ବତୀ, ସ୍ତ୍ରୀ ଓ ୨ ବର୍ଷର ପୁଅଙ୍କର ପ୍ରତିପୋଷଣ କେମିତି କରିବେ ବୋଲି ଭାବି ଅସହାୟ ହୋଇପଡ଼ିଥିଲେ ପୀତାମ୍ବର। ଜମିବାଡ଼ି କହିଲେ ସେମିତି କିଛି ନାହିଁ। ମୁଣ୍ଡ ଗୁଞ୍ଜିବା ପାଇଁ ଆବାସ ଓ ମାସ ସାରା ଚଳିବା ଲାଗି ରାଶନ କାର୍ଡରେ ମିଳୁଥିବା ୨୫ କିଲୋ ଚାଉଳ ଭରସା। ପୀତାମ୍ବରଙ୍କ ମା' ବାପା ବୟସାଧିକ କାରଣରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ଏକମାତ୍ର ରୋଜଗାରିଆ ପୁଅର ସ୍ୱାସ୍ଥ୍ୟାବସ୍ଥା ଖରାପ ନେଇ ସେମାନେ ଭାଙ୍ଗିପଡ଼ିଛନ୍ତି। ପୀତାମ୍ବରଙ୍କ କିଡ୍‌ନୀ ପ୍ରତିରୋପଣ ପାଇଁ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ତାଙ୍କ ଚିକିତ୍ସା ପାଇଁ ସହାୟତା ନିମନ୍ତେ ମା' ବାପା ନିବେଦନ କରିଛନ୍ତି। ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ପରିବାର ଲୋକଙ୍କ ସହ ପୀତାମ୍ବର ଜେନା।

# ବିଭିନ୍ନ ସ୍ଥାନରେ କଂଗ୍ରେସର ହରତାଳ





ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ।

**ବାଲେଶ୍ୱର ଅଫିସ/ଜଳେଶ୍ୱର/ଭୋଗରାଇ/ସଜନାଗଡ/ବସ୍ତା/ସୋର, ୧୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଏହି ହରତାଳକୁ ପ୍ରତୀକାତ୍ମକ ଭାବେ ପାଳନ କରାଯାଇଥିଲା। ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ ଯୋଗଦେଇ କଂଗ୍ରେସ ଦଳର ଆହ୍ୱାନକୁ ସମର୍ଥନ ଜଣାଇଥିବାରୁ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ। ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଇବାକୁ ଦାବି କରିଥିଲେ । ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜିବ ଗିରି ଏହାର ନେତୃତ୍ୱ ନେଇଥିଲେ। ଜଳେଶ୍ୱର ଷ୍ଟେଶନ ଛକଠାରେ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡା, ନଗର ସଭାପତି ଗିରିଜା ଶଙ୍କର ଦାସଙ୍କ ନେତୃତ୍ୱରେ ହରତାଳ ଆରମ୍ଭ ହୋଇଥିଲା। ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଯୋଗଦେଇ ସମ୍ପୃକ୍ତ ମନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି ଦୋହରାଇଥିଲେ। ଭୋଗରାଇ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଚନ୍ଦନେଶ୍ୱର, ଥାନାଛକ, ଦେଉଳାହାଟ, କମର୍ଦ୍ଦା ଆଦି ସ୍ଥାନରେ କଂଗ୍ରେସ ନେତା ସତ୍ୟଶିବ ଦାସ, ଆଶିଷ କୁମାର ପାତ୍ର, ସନ୍ତୋଷ କୁମାର ଜେନାଙ୍କ ସହ ବହୁ ଛାମୁଆନେତା ପ୍ରତିବାଦ ସଭାରେ ସାମିଲ ହୋଇଥିଲେ। ନୀଳଗିରି କଂଗ୍ରେସ କମିଟି ତରଫରୁ ନୀଳଗିରି ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ସହ ସରକାରଙ୍କ କଳାକାରନାମା ବିରୋଧରେ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଏହି ହରତାଳ ନୀଳଗିରି ବ୍ଲକ କଂଗ୍ରେସ ସଭାପତି ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ବସ୍ତା ବଜାର ତାରିଣୀ ଛକ ନିକଟରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସଭାପତିତ୍ୱରେ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଯୁବନେତା ସୁଧାଂଶୁ ଶେଖର ଯେନାଙ୍କ ସଂଯୋଜନାରେ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ସୋରସ୍ଥିତ କଂଗ୍ରେସ ଭବନରେ ନଗର କଂଗ୍ରେସ ସଭାପତି ରାଜେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପରମାଣିକ ଓ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



ବନ୍ତ ଥାନା ଛକଠାରେ କଂଗ୍ରେସ ନେତା ଓ କର୍ମୀ ରାସ୍ତା ଅବରୋଧ କରିଛନ୍ତି।

**ଭଦ୍ରକ ଅଫିସ/ବାସୁଦେବପୁର/ଭଣ୍ଡାରିପୋଖରୀ/ ବନ୍ତ, ୧୨।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି କରାଯାଇ କୁଶପୁତ୍ତଳିକା ଦାହ କରାଯାଇଥିଲା। କର୍ମୀମାନେ ପିକେଟିଂ କରି ବଜାର ବନ୍ଦ କରିଥିଲେ। ସଭାପତି ସୁବ୍ରତ ଦାସ, ପୂର୍ବତନ ସଭାପତି ନଳିନୀକାନ୍ତ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ବାସୁଦେବପୁର ବ୍ଲକ ଓ ନଗର କଂଗ୍ରେସ କମିଟିର ମିଳିତ ଆନୁକୂଲ୍ୟରେ ହରତାଳ କରାଯାଇଥିଲା। ନଗର କମିଟି ସଭାପତି ଭକ୍ତରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଅଶୋକ ଦାସ, ସରପଞ୍ଚ ମଞ୍ଜୁଲତା ପଣ୍ଡା, ବ୍ଲକ ସଭାପତି ରମେଶ ଚନ୍ଦ୍ର ବଳ, ସରପଞ୍ଚ ରଘୁନାଥ ମଳିକ ପ୍ରମୁଖ ଯୋଗ ଦେଇଥିଲେ। ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡଠାରେ ହରତାଳ କରାଯାଇଥିଲା। ବନ୍ତ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ବଜାରରେ ହରତାଳ ଶାନ୍ତିପୂର୍ଣ୍ଣ ଥିଲା। ନେତା ଓ କର୍ମୀମାନେ ବନ୍ତ ଥାନା ଛକଠାରେ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ।





କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**କେନ୍ଦୁଝର/ପାଟଣା, ୧୨।୧୧ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା କଂଗ୍ରେସ ପକ୍ଷରୁ ସମସ୍ତ ବ୍ଲକ ଓ ଟାଉନରେ ହରତାଳ କରାଯାଇଥିଲା। ଜିଲା ସଭାପତି ବିପ୍ଳବ ମିଶ୍ରଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲା ସଭାପତି ମୋହନ ପରିଡ଼ା, ରାଜ୍ୟ ମହିଳା କଂଗ୍ରେସ ନେତ୍ରୀ ସଙ୍ଗୀତା ସିଂହ, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କଂଗ୍ରେସ ଉପସଭାପତି ବସନ୍ତ ଦାସ, ଟାଉନ କଂଗ୍ରେସ ସଭାପତି କ୍ଷୀରୋଦ ରାଉତ, ସଦର ବ୍ଲକ ସଭାପତି ଉତ୍ତମ ସାହୁ, କଂଗ୍ରେସ ନେତା ଲଳିତ ମୋହନ ନାୟକ, ରତ୍ନାକର ଜେନା, ସୁରଜିତ ଦାସ, କୋଦଣ୍ଡଧର ଜେନା, ଚିତ୍ତରଞ୍ଜନ ପରିଡା, ଦୀନେଶ ରାଉତ, ଦେବାଶିଷ ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ। ଯୁବ କଂଗ୍ରେସ ନେତା ଆନନ୍ଦ ମାଝି, ସୋନାଲି ମାର୍ଣ୍ଡି, ସୌମ୍ୟରଞ୍ଜନ ରାଉତ, କମଳ ଲୋଚନ ମହାନ୍ତ, ସୁମିତ୍ରା ମଲ୍ଲିକ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ। ପାଟଣା ବ୍ଲକ ତୁରୁମୁଙ୍ଗା ୪୯ନଂ.ଜାତୀୟ ରାଜପଥର ନିହୁଆଁ ଓ ସାହରପଡ଼ା ଦେଇଯାଇଥିବା ୨୨୦ନଂ. ଜାତୀୟ ରାଜପଥର ସାହାରପଡ଼ା ବଜାର ନିକଟରେ ଶାନ୍ତିପୂର୍ଣ୍ଣ ହରତାଳ କରାଯାଇଥିଲା।

**ବାରିପଦା ଅଫିସ/ବାଙ୍ଗିରିପୋଷି/ଖୁଣ୍ଟା/କପ୍ତିପଦା, ୧୨।୧୧(ଡି.ଏନ.ଏ.)**

ମମିତା ମେହେର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ପାଇଁ ଦାବି କରି ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ହରତାଳ କରାଯାଇଥିଲା। ଜିଲା ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନଗର ସଭାପତି ଶାନ୍ତନୁ ପାଲ, ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଘୋଷାଲ, ବିଜନ ଦାସ, ଭୁବନ ବିହାରୀ ସାହୁ, ହଳଧର ପରିଡା, ଅଜିତ ଜେନାଙ୍କ ସମେତ କର୍ମକର୍ତ୍ତାମାନେ ସାମିଲ ଥିଲେ। ବାଙ୍ଗିରିପୋଷି ବ୍ଲକ କଂଗ୍ରେସ ସଭାପତି ମୁରଲୀ ଧର ନାଏକଙ୍କ ନେତୃତ୍ୱରେ ସତ୍ୟ ନାରାୟଣ ବିଜୁଳି, ରବୀନ୍ଦ୍ର ଟୁଡୁ, କରୁଣା କର ସୋରେନ ପ୍ରମୁଖ ହରତାଳରେ ସାମିଲ ହୋଇଥିଲେ। ଖୁଣ୍ଟା ବ୍ଲକ ଅଞ୍ଚଳରେ କଂଗ୍ରେସର ହରତାଳ ପ୍ରଭାବ ହୀନ ଥିଲା। କପ୍ତିପଦା ବ୍ଲକ୍ କଂଗ୍ରେସ ସଭାପତି ରବିନାରାୟଣ ପରିଡ଼ାଙ୍କ ନେତୃତ୍ୱରେ ହରତାଳ କରାଯାଇଥିଲା। ବରିଷ୍ଠ ନେତା ହରିହର ବେହେରା, ବିଜୟ କୁମାର ପଶା, ଅମରେନ୍ଦ୍ର ପାଢ଼ୀ, ଭକ୍ତହରି ପାଣ୍ଡିଆ, ପ୍ରିୟବ୍ରତ ନାୟକ ଓ ବହୁ କର୍ମୀ ଏଥିରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଜଣେ ମୃତ

ବସ୍ତା, ୧୨।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ବ୍ଲକ ହଳଦୀପଦା ଫାଣ୍ଡି ଅଞ୍ଚଳରେ ଟ୍ରାକ୍ଟର ଓଲଟି ଚଷାଖଣ୍ଡ ଗାଁର ସେକ୍ ରୈମୁଦ୍ଦିନ (୨୨) ଶୁକ୍ରବାର ପ୍ରାଣ ହରାଇଛନ୍ତି। ହଳଦୀପଦା ଫାଣ୍ଡି ଅଧିକାରୀ ବିକ୍ରମ ମହାପାତ୍ର ଟ୍ରାକ୍ଟରକୁ ଜବତ କରି ଏନେଇ ମାମଲା ରୁଜୁ କରିଛନ୍ତି।

### ଥାନାଧିକାରୀଙ୍କ ଅଚାନକ ବଦଳି

ସାରସକଣା,୧୨।୧୧ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକଙ୍କ ଅଚାନକ ବଦଳି ହୋଇଛି। ୫ ମାସ ତଳେ ସେ କାର୍ଯ୍ୟଭାର ଗ୍ରହଣ କରି ଅଞ୍ଚଳରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କ୍ଷେତ୍ରରେ ଦୃଢ଼ ପଦକ୍ଷେପ ଗ୍ରହଣ କରି ଜନସାଧାରଣଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ। ମାତ୍ର ହଠାତ ତାଙ୍କୁ ବଦଳି କରାଯିବା ପଛର କାରଣ ଜଣାପଡ଼ି ନ ଥିବା ବେଳେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ଥାନାର ଏସ୍ଆଇ ପଞ୍ଚାନନ ମହାନ୍ତିଙ୍କ ବଦଳି ପରେ ଏବେ ପଦବୀ ଖାଲି ପଡ଼ିଛି। କୁଲିଅଣା ଥାନା ଏସ୍ଆଇ ଜସ୍ମିତା ମାଝୀଙ୍କୁ ଝାରପୋଖରିଆ ବଦଳି କରାଯାଇଥିଲେ ମଧ ବ୍ୟକ୍ତିଗତ କାରଣରୁ ସେ ୬ମାସ ଛୁଟିରେ ଅଛନ୍ତି। ଅନ୍ୟପଟେ ଥାନାରେ ନୂତନ ଭାବେ ଏକ ମାସ ପୂର୍ବେ ୩ ଏଏସ୍ଆଇ ଯୋଗଦେଇଛନ୍ତି।

### ଗୋଚାଲାଣ ବେଳେ ଗାଡ଼ି ଅଟକ

ସୋର, ୧୨।୧୧(ଡି.ଏନ.ଏ.)-ଶୁକ୍ରବାର ପବିତ୍ର ଗୋଷ୍ଠାଷ୍ଟମୀରେ ବେଆଇନ ଭାବେ ସୋର-କୁପାରୀ ରାସ୍ତା ନଦୀଗାଁ ଛକ ନିକଟରେ ଏକ ବେଆଇନ ଗୋରୁ ବୋଝେଇ ଟାଟା ମ୍ୟାଜିକ ଗାଡ଼ିକୁ ଶ୍ରୀରାମ ସେନା ସଦସ୍ୟମାନେ ଜବତ କରି ପୋଲିସ ଜିମା ଦେଇଛନ୍ତି। ଗାଡ଼ିଟି ଖଇରା ଆଡୁ ୮ଟି ଗୋରୁଙ୍କୁ ବୋଝେଇ କରି ସୋର ଆଡ଼କୁ ଆସୁଥିବା ବେଳେ ଶ୍ରୀରାମ ସେନା ସଙ୍ଗଠନ ସଦସ୍ୟମାନେ ଖବରପାଇ ନଦୀଗାଁ ଛକ ନିକଟରେ ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଡ୍ରାଇଭର ଏବଂ ହେଲପର କୌଶଳକ୍ରମେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି।

### ଆଇନ ସେବା ଯୋଗାଇବା ଉପରେ ଗୁରୁତ୍ୱ

ପଦ୍ମପୁର,୧୨।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଗଦା ବିନାୟକପୁରଠାରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଶିବିରରେ ବରିଷ୍ଠ ଦେୱାନୀ ବିଭାଗ ବିଚାରପତି ଶାନ୍ତନୁ କୁମାର ଦାସ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜେଏମ୍ଏଫ୍‌ସି ଅରୋଲିପି ପରିଜା ଯୋଗଦେଇ ସମାଜରେ ଗରିବ ଅସହାୟ ଜନସାଧାରଣଙ୍କୁ ଆଇନ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅର୍ଥ ଅଭାବରୁ ଯେପରି କୌଣସି ବ୍ୟକ୍ତି ନ୍ୟାୟ ପାଇବାରୁ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଅତିଥି ଓ ଆଇନଜୀବୀମାନେ ମତ ରଖିଥିଲେ। ବରିଷ୍ଠ ଆଇନଜୀବୀ ଗୌତମ ପ୍ରସାଦ ଧଳ, ସୌମ୍ୟ ରଞ୍ଜନ ଦାସ, ସ୍ମୃତି ରଞ୍ଜନ ପଳିତା, ତପନ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟସାଇ ସଙ୍ଗଠନର ବିଷ୍ଣୁମୋହନ ନାୟକ, ପୀତାମ୍ବର ମିଶ୍ର ପ୍ରମୁଖ ସହାୟତା କରିଥିଲେ।

# ଉର୍ସ ଉତ୍ସବରେ ସାଧାରଣ ଦର୍ଶନ ମନା

**ଭଦ୍ରକ ଅଫିସ,୧୨।୧୧**

ଭଦ୍ରକ ଜିଲା ଧାମନଗର ପୀରବାବା ହୋଜୁର ମୁଜାହିଦ-ଇ-ମିଲ୍ଲାତଙ୍କ ୪୨ତମ ବାର୍ଷିକ ଉର୍ସ ଉତ୍ସବ ପାଳନ ପାଇଁ ସଦ୍‌ଭାବନା ସମ୍ମିଳନୀ ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତ୍ରିଲୋଚନ ମାଝି ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର, ଅତିରିକ୍ତ ଏସ୍‌ପି ଯତିନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ମନୋଜ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଉର୍ସ ମୁଜାହିଦ୍-ଇ-ମିଲ୍ଲାତ୍ କମିଟିର ସମ୍ପାଦକ ମହମ୍ମଦ ଇସ୍ରାଇଲ ହବିବ୍ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଆସନ୍ତା ଡିସେମ୍ବର ୧୦ ଓ ୧୧ ଦୁଇଦିନ ଧରି ଏହି ଉତ୍ସବ ପାଳନ କରାଯିବ। ଧାର୍ମିକ ସମାବେଶ ହୋଇପାରିବ ନାହିଁ। ସାଧାରଣ ଦର୍ଶନ, ଚାଦର ଶୋଭାଯାତ୍ରା ଆଦି ବନ୍ଦ ରହିବ। ଡାକବାଜି ଯନ୍ତ୍ର ବାଜିବ ନାହିଁ କି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇପାରିବ ନାହିଁ। ସୀମିତ ଲୋକ ୭ଜଣଙ୍କୁ ନେଇ କୋଭିଡ୍ ନିୟମାନୁଯାୟୀ ଉତ୍ସବ ପାଳନ ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଥାନାଧିକାରୀ ପ୍ରଦୀପ ମହାନ୍ତ, ଡିଏସ୍‌ପି, ଡିଆଇବି କମଳ ଲୋଚନ ଭୂୟାଁ, ତହସିଲଦାର କ୍ଷୀରୋଦ ପଣ୍ଡା, ଡେପୁଟି କଲେକ୍ଟର କସ୍ତୁରୀବାଳା ଜେନା ପ୍ରମୁଖଙ୍କ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। କମିଟି ସଭାପତି ହାଜରତ ମୌଲାନା ସୟଦ ଘୁଲାମ୍ ମହମ୍ମଦ ହବିବ୍, ଉପସଭାପତି ମୌଲାନା ସୟଦ ମୁସ୍ତାଫା ରାଜା ହବିବ୍, ସହକାରୀ ସମ୍ପାଦକ ସେକ୍ ଅବଦୁର ରହମାନ ହବିବ୍ ମତାମତ ରଖିଥିଲେ।



ପ୍ରସ୍ତୁତି ବୈଠକରେ ଜିଲାପାଳ ତ୍ରିଲୋଚନ ମାଝି ଓ ଅନ୍ୟମାନେ।

# ନିଟ୍ ପରୀକ୍ଷାରେ କୃତୀ ମୁରସିଦ୍‌ଙ୍କୁ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ, ୧୨।୧୧**

ଭଦ୍ରକ ପୁରୁଣାବଜାର ସ୍ଥିତ କାଜିମହଲ୍ଲା ଗାଁର ନିବାସୀ ଅଫରୋଜା ବିବି ଓ ଟ୍ରଲି ଚାଳକ ମଇରାଜ ଖାନଙ୍କ ପୁଅ ମୁରସିଦ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ୬୦୯ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୧୫ ହଜାର ୨୩୯ତମ ର୍ୟାଙ୍କ ହାସଲ କରିଛନ୍ତି। ଭଦ୍ରକ ଚଉଦ ମହଲା ମୁସ୍‌ଲିମ୍ ଜମାତ ପକ୍ଷରୁ ମଦିନା ମଇଦାନରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କମିଟି ସଭାପତି ହାଜି ଅବଦୁଲ ବାରୀଙ୍କ ଅଧ୍ୟକ୍ଷତା ଓ ମୁସ୍ତାକ ଗୌହରଙ୍କ ସଞ୍ଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। ମୁର୍‌ସିଦଙ୍କ ସମେତ ତାଙ୍କ ମା', ବାପା ଓ ବଡ଼ଭାଇଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ କାଉନସିଲର ଶେଖ୍ ଜୁଲଫୁକାର, କମିଟି କାର୍ଯ୍ୟକାରୀ ସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ଶେଖ୍ ଏନାମ ମହମ୍ମଦ, ଯୁଗ୍ମ ସମ୍ପାଦକ ଅବଦୁଲ ମୁକିତ ଖାଁ, ହାଜି କାଶିମ ଖାଁ, ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱର, ସବୀର ଅଲି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ କାଜିମହଲ୍ଲା ୨୭ ନଂ. ୱାର୍ଡର କାଉନସିଲର ଶେଖ୍ ସମଦାନୀ ନିଜ ବାସଭବନରେ ୱାର୍ଡବାସୀଙ୍କ ଉପସ୍ଥିତିରେ ମୁରସିଦ୍‌ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।


ମୁରସିଦ ଖାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁସ୍‌ଲିମ୍ ଜମାତ କର୍ମକର୍ତ୍ତା।

# ସୁରଭି ଦେଉଛି ପ୍ରତିଭାର ପରିଚୟ

**ରୂପସା, ୧୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ନୋଡ଼ାଲ ହାଇସ୍କୁଲରେ ଗୁରୁବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନୀଲ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏବିଇଓ ବିଜୟ କୁମାର ଜେନା ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ ଏବିଇଓ ଧନଞ୍ଜୟ ବେହେରା ଯୋଗଦେଇ ସୁରଭି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ହୋଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଏବିଇଓ ରବିନାରାୟଣ ପଣ୍ଡା, ବାସନ୍ତୀ ପୁଷ୍ଟି, ପ୍ରାକ୍ତନ ପ୍ରଧାନଶିକ୍ଷକ ଗଗନ ବିହାରୀ ଜେନା, ପ୍ରାକ୍ତନ ଏବିଇଓ ଗୌରାଙ୍ଗ ବେହେରା, ପ୍ରଧାନଶିକ୍ଷକ ଗୋପୀନାଥ ଜେନା, ଅବସରପ୍ରାପ୍ତ ଏସ୍ଆଇ ଅନିରୁଦ୍ଧ ମଣ୍ଡଳ ପ୍ରମୁଖ ଶିଶୁ ମହୋତ୍ସବର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ଜଗଦ୍ଧାତ୍ରୀ ପୂଜାରେ ମେଳା ବନ୍ଦ


ଭଞ୍ଜପୁରରେ ମା'ଜଗଦ୍ଧାତ୍ରୀଙ୍କୁ ପୂଜା କରାଯାଉଛି।

**ବାରିପଦା ଅଫିସ,୧୨।୧୧**

ପୂର୍ବ ବର୍ଷ ଭଳି ମୟୂରଭଞ୍ଜ ଜିଲା ବାରିପଦା ଭଞ୍ଜପୁରର ପ୍ରସିଦ୍ଧ ଜଗଦ୍ଧାତ୍ରୀ ପୂଜା କରୋନା କଟକଣାରେ ଆରମ୍ଭ ହୋଇଛି। ତେବେ ଦୀର୍ଘ ୨୭ବର୍ଷ ଧରି ବସି ଆସୁଥିବା ମେଳା ଚଳିତ ବର୍ଷ ବନ୍ଦ କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କେବଳ ନିରାଡ଼ମ୍ବର ଭାବେ ଶୁକ୍ରବାରଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇଛି ।

କ୍ଲବର ସଭାପତି ଦର୍ପନାରାୟଣ ପାଲଙ୍କ ନେତୃତ୍ୱରେ ମା'ଙ୍କ ଘଟ ଉତ୍ତୋଳନ ପରେ ଭଞ୍ଜପୁର ରେଲଷ୍ଟେଶନ ପଡ଼ିଆ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ପୂଜା ଚଳିତ ବର୍ଷ ୬୯ବର୍ଷରେ ପହଞ୍ଚିଛି। ତେବେ ଅଁଳା ନବମୀର ୬ଦିନ ପରେ ୨୦ଦିନ ଧରି ବସୁଥିବା ଉତ୍ତର ଓଡ଼ିଶାର ବାଲିଯାତ୍ରା ସଦୃଶ ମେଳା ଗତବର୍ଷ ଭଳି ଏଥର ବନ୍ଦ ରହିବ। ତେବେ ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ପୂଜା କମିଟି ପକ୍ଷରୁ ମେଳା ବନ୍ଦକୁ ଅନେକ ସ୍ୱାଗତ କରୁଥିବା ବେଳେ ବହୁ ଲୋକ ମେଳାରୁ ବଞ୍ଚିତ ହୋଇ ଦୁଃଖ ପ୍ରକାଶ କରିଛନ୍ତି ।

# 'ଭୋଟର ତାଲିକା ସଂଶୋଧନ ବେଳେ ସଜାଗ ରୁହ'

## ଭାଜପା ଜିଲା ସାଙ୍ଗଠନିକ ବୈଠକ

**ବାଲେଶ୍ୱର ଅଫିସ, ୧୨।୧୧**

ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ଆଗାମୀ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ର ବୈଠକରେ ଆଭିମୁଖ୍ୟ ରଖିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କାର୍ଯ୍ୟକର୍ତ୍ତାଙ୍କୁ ନିର୍ବାଚନ ରଣନୀତି ବିଶେଷ କରି ଭୋଟର ତାଲିକା ସଂଶୋଧନ ସମୟରେ ସଜାଗ ରହିବା ପାଇଁ ପରାମର୍ଶ ଦେଇଥିଲେ। ଜଳେଶ୍ୱର ନିର୍ବାଚନମଣ୍ଡଳୀର ୪ ମଣ୍ଡଳରେ ସାଙ୍ଗଠନିକ କାର୍ଯ୍ୟର ଅଭିବୃଦ୍ଧି ନିମନ୍ତେ ୪ଜଣ କାର୍ଯ୍ୟକାରୀ ସଭାପତିଙ୍କ ନାମ ଜିଲାସଭାପତିଙ୍କ ଅନୁମୋଦନକ୍ରମେ ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଘୋଷଣା କରିଛନ୍ତି। ରାଇବଣିଆ ମଣ୍ଡଳ ପାଇଁ ତରୁଣ ପଟ୍ଟନାୟକ, ସୁବର୍ଣ୍ଣରେଖା ମଣ୍ଡଳ ପାଇଁ ସୁଧୀର କୁମାର ଓଝା, ସ୍ୱପ୍ନେଶ୍ୱର ମଣ୍ଡଳ ପାଇଁ ଇଂ. ତନ୍ମୟ କୁମାର ଚାନ୍ଦ ଓ ପଶ୍ଚିମବାଡ଼ ମଣ୍ଡଳ ପାଇଁ ପ୍ରଦୀପ ମହାନ୍ତିଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଜିଲା ଉପସଭାପତି ଗଙ୍ଗାଧର ମିଶ୍ର, ଜିଲା ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ବେହେରା, ସୁନୀଲ କର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ସଦସ୍ୟ ଶୁଭଙ୍କର ମହାପାତ୍ର ଓ ପର୍ଶୁରାମ ବେହେରା, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ, ଭୋଗରାଇର ଅଂଶୁମାନ ମହାନ୍ତି, ସୋରର ରାକେଶ ମଲ୍ଲିକ ମଞ୍ଚାସୀନ ଥିଲେ।

# ସନ୍ତୋଷଙ୍କୁ ସହାୟତାର ହାତ

**ସିମୁଳିଆ, ୧୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଭଗିଆ ଗ୍ରାମର ଭାରତୀ ଦେବନାଥଙ୍କ ୧୦ବର୍ଷର ପୁଅ ସନ୍ତୋଷଙ୍କ ହୃତ୍‌ପିଣ୍ଡରେ ଛିଦ୍ର ଖବର ଗତ ୭।୧୧।୨୧ରେ 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ଅସୁସ୍ଥ ସନ୍ତୋଷଙ୍କ ପାଇଁ ବିଭିନ୍ନ ମହଲରୁ ସହାୟତାର ହାତ ବଢ଼ିଚାଲିଛି । ତାଙ୍କୁ ଚିକିତ୍ସା ପାଇଁ ବାଙ୍ଗାଲୋରସ୍ଥିତ ସତ୍ୟସାଇ ସୁପର ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ଶୁକ୍ରବାର ଖଇରା ବ୍ଲକ ପଳସା ଅଞ୍ଚଳର ୮୨ବର୍ଷୀୟ ସାମାଜିକ କର୍ମୀ ଗଙ୍ଗାଧର ମହାନ୍ତି ଭଗିଆ ଗ୍ରାମରେ ପହଞ୍ଚି ଅସୁସ୍ଥ ସନ୍ତୋଷଙ୍କ ଉଦ୍ଦେଶ୍ୟରେ ତାଙ୍କ ଜେଜେ ମା' ଚନ୍ଦନୀ ଦେବନାଥଙ୍କୁ ୫ହଜାର ଟଙ୍କାର ପ୍ରଦାନ କରିଥିଲେ। ସେହିପରି ମାର୍କୋଣା ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ବାଉରିପଦା ଅଞ୍ଚଳର ଗଜେନ୍ଦ୍ର ପ୍ରସାଦ ସେଠୀ, ଗୁଜୁରାଟରେ ରହୁଥିବା ବାଉରିପଦା ଅଞ୍ଚଳର ଦିବାକର ବନ୍ଧ ପ୍ରମୁଖ ସହଯୋଗର ହାତ ବଢ଼ାଇଛନ୍ତି । ତେବେ ବିଦ୍ୟାଳୟରେ ଯାଞ୍ଚ କରୁଥିବା ମେଡିକାଲ ଟିମ୍ ସହାୟତାରେ ଏହି ରୋଗର ଚିକିତ୍ସା କରାଯାଇପାରିବ ବୋଲି ଭଦ୍ରକର ଡା. ଅପରାଜିତ ଦାଶ ଫୋନ ଯୋଗେ ସୂଚନା ଦେଇଛନ୍ତି । ଅପରପକ୍ଷେ ବାଙ୍ଗାଲୋରରେ ନାନା ଅସୁବିଧା ମଧ୍ୟରେ ସନ୍ତୋଷଙ୍କ ଚିକିତ୍ସା ପାଇଁ ସେଠାରେ ପହଞ୍ଚିଥିଲେ ହେଁ ଅଦ୍ୟାବଧି ତାଙ୍କର କୌଣସି ନମ୍ବର ପଡ଼ି ନାହିଁ । ଖାଲି ବିଭିନ୍ନ ଟେଷ୍ଟ କରାଚାଲିଛି । ଦିନକୁ ପ୍ରାୟ ୧ହଜାର ଟଙ୍କା ଖର୍ଚ୍ଚ ହେଉଛି। ଯାହା ତାଙ୍କ ପାଇଁ ସୁବିଧାଜନକ ନୁହେଁ ବୋଲି ଅସୁସ୍ଥ ସନ୍ତୋଷଙ୍କ ଦାଦା ରବୀନ୍ଦ୍ର ସୂଚନା ଦେଇଛନ୍ତି।


ସାମାଜିକ କର୍ମୀ ଗଙ୍ଗାଧର ମହାନ୍ତି ଅସୁସ୍ଥ ସନ୍ତୋଷଙ୍କ ଉଦ୍ଦେଶ୍ୟରେ ସହାୟତା ରାଶି ପ୍ରଦାନ କରୁଛନ୍ତି।


**ବିଜ୍ଞପ୍ତି**

No. n-67:- ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି, ରାଜ୍ୟରେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ନକଲି ସାର୍ଟିଫିକେଟ୍‌ଧାରୀ କିଛି ଶିକ୍ଷକ ଓ ଶିକ୍ଷୟିତ୍ରୀ, କନିଷ୍ଠ ଶିକ୍ଷକ (ଚୁକ୍ତିଭିତ୍ତିକ), କନିଷ୍ଠ ଶିକ୍ଷକ ଅସାଧୁ ଉପାୟ ଅବଲମ୍ବନ କରି ଚାକିରି କରୁଥିବା କଥା ସରକାରଙ୍କ ଦୃଷ୍ଟିକୁ ଆସିଅଛି । ସେ ସମସ୍ତଙ୍କୁ ନିୟମାନୁସାରେ ଚାକିରିରୁ ବହିଷ୍କାର କରି ତାଙ୍କ ନାମରେ ଫୌଜଦାରି ମକଦ୍ଦମା କରାଯାଇଛି । ଏତଦ୍ ବ୍ୟତୀତ ଯଦି ଆଉକେହି ଏପରି ନକଲି ସାର୍ଟିଫିକେଟ୍‌ଧାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଚାକିରି କରୁଥିବାର ଦୃଷ୍ଟାନ୍ତ ଥାଏ, ତାହାହେଲେ ଏ ବିଷୟରେ ସ୍ଥାନୀୟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟିକୁ ସଙ୍ଗେ ସଙ୍ଗେ ଆଣିବାକୁ ଅନୁରୋଧ ।

ନିର୍ଦ୍ଦେଶକ
ପ୍ରାଥମିକ ଶିକ୍ଷା, ଓଡ଼ିଶା
OIPR-27016/11/0002/2122

**DIRECTORATE OF TECHNICAL EDUCATION & TRAINING ODISHA, CUTTACK - 753001**

**DIPLOMA ADMISSION - 2021**
**Notice for 2nd Phase Diploma Spot Admission-2021**

**No. KK-152:-** Consequent upon the decision of Government in SD&TE Department, Odisha communicated vide Letter No. 4948 dtd.09.11.2021, the 2nd phase Diploma Spot Admission-2021 for 1st Semester/1st Year shall be held as per the dateline / procedure enumerated in the Standard Operating Procedure (SOP) available in the website **www.samsodisha.gov.in**

Sd./- Director of Technical Education & Training, Odisha
OIPR-14004/11/0025/2122

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER AND BASIN MANAGER, SUBARNAREKHA AND BUDHABALANGA BASIN**
**AT/PO:- LAXMIPOSI, DIST:- MAYURBHANJ**

**Government of Odisha "e" Procurement Notice**
**Bid Identification No. 18/21-22 of CEBM, SBB, Laxmiposi**

No. A-611:-

| | | |
|---|---|---|
| i | Name of Work | Improvement to inspection road from Kuchei Chhaka to Haldia Dam with Black topping |
| ii | Estimated Cost (Lakh) | Rs.394.53 Lakh |
| iii | Period of Completion | 12 (Twelve) Calendar Months. |
| iv | Date & Time of availability of bid document in the portal | 16.11.2021 at 10.00 AM |
| v | Last date/time for receipt of bid in the portal | 30.11.2021 upto 5.00 PM |
| vi | Name & Address of the O.I.T. | Chief Engineer & Basin Manager, O/o the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-procurement portal "https://tendersodisha.gov.in"

Sd./- Chief Engineer & Basin Manager
Subarnarekha & Budhabalanga Basin, Laxmiposi,
OIPR-32074/11/0018/2122 cebmsbb2019@gmail.com

**OFFICE OF THE MUNICIPAL COUNCIL, BELPAHAR**
**"e" PROCUREMENT NOTICE**
BID REFERENCE NO. **EO/BPHM/04/21-22**
BID IDENTIFICATION NO. **2021_ORULB_72526**
TENDER CALL NOTICE NO. **2503** DT.**10.11.2021**

**No. C-1263:-** Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**

| | | |
|---|---|---|
| Name of the Work | : | **Individual Civil Construction works.** |
| No. of Works | : | **24 Nos.** |
| Bid Value | : | **As per DTCN** |
| Period of Completion | : | **As per DTCN** |
| Date & Time of availability of the bid documents in the portal | : | **From dt.13.11.2021 at 10.00 A.M. to dt.24.11.2021 upto 5.00 P.M.** |
| Submission of original Financial documents (Bid Cost & EMD) by Regd. Post/Speed Post | : | **dt.25.11.2021 to dt.29.11.2021 during office hours on working days.** |
| Bids received online shall be opened on | : | **11.00 A.M. on dt.30.11.2021** |
| Name and address of the officer inviting bid | : | **Executive Officer, Belpahar Municipality** |

Further details can be seen from the procurement portal: **www.tendersorissa.gov.in**. If any addendum/corrigendum/cancellation of tender shall be publish in the above website only.

OIPR-13050/11/0005/2122 Sd./- Executive Officer, Belpahar Municipality

**Government of Odisha "e" Procurement Notice**
**Bid Identification No.: Online- AGL-17 of 2021-2022**

No.O-912:-

| | | | |
|---|---|---|---|
| 1 | Name of the work | : | Road works |
| 2 | Estimated cost | : | Rs.16.09 lakhs to Rs.43.49 lakhs |
| 3 | Period of completion | : | 02 (Two) calendar months |
| 4 | Date & time of availability of bid document in the portal | : | From 15.11.2021 to 24.11.2021 upto 5.00 P.M. |
| 5 | Last date / time for receipt of bids in the portal | : | 24.11.2021 upto 5.00 P.M. |
| 6 | Name & address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in

Sd./- Executive Engineer,
R.W. Division, Angul
OIPR-25096/11/0009/2122

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, Mob. No. 9437073301, Fax: 252253, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 32/2021-22 Dated: 09.11.2021**

No. CAD-1804: Sealed tenders are invited in sealed envelopes from 'C' or 'D' class contractors registered with state government and contractors of equivalent grade / class registered with central government / MED / Railways in two parts i.e. 1) Techno commercial bid & 2) Price bid for the following work.

| Description of work | Cost of Tender Paper (Non-refundable) in Rs. | EMD in shape of Declaration | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Construction of Flag Post at Power House Premises, UIHEP, Mukhiguda | 472/- (Inclusive of GST) | As per Annexure-VI & Clause No. 1.5 | From 15.11.2021 to 25.11.2021 upto 12.30 hrs. | 25.11.2021 (upto 13.00 hrs.) | 25.11.2021 at 16.30 hrs. |

For details of the tender documents, terms and conditions please visit our website www.ohpcltd.com
OIPR-32136/11/0030/2122 Sd./- C&P Head, UIHEP, Mukhiguda

**OFFICE OF THE COMMISSIONER OF ENDOWMENTS, ODISHA, BHUBANESWAR**
**No.7718, dated 10.11.2021**

**Tender Notice for award of contract for providing service of Two Data Entry Operators for a period of one year w.e.f. 01.12.2021**

No. W-25:- Sealed Tenders are invited from reputed manpower agencies / service providers to provide service of Two Nos. of Data Entry Operators through a suitable placement agency on contractual and outsourcing basis for the O/o the Commissioner of Endowments, Odisha, Bhubaneswar and its sub-ordinate offices.

The detailed information for outsourcing the service of aforesaid posts has been given in the Tender Document which may be available in the official website of the Commissioner of Endowments assisgned at (http://hinduendowments.odisha.gov.in). The last date and time for submission of Tender document is **25.11.2021, 2.00 PM**.

Sd./- Dy. Commissioner of Endowments, Odisha, Bhubaneswar
OIPR-18001/11/0002/2122

No. CAD-1790
idco Your power to grow — ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No. BBSR/ELECT/E-2747/ Date: 06.11.2021

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work** :- Supply, Delivery, Installation, Testing and Commissioning of 125 KVA, 415V, 50HZ Radiator cooled Silent D.G. sets with DG shed and foundation of Dharani Dhar Sports Complex at Shankarpur, Keonjhar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-14/ 21-22 | 15.11.2021 at 17.00 hrs. | 20.11.2021 at 12.00 hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-**procurement portal as well as in IDCO website.**

Sd./- Divisional Head (Elect.)
IDCO, Bhubaneswar
OIPR-14003/11/0113/2122

# ମୋବାଇଲ୍ ଫୋନକୁ କେନ୍ଦ୍ରକରି ବଡ଼ଭାଇକୁ ହତ୍ୟାକଲା ସାନ

ବୈପାରୀଗୁଡା,୧୨।୧୧ (ଡି.ଏନ୍.ଏ.) ସାମାନ୍ୟ ମୋବାଇଲ୍ ଫୋନକୁ କେନ୍ଦ୍ର କରି ଏକ ପରିବାରରେ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣକର ଜୀବନ ଯିବା ପରି ଅଭାବନୀୟ ଘଟଣା ଘଟିଛଇ। କୋରାପୁଟ ଜିଲା ବୈପାରୀଗୁଡା ଥାନା ଅନ୍ତର୍ଗତ ଦଶମନ୍ତପୁର ଗ୍ରାମରେ ଏପରି ଘଟଣା ଘଟିଛି। ଖବରରୁ ଜଣାପଡିଛି ଏହି ଗ୍ରାମରେ ଗତ ୬ ମାସ ତଳେ ଲକ୍ଷ୍ମୀକାନ୍ତ ପ୍ରଧାନି(୩୨) ସେହି ଗ୍ରାମରେ ରହୁଥିବା ତାଙ୍କ ବଡ ଭଉଣୀ ପୁଷ୍ପଲତା ଦଳେଇଙ୍କ ମୋବାଇଲ୍ ଫୋନ୍‌କୁ ଭାଙ୍ଗି ଦେଇଥିଲେ। ମୋବାଇଲ୍ ବାବଦକୁ ୧୨ ହଜାର ଟଙ୍କା ନଚେତ୍ ନୂଆ ମୋବାଇଲ୍ ଫୋନ୍ କିଣି ଦେବାକୁ ଭାଇଙ୍କ ନିକଟରେ ଭଉଣୀ ପୁଷ୍ପଲତା ଦାବି କରି ଆସଥିଲେ। ମାତ୍ର ଲକ୍ଷ୍ମୀକାନ୍ତ ଏଥିପ୍ରତି ଗୁରୁତ୍ୱ ଦେଉ ଥିଲେ। ଗୁରୁବାର ରାତିରେ ଏ ନେଇ ଭଉଣୀଭାଇଙ୍କ ମଧ୍ୟରେ ଯୁକ୍ତତର୍କ ହୋଇଥିଲା। ଭଉଣୀଙ୍କୁ ସମର୍ଥନ କରି ବଡଭାଇ କାହ୍ନୁ ଚରଣ ପ୍ରଧାନି (୩୫) ଏଥିରେ ହସ୍ତକ୍ଷେପ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଲକ୍ଷ୍ମୀକାନ୍ତ ଘରେ ରଖିଥିବା ଏକ ଧାରଆ ଛରି ଆଣି କାହ୍ନୁଙ୍କ ଛାତିରେ ଭୂଷି ଦେଇଥିଲେ। ଗୁରୁତର ଅବସ୍ଥାରେ କାହ୍ନୁଙ୍କୁ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର କାହ୍ନୁଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟାକାରୀ ଲକ୍ଷ୍ମୀକାନ୍ତ ତାଙ୍କ ଦେଢ ବର୍ଷର ପୁଅକୁ ଧରି ଫେରାର ହୋଇଯାଇଛନ୍ତି। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। କେସ୍ ନଂ. ୧୮୭/୨୧।

# 'ଓଡ଼ିଶାରେ ସାମୁଦ୍ରିକ ବାୟୋ ଟେକ୍ନୋଲୋଜି ଉତ୍କର୍ଷ କେନ୍ଦ୍ର ହେଉ'



ଜୀବବିଜ୍ଞାନ ପ୍ରତିଷ୍ଠାନର ବାର୍ଷିକ ଅଧିବେଶନରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ, ରାଜ୍ୟ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଅନ୍ୟମାନେ।

**ଜୀବବିଜ୍ଞାନ ପ୍ରତିଷ୍ଠାନର ବାର୍ଷିକ ଅଧିବେଶନ**

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

ରାଜ୍ୟରେ ସାମୁଦ୍ରିକ ବାୟୋ ଟେକ୍ନୋଲୋଜି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ନିମନ୍ତେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଶୁକ୍ରବାର ନୂଆଦିଲ୍ଲୀଠାରେ ବିଜ୍ଞାନ ତଥା କାରିଗରି ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆୟୋଜିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ, ଭୁବନେଶ୍ୱରର ବିଂଶତମ ବାର୍ଷିକ ସାଧାରଣ ଅଧିବେଶନରେ ବକ୍ତବ୍ୟ ରଖି ମନ୍ତ୍ରୀ ପଣ୍ଡା କହିଛନ୍ତି, ରାଜ୍ୟର ବିସ୍ତୀର୍ଣ୍ଣ ବେଳାଭୂମିକୁ ଦୃଷ୍ଟିରେ ରଖି ଜିନ୍ ସମ୍ବନ୍ଧୀୟ ଗବେଷଣାର ବିକାଶ, ପରିବେଶ ସଂରକ୍ଷଣ ଏବଂ ପୂର୍ବଘାଟ ସମୁଦ୍ର କୂଳବର୍ତ୍ତୀ ଅଧିବାସୀଙ୍କର ସାମାଜିକ-ଅର୍ଥନୈତିକ ଉନ୍ନତି ତଥା ଜୀବନଧାରାରେ ମାନବୃଦ୍ଧି ସକାଶେ ଏହି ଉତ୍କର୍ଷ କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାର ପ୍ରସ୍ତାବ ରହିଛି। ଅନୁରୂପ ଭାବେ କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ଜିଲା ଅନ୍ତର୍ଭୁକ୍ତ ନବରଙ୍ଗପୁରରେ 'ଜୀବ ବିଜ୍ଞାନ ପ୍ରତିଷ୍ଠାନ' ଜନଜାତି ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ଜାତୀୟ ନେଟ୍‌ୱର୍କ ନିମିତ୍ତ କାର୍ଯ୍ୟ କରୁଥିବା ବେଳେ ସେହି କାର୍ଯ୍ୟକ୍ରମକୁ କନ୍ଧମାଳ ଜିଲାକୁ ସମ୍ପ୍ରସାରଣ କରିବା ପାଇଁ ମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ କୋଭିଡ୍ ମହାମାରୀ ସମୟରେ ବ୍ୟାପକ ପରୀକ୍ଷଣ ସାଙ୍ଗକୁ ଡେଲ୍‌ଟା ଭାରିଏଣ୍ଟର ଗବେଷଣା କାର୍ଯ୍ୟରେ ଯଥେଷ୍ଟ ପ୍ରଶଂସା ଅର୍ଜନ କରିଛି ବୋଲି ଦର୍ଶାଇ ମନ୍ତ୍ରୀ ସନ୍ତୋଷ ପ୍ରକଟ କରିଛନ୍ତି।

କେନ୍ଦ୍ର ବିଜ୍ଞାନ, କାରିଗରି ଓ ଭୂ-ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଜିତେନ୍ଦ୍ର ସିଂହ ଏହି ଅଧିବେଶନରେ ଅଧକ୍ଷତା କରି 'ଜୀବ ବିଜ୍ଞାନ ପ୍ରତିଷ୍ଠାନ' ଦକ୍ଷତା ବିକାଶ ଓ ତାଲିମ୍ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ନିଯୁକ୍ତି ଆଶାୟୀ ଯୁବପିଢ଼ି ତଥା ବିଜ୍ଞାନ ଶିକ୍ଷକଙ୍କ ପାଇଁ ଉଚ୍ଚତର ପ୍ରଶିକ୍ଷଣ ଯୋଗାଇ ଦେଇ ଜୀବ ବିଜ୍ଞାନ ପ୍ରତିଷ୍ଠାନ କେନ୍ଦ୍ର ସରକାରଙ୍କ କୃଷକଙ୍କ ଆୟବୃଦ୍ଧି, ପୋଷଣ ଅଭିଯାନ, ଆତ୍ମନିର୍ଭର ଭାରତ, ସ୍କିଲ ଇଣ୍ଡିଆ ଓ ଷ୍ଟାର୍ଟଅପ୍ ପରି ଯୋଜନାଗୁଡ଼ିକୁ ଅଧିକ ସଶକ୍ତ ଓ ଫଳପ୍ରଦ କରିପାରିବ ବୋଲି ମନ୍ତ୍ରୀ ସିଂହ କହିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା ବିଭିନ୍ନ ବିଜ୍ଞାନଭିତ୍ତିକ କାର୍ଯ୍ୟକଳାପ ଉପରେ ସୂଚନା ଦେବା ସହ ଏକ ରୋଗ ପ୍ରତିରକ୍ଷା ଶକ୍ତିକେନ୍ଦ୍ରିକ (ଇମ୍ୟୁନୋଜେନିସିଟି) ପ୍ଲାଟ୍‌ଫର୍ମ ଖୋଲିବା ପାଇଁ ଅନୁମୋଦନ ମିଳିଛି ବୋଲି କହିଥିଲେ। ସମୀକ୍ଷା କମିଟି ଦ୍ୱାରା ପ୍ରତିଷ୍ଠାନର ଅଗ୍ରଗାମୀ ବୈଷୟିକ ଦୃଷ୍ଟିକୋଣ ଯଥାର୍ଥ ପରୀକ୍ଷଣ କୌଶଳ ଓ ସମୟଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକୁ ଉଚ୍ଚ ପ୍ରଶଂସା କରାଯାଇଛି ବୋଲି ଡା. ପରିଡ଼ା ପ୍ରକାଶ କରିଥିଲେ। ଏହି ଅଧିବେଶନରେ କେନ୍ଦ୍ର ସରକାରଙ୍କ ବାୟୋ ଟେକ୍ନୋଲୋଜି ବିଭାଗର ସଚିବ ଡ. ରାଜେଶ ଏସ୍ ଗୋଖ୍‌ଲେ ଏବଂ ପ୍ରତିଷ୍ଠାନର ବିଜ୍ଞାନ ସଂଯୋଜକ ଡ. ସଞ୍ଜୟ ମିଶ୍ର ବକ୍ତବ୍ୟ ରଖିଥିଲେ।

# ସାଲୁର ବିଧାୟକଙ୍କୁ ଚେତାବନୀ ଦେଲେ ବାହିନୀପତି

ଜୟପୁର,୧୨।୧୧(ନି.ପ୍ର.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତରେ ଆନ୍ଧ୍ରର ସାଲୁର ପ୍ରଶାସନର କାର୍ଯ୍ୟକଳାପ ନେଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ସାଲୁର ବିଧାୟକ ପି. ରାଜନା ଦୋରାଙ୍କ କାର୍ଯ୍ୟକୁ ନିନ୍ଦାକରି ଏକ ପତ୍ର ଲେଖିଛନ୍ତି। ସେଥିରେ ସେ କୋଟିଆ ଓଡ଼ିଶାର କୋରାପୁଟ ଜିଲାର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ବିଧାୟକ ଦୋରା ମନେରଖିବା ଉଚିତ ବୋଲି ଚେତେଇ ଦେଇଛନ୍ତି। ବାହିନୀପତି କହିଛନ୍ତି, ୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା। ସେତେବେଳେ ଓଡ଼ିଶାର ସୀମା ନିର୍ଦ୍ଧାରଣ ହୋଇଥିଲା। ମାତ୍ର ଆନ୍ଧ୍ର ପ୍ରଦେଶ ୧୯୫୬ରେ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇଲା। ୨୦ ବର୍ଷ ଆଗରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇ ନିଜ ସୀମା ନିର୍ଦ୍ଧାରଣ କରିଥିବା ବେଳେ ୨୦ ବର୍ଷ ପରେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇ କୋଟିଆ କିପରି ଆନ୍ଧ୍ରର ହୋଇଗଲା ବୋଲି ବାହିନୀପତି ପ୍ରଶ୍ନ ଉଠାଇଛନ୍ତି। ଆନ୍ଧ୍ର ଏ ନୀତି ଛାଡୁ। ଏବେ କୋଟିଆ ବିବାଦ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଅଛି। ଏ ସମୟରେ ସେଠାରେ ଆନ୍ଧ୍ର ଜୋର ଜବରଦସ୍ତ ଅନୁପ୍ରବେଶ କରିବା ଠିକ୍ ନୁହେଁ। ସାଲୁର ବିଧାୟକ କେବଳ କୋରାପୁଟ ନୁହେଁ ସମଗ୍ର ଓଡ଼ିଶାବାସୀଙ୍କ ସହ ସୁପ୍ରିମକୋର୍ଟଙ୍କୁ ଅପମାନ କରିଛନ୍ତି। ଏହାର କଡ଼ା ଜବାବ ଆଗାମୀ ଦିନରେ କୋରାପୁଟ ଜିଲାବାସୀ ଦେବେ ବୋଲି ସେ କହିଛନ୍ତି। କୋଟିଆ ଲୋକଙ୍କଠାରୁ ଜବରଦସ୍ତ ଦସ୍ତଖତ ସଂଗ୍ରହକରି ସେମାନେ ଆନ୍ଧ୍ର ସହ ରହିବାକୁ ଚାହାନ୍ତି ବୋଲି ସାଲୁର ବିଧାୟକ ଯେଉଁ ପ୍ରମାଣ ଗୋଟାଉଛନ୍ତି ତାହା ତାଙ୍କୁ ଶୋଭାପାଉନି ବୋଲି ବାହିନୀପତି ପ୍ରକାଶ କରିଛନ୍ତି। ତାଙ୍କର ଗଣତନ୍ତ୍ର ବିରୋଧୀ କାର୍ଯ୍ୟକଳାପକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି କହି ଆଗାମୀ ଦିନରେ ଏନେଇ କୋରାପୁଟ ଜିଲାରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ବାହିନୀପତି ସାଲୁର ବିଧାୟକଙ୍କୁ ଏକ ପତ୍ର ମାଧ୍ୟମରେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ କୋରାପୁଟ ବିଧାୟକ ରଘୁରାମ ପଡାଲ ମଧ୍ୟ ସାଲୁର ବିଧାୟକ ଦୋରାଙ୍କ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ସେ କହିଛନ୍ତି, ଏପରି କହିଦେଲେ କିଛି ହୋଇଯିବନି। ମାମଲା ଯେହେତୁ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଅଛି କୋର୍ଟ ଯାହା ରାୟ ଶୁଣାଇବେ ତାହା ହେବ ବୋଲି ପଡାଲ କହିଥିଲେ।

# ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ବିରୋଧରେ ମାମଲା

## ଆସିକାକୁ ନୂତନ ସବ୍‌ଡିଭିଜନ ମାନ୍ୟତା ପ୍ରସଙ୍ଗ

କଟକ ଅଫିସ,୧୨।୧୧

ଗଞ୍ଜାମ ଜିଲା ଆସିକାକୁ ନୂତନ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ପ୍ରସଙ୍ଗରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ୨୦୨୧ ଜୁନ୍ ୯ ତାରିଖରେ ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ୪ ମାସ ମଧ୍ୟରେ ପଦକ୍ଷେପ ନେବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ହାଇକୋର୍ଟଙ୍କ ଆଦେଶକୁ ବିଭାଗୀୟ ସଚିବ ପାଳନ କଲେନାହିଁ। ତେଣୁ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଉକ୍ତ ବିଭାଗର ସଚିବଙ୍କ ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା (ନଂ.୬୭୧୭/୨୧)ରୁଜୁ କରିଛନ୍ତି। ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ

ବରଗଡ଼ ଅଫିସ୍,୧୨।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବରଗଡ଼ ଜିଲା ଗସ୍ତରେ ଆସୁଛନ୍ତି । ଏହି କ୍ରମରେ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୦ଟା ୧୫ ମିନିଟରେ ନବୀନ ନିବାସ ଛାଡ଼ି ୧୦ଟା ୨୦ମିନିଟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାସନାଲ ଏୟାରପୋର୍ଟକୁ ଯିବେ। ସେ ଦିନ ୧୦ଟା ୨୫ମିନିଟରେ ଏୟାରକ୍ରାଫ୍ଟରେ ବାହାରି ଦିନ ୧୧ଟା ୫ମିନିଟରେ ବରଗଡ଼ ଜିଲା ପଦ୍ମପୁର ନିକଟ ସତୀଭଟା ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବେ। ସେଠାରୁ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୧ଟା ୧୫ମିନିଟରେ ବାହାରି ୧୧ଟା ୩୦ ମିନିଟ୍ ସୁଦ୍ଧା ବିଜେପୁରର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବେ ଏବଂ ୧୧ଟା ୫୯ ମିନିଟରେ ବିଜେପୁରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ଼ ବଣ୍ଟନ ଏବଂ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସମାରୋହରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏଥିପାଇଁ ୧୮ପ୍ଲାଟୁନ ଫୋର୍ସ, ୮ଜଣ ଡିଏସ୍‌ପି, ୧୫ଜଣ ଇନ୍ସପେକ୍ଟର, ୨୫ଜଣ ସବ୍‌ଇନ୍ସପେକ୍ଟର, ୪୦ଜଣ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟରଙ୍କ ସହିତ ଏସଓଜି, ଡିଭିଏଫ, ସିଆରପିଏଫ୍ ଟିମ୍‌କୁ ମୁତୟନ କରାଯିବ ବୋଲି ଏସ୍‌ପି ରାହୁଲ ଜୈନ କହିଛନ୍ତି । ଏହାସହିତ ବିଭିନ୍ନ ଛକ ସ୍ଥାନରେ ଯାଞ୍ଚ କରାଯିବ ଏବଂ ଯେଉଁମାନଙ୍କ କରୋନା ଆରଟିପିସିଆର ରିପୋର୍ଟ ନେଗେଟିଭ ଅଛି, ସେମାନଙ୍କୁ ଯାଞ୍ଚ ପରେ କାର୍ଯ୍ୟକ୍ରମ ସ୍ଥଳୀକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ବୋଲି ଏସ୍‌ପି ଜୈନ ସୂଚନା ଦେଇଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ବିରୋଧ କରିବା ପାଇଁ ବିରୋଧୀ ଭାଜପା ଓ କଂଗ୍ରେସ ସଜବାଜ ହେଉଥିବା ସୂଚନା ମିଳିଛି ।

# ଓଡ଼ିଶାକୁ ମିଳିଲା ପଞ୍ଚମ ସ୍କାଙ୍ଗ୍‌ହୋ ପୁରସ୍କାର

ଭୁବନେଶ୍ୱର, ୧୨।୧୧ (ବ୍ୟୁରୋ)

ଅନ୍‌ଲାଇନ୍ ପପୁଲାର ସିଟି ବର୍ଗରେ ଓଡ଼ିଶାକୁ ପଞ୍ଚମ ସ୍କାଙ୍ଗ୍‌ହୋ ପୁରସ୍କାର ମିଳିଛି। ସହରାଞ୍ଚଳରେ ସାମାଜିକ, ଅର୍ଥନୈତିକ, ପରିବେଶ ଏବଂ କର୍ମନିଯୁକ୍ତି ପଦକ୍ଷେପ ପାଇଁ ରାଜ୍ୟକୁ ଏହି ପୁରସ୍କାର ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଏଥିପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି।

# ରାଇଘରରେ ମାଓବାଦୀ ବ୍ୟାନର

ରାଇଘର, ୧୨।୧୧(ଡି.ଏନ୍.ଏ.)



ରାଇଘରରେ ଲଗାଯାଇଥିବା ମାଓବାଦୀ ବ୍ୟାନର।

ନବରଙ୍ଗପୁର ଜିଲା ରାଇଘର ଯୋଡ଼ିଙ୍ଗା ପଞ୍ଚାୟତ ନୂଆଗାଁ ଦେଇ ଯାଇଥିବା ମୁଖ୍ୟ ରାସ୍ତା କଡ଼ରେ ଶୁକ୍ରବାର ସକାଳୁ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଛି। ଭାରତୀୟ କମ୍ୟୁନିଷ୍ଟ (ମାଓବାଦୀ) ପାର୍ଟି ଛତିଶଗଡ଼ର ଉଦନ୍ତୀ ଏରିଆ କମିଟି ମାଓବାଦୀ ସଙ୍ଗଠନ ଉଲ୍ଲେଖ ଥିବା ଉକ୍ତ ବ୍ୟାନର ଓ ପୋଷ୍ଟରରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ବିରୋଧ କରାଯାଇଛି। ଆଶା, ସଫେଇ କର୍ମୀ, ଶିକ୍ଷକ, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ବିଭାଗର ତଳୁଆ କର୍ମଚାରୀଙ୍କୁ ଚାକିରିରେ ୨୦ ହଜାରରୁ ଅଧିକ ଦରମା ଦେବା ପାଇଁ ଉଭୟ ସରକାରଙ୍କ ନିକଟରେ ଦାବି ହେଉଛି। ଠିକ୍ ସମୟରେ ଦରମା ଓ ଚାକିରି ଅବସର ପରେ ଭତ୍ତା ସମସ୍ତଙ୍କୁ ଦିଆଯାଉ ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟର ଲଗାଯାଇଥିବା ସ୍ଥାନରେ ଲୋକଙ୍କ ଭିଡ଼ ଜମିଥିଲା। ପୋଲିସ ପହଞ୍ଚି ତାହାକୁ ଜବତ କରିଛି।

**ପ୍ରଥମ ପୃଷ୍ଠାରୁ...**

## ୪ କୋଟି ଟପିଲା...

ସେହିପରି ରାଜ୍ୟରେ ସ୍ଥିତି ଭଲ ଅଛି। କରୋନା ସ୍ଥିତି ନୂଆ ହୋଇଥିବାରୁ ବୁଷ୍ଟର ଡୋଜ୍ ନେଇ ତର୍ଜମା ଚାଲିଛି। ଟେକ୍ନିକାଲ ବଡି କହିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ। ତା' ପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ଗତ ୨୪ଘଣ୍ଟାରେ ୨୬୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୪୪ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୂଚନା ଦେଇଛି। ଫଳରେ ରାଜ୍ୟରେ ମୋଟ୍ କରୋନା ପଜିଟିଭ୍ ସଂଖ୍ୟା ୧୦,୪୪,୯୬୨ରେ ପହଞ୍ଚିଛି। ରାଜ୍ୟରେ ଜଣେ ୧୩ବର୍ଷୀୟ ପିଲା କରୋନାରେ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଶୁକ୍ରବାର କରୋନାରେ ୩ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱରରୁ ୨ ଓ ମୟୂରଭଞ୍ଜରୁ ଜଣେ ରହିଛନ୍ତି। ମୟୂରଭଞ୍ଜର ମୃତକ ଜଣଙ୍କ ୧୩ବର୍ଷୀୟ ନାବାଳକ, ଯିଏକି ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ। କେବଳ କରୋନାରେ ପୀଡ଼ିତ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଫଳରେ ରାଜ୍ୟରେ ମୋଟ୍ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୩୭୩କୁ ବୃଦ୍ଧି ପାଇଛି।

## ସିଧାସଳଖ କିଣିହେବ...

ସେ ଆର୍ଥିକ ଶିକ୍ଷା ଯୋଗାଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଏହା ଦ୍ୱାରା ଦେଶର ସାଧାରଣ ଲୋକମାନେ ମଧ୍ୟ ବଣ୍ଡ ବଜାର ସମ୍ପର୍କରେ ଜାଣିବାକୁ ସକ୍ଷମ ହେବେ। ସେହିଭଳି ଇଣ୍ଟିଗ୍ରେଟେଡ୍ ଅମ୍ବୁଡ୍‌ସମ୍ୟାନ୍ ସ୍କିମ୍ ଦ୍ୱାରା ଜଣେ ସାଧାରଣ ଲୋକର ଅଭିଯୋଗ ସମାଧାନକୁ ଗୁରୁତ୍ୱ ଦିଆଯିବ। ଲୋକମାନେ ଅନ୍‌ଲାଇନରେ ଆର୍ଥିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଦାୟର କରିବା ସହ ଏହାକୁ ଟ୍ରାକ୍ ମଧ୍ୟ କରିପାରିବେ। ଧାର୍ଯ୍ୟ ସମୟରେ ଏହାର ସମାଧାନ ମଧ୍ୟ ହୋଇପାରିବ। 'ୱାନ୍ ନେଶନ ୱାନ୍ ଅମ୍ବୁଡ୍‌ସମ୍ୟାନ' ସ୍କିମ୍‌ରେ ୪୪ କୋଟି ଏବଂ ୨୨୦ କୋଟି ଡିପୋଜିଟ ଆକାଉଣ୍ଟକୁ ସହାୟତା କରାଯାଇପାରିବ ବୋଲି ମୋଦି ସ୍ପଷ୍ଟ କରିଛନ୍ତି।

OFFICE OF THE
NOTIFIED AREA COUNCIL, BOUDHGARH
e-mail: boudhgarhnac@yahoo.co.in, Ph. No.: 06841-222024
Notice No. 5003 Dated: 09.11.2021
First Corrigendum Notice/Clarification to
Tender Call Notice No. 4742 Dated 05.11.2021
No. C-1258: This is for information to all general concerned that the following modification are made in response to the quotation call notice mentioned above.
The date of sale, submission and receipt of the quotation paper is modified as **Dt.10.11.21** and **19.11.21** instead of Dt.08.11.21 and 17.11.21 respectively. Any other terms and conditions are remain unchanged.
Sd./- Executive Officer
NAC Boudhgarh
OIPR-13155/11/0015/2122

OFFICE OF THE
ROURKELA MUNICIPAL CORPORATION, ROURKELA
INVITATION FOR BID
No. 14414 Dated 09.11.21
Bid Identification No.:- MC/RMC/47/2021
**No.C-1252:-** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on Item rate basis in single cover on online mode. Bid Identification **No. MC/RMC/47/2021** for **10 nos.** Civil work with value of **Rs.15.52 lakh** to **Rs.40.63 lakh.**
1. Bid documents will be available in website **www.tendersorissa.gov.in** from **10.11.2021**.
2. Bids must be submitted on "online" on or before **24.11.2021 by 17.00 hours**.
3. Bids shall be opened at 11.00 hours on **25.11.2021** in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**
Sd./- Municipal Commissioner
Rourkela Municipal Corporation
OIPR-13131/11/0041/2122

INSTITUE OF MATHEMATICS AND APPLICATIONS
BHUBANESWAR
(Science & Technology Department, Govt. of Odisha)
Andharua, Bhubaneswar- 751029, www.iomaorissa.ac.in
No.IMA 13/849/2021 Dt.10.11.2021
EMPANELMENT OF BOOKS SUPPLIERS
No.CAD-1795:- The applications are invited for empanelment of Books Suppliers for procurement of books at **Library, Institute of Mathematics and Applications (IMA), Bhubaneswar** for a period of 03 years. Application must be submitted **by 5.00 P.M. on 15.12.2021**. The complete application can be downloaded from the website **www.iomaorissa.ac.in**. The filled-in applications along with necessary documents are required to be submitted in sealed envelope to:
**The Registrar,
Institute of Mathematics and Applications, Bhubaneswar
Andharua, Bhubaneswar, Odisha, PIN-751029**
Sd./- Registrar
OIPR-28006/11/0006/2122

ODISHA PUBLIC SERVICE COMMISSION
ADVERTISEMENT No.19 OF 2021-22
Recruitment to the post of Assistant Professor (Broad Speciality) of Govt. MCHs in the rank of Group-A under Health & Family Welfare Department, Odisha
WEBSITE - http://opsc.gov.in
**No. D-191:-** Online applications are invited from the prospective candidates through the proforma application to be made available on the Website of the Commission (http//:www.opsc.gov.in) for recruitment to **381 (Three hundred eighty one)** posts of Assistant Professor (Broad Speciality) in Group-A, under the Odisha Medical Education Service cadre for posting in Government MCHs of the State under Health & Family Welfare Department in the Academic Level-12 of ORSP (MCT) Rules, 2019 with usual dearness and other allowances as may be sanctioned by the Government of Odisha from time to time. The posts are temporary and likely to be made permanent.
**2. VACANCY POSITION:** As per requisition filed by the Health & Family Welfare Department, Government of Odisha, **381(74-w)** vacancies available for 23 different disciplines.
**3. AGE:** A candidate must have attained the age of **21 (Twenty one)** years and must not be above the age of **45 (Forty five)** years on the **1st day of January 2021** i.e. he/she must have been born **not earlier than 2nd January, 1976 and not later than 1st January, 2000.**
**4. EDUCATIONAL QUALIFICATION:** In order to be eligible for direct recruitment, a candidate must-
(i) Have acquired a Post Graduate Degree in the concerned Broad Speciality /Super Speciality or any other equivalent degree or qualification prescribed by the MCI/NMC from time to time.
(ii) Where the DM/M.Ch. is of two years duration or five years recognized course after MBBS, one year teaching and, or research experience in a recognized institution in the subject of speciality shall be required after obtaining the qualifying degree of DM or M.Ch.
(iii) Those candidates who have undergone Diplomate National Board training in concerned subject are also eligible for the post of Assistant Professor subject to fulfilling of any other criteria regarding Diplomate National Board, prescribed by MCI/NMC from time to time in force.
**5. METHOD OF SELECTION:** The selection of candidates for direct recruitment to the post of Assistant Professor in Broad Speciality will be made by written test is of 200 marks as per Odisha Medical Education Service (Method of Recruitment and Conditions of Service) Rules, 2021.
**6. EXAMINATION FEE:** A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha are exempted from payment of this fee.
**The link for registration/ re-registration and payment of examination fees shall be available from 22.11.2021 to 20.12.2021 (Note: 27.12.2021 is the last date for submission of Registered Online Application).**
The candidates are advised to visit the Website of the Commission at **http://opsc.gov.in for Long Advertisement and detailed information for applying to the above post.**
CUTTACK
DATE- 10.11.2021
Sd./- SECRETARY
ODISHA PUBLIC SERVICE COMMISSION
OIPR-12002/11/0130/2122

ODISHA PUBLIC SERVICE COMMISSION
ADVERTISEMENT No. 21 of 2021-22
Recruitment to the Posts of Post Graduate Teachers under Science Streams in Group - 'B' State Service for the Newly Created 10 Nos. of Kalinga Model Residential Schools (KMRSs) & the Biju Pattnaik Adarsha Bidyalaya under ST & SC Development Department
WEBSITE: http://opsc.gov.in
No. D-193: Online applications are invited from the candidates through the Proforma Application to be made available on WEBSITE **(http://opsconline.gov.in)**. The link for **registration/re-registration** and payment of examination fee shall be available from **17.11.2021 to 16.12.2021 (Note: 23.12.2021 is the last date for submission of Registered Online Application)** for recruitment to **58 (Fifty eight)** posts of **Post Graduate Teachers**. Group-B of State Service under different streams.
2. **VACANCY POSITION:** As per requisition filed by the ST & SC Development Department, Government of Odisha, the vacancy position along with reservation thereof is given below:

| Subject | No. of Vacancies | No of Posts Reserved | | | | | | |
|---|---|---|---|---|---|---|---|---|
| | | UR | ST | SC | SEBC | PWD | Ex-SM | Sports Person |
| (1) | (2) | (3) | (4) | (5) | (6) | (7) | (8) | (9) |
| Physics | 12 (04-w) | 06 (2-w) | 3 (1-w) | 2 (1-w) | 01 | 01 | - | - |
| Chemistry | 12 (04-w) | 06 (2-w) | 3 (1-w) | 2 (1-w) | 01 | - | 01 | - |
| Biology | 12 (04-w) | 06 (2-w) | 3 (1-w) | 2 (1-w) | 01 | - | - | 01 |
| Mathematics | 12 (04-w) | 06 (2-w) | 3 (1-w) | 2 (1-w) | 01 | 01 | - | - |
| Computer Science | 10 (04-w) | 05 (2-w) | 2 (1-w) | 2 (1-w) | 01 | - | 01 | - |
| Total | **58 (20-w)** | **29 (10-w)** | **14 (05-w)** | **10 (05-w)** | **05** | **02** | **02** | **01** |

3. **AGE:** A candidate must have attained the age of 21 (twenty one) years and must not be above the age of 32 (thrity two) years as on the 1st day of January 2021 i.e. he/she must have been born not earlier than 2nd January, 1989 and not later than 1st january, 2000.
4. **EDUCATIONAL QUALIFICATION:**
**(A) Essential Qualification:**
**(i)** A candidate must be a Master's Degree in the subject concerned from a recognized University with at least 50% marks in aggregate;
OR
Must have possessed two years integrated Post Graduate M.Sc. Course from Regional College of Education NCERT in the concerned subject with minimum 50% marks in aggregate.
**(ii)** Have B.Ed or equivalent Degree recognized by the National Council for Teacher Education, New Delhi as equivalent with B.Ed. from a recognized University.
**N.B.: For Biology discipline, the candidates must have Master's Degree in Botany or Zoology/M.Sc. in Life Science with Zoology and Botany at Graduate level/M.Sc. Ed. in the subject concerned from Regional Institute of Education, NCERT.**
**(B) Desirable Qualification:**
Diploma or Degree in Computer Application is desirable qualification subject to production of certificate in support of above qualification obtained from a recognized Unviersity or College or Institution.
5. **METHOD OF SELECTION:** The selection will be made on the basis of **Written Examination and Viva Voce Test**.
6. **EXAMINATION FEE:** A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Person with Disability (whose permanent disability is 40% and more) are exempted from payment of this fee.
CUTTACK
DATE: 11.11.2021
Sd./- SECRETARY
ODISHA PUBLIC SERVICE COMMISSION, CUTTACK
OIPR-12002/11/0132/2122

## କହିଲ ଦେଖି

(୧)
ନଭେମ୍ବର ମାସେ ପରବ ଇଏ
ଶିଶୁଙ୍କୁ ଅନେକ ଆନନ୍ଦ ଦିଏ
ଚାଚାଙ୍କ ଜନମ ଦିନ
କୁହ କିସ ଆରେ ଧନ ?




ଉ- **ଶିଶୁ ଦିବସ**

(୨) ବଡ଼ ଘର ପୁଅ ଇଏ
ସେହିଭଳି ମଥା
ପ୍ରଥମ ପ୍ରଧାନମନ୍ତ୍ରୀ
ଇତିହାସ କଥା
ପିଲାଙ୍କର ଚାଚା ସିଏ
ଅତି ଶିଶୁ ସ୍ନେହୀ
ଭାରତର ରତ୍ନ ସିଏ
ମନ ନେଲେ ମୋହି।

ଉ- **ଜବାହରଲାଲ ନେହେରୁ**

(୩) ଓଷା ମଧ୍ୟେ ସାର
ପୂଜନ୍ତି ଶଙ୍କର
ଅଟକାଳି ହୁଏ,
ମଣ୍ଡା ଗଢ଼ା ଯାଏ
ମହାଦୀପ ଉଠେ
ହରି ନାମ ଛୁଟେ,
ଓଷା ନାମ କୁହ
ନଡ଼ିଆଟେ ନିଅ।

ଉ- **ବଡ଼ ଓଷା**

**-କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ- ୯୯୩୮୧୩୩୫୫୯

## ତୁମ ପଢିବା ପାଇଁ

### ମୋ ଆଶା



ତ୍ରୟମାସିକ ଶିଶୁ-କିଶୋର ପତ୍ରିକା 'ମୋ ଆଶା'ର ଶାରଦୀୟ ସଂଖ୍ୟା-୨୦୨୧ ହସ୍ତଗତ ହୋଇଛି। ଏହି ସଂଖ୍ୟାରେ ନିୟମିତ ସ୍ତମ୍ଭଗୁଡ଼ିକ ସହ ସ୍ଥାନୀତ ହୋଇଛି ବିଭିନ୍ନ ଶିକ୍ଷଣୀୟ ବିଷୟବସ୍ତୁ। ସେଗୁଡ଼ିକ ମଧ୍ୟରୁ ଭଗବତୀ ମହିଷାସୁର ମର୍ଦ୍ଦିନୀ, ବଳି ପ୍ରଥା ବନ୍ଦ ହେଲା, ଗାଡ଼ିଗଲା ଗଡ଼ିଗଡ଼ି, ମାଆର ଏକଇ ବଳା, ଶୁଣିବୁ ଡାକ, ମଙ୍ଗଳ ଗ୍ରହର ସ୍ୱର, ମୁଠାଏ ଚାଉଳ, ମୁଁ ତୁମର ବହି ଆଦି ପିଲାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ସଚିତ୍ର ପତ୍ରିକାର ମୂଲ୍ୟ ରହିଛି ୨୦ ଟଙ୍କା। **ଯୋଗାଯୋଗ** : ମୋ ଆଶା, ଲିଟିଲ୍ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡା, ପୁରୀ

## ମତାମତ

➤ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ପଢ଼ି ଭଲ ଲାଗିଲା।
**-ରାଜେନ୍ଦ୍ର କୁମାର ମଲ୍ଲିକ, ଯାଜପୁର**

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି।
**-ସ୍ମିତା ମହାନ୍ତି, ପୁରୀ**

➤'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣି ହେଉଛି। ଏହା ନିୟମିତ ପ୍ରକାଶ ପାଇଲେ ପାଠକୀୟ ଆଦୃତି ବଢ଼ିବ।
**-ରଶ୍ମିତା ନାୟକ, ରେଢ଼ାଖୋଲ**

➤ଏଥର ଆସ ଜାଣିବା ସ୍ତମ୍ଭରେ ପ୍ରକାଶିତ 'ସବୁଠାରୁ ବଡ଼ .ଓ ଛୋଟ ଫୁଲ' ବିଷୟରୁ କେତେକ ନୂଆ କଥା ଜାଣିବାକୁ ଭଲ ଲାଗିଲା।
**-କୃଷ୍ଣଚନ୍ଦ୍ର ମହାନ୍ତି, ବ୍ରହ୍ମପୁର**

ଇ ଆ ନା




# ଶିଶୁପ୍ରେମୀ ଚାଚାଜୀ



**ଶି**ଶୁମାନଙ୍କୁ ନିଜଠୁ ଅଧିକ ଭଲ ପାଉଥିଲେ ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହେରୁ। ତାଙ୍କ କହିବା ଅନୁସାରେ ସାରା ଦେଶରେ ତାଙ୍କ ଜନ୍ମଦିବସକୁ ଶିଶୁଦିବସ ରୂପେ ପାଳନ କରାଯାଉଛି।

୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ପିତା ମୋତିଲାଲ୍ ନେହେରୁ ଓ ମାତା ସ୍ୱରୂପାରାଣୀଙ୍କ କୋଳ ମଣ୍ଡନ କରିଥିଲେ ଜବାହରଲାଲ୍ ନେହେରୁ। ହ୍ୟାରୋ ବିଦ୍ୟାଳୟରେ ଦୁଇବର୍ଷ ପଢ଼ି ୧୯୦୭ ମସିହାରେ ଜବାହର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କଲେ। ଏହାପରେ ୧୯୧୨ ମସିହାରେ ବିଲାତରେ ବାରିଷ୍ଟରୀ ପାସ୍ କରି ଭାରତକୁ ଫେରିଥିଲେ। ୧୯୨୧ ମସିହାରେ ଇଂରେଜମାନଙ୍କ ବିରୋଧରେ ସେ ଅସହଯୋଗ ଆନ୍ଦୋଳନ ଏବଂ ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ସହ ଯୋଗଦେଇ ବହୁବାର କାରାବରଣ କରିଥିଲେ। ଜେଲରେ ଥିଲାବେଳେ ସେ ବହୁ ଉପାଦେୟ



ପୁସ୍ତକ ଲେଖିଥିଲେ। ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେଲ। ପରେ ସେ ହେଲେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ।

ଥରେ ଗୋଟିଏ ଝିଅ ତାଙ୍କ ଗାଡ଼ି ଚକା ତଳେ ପ୍ରାଣ ହରାଇଥିଲା। ଝିଅଟିର ନାମ ଥିଲା ଗୋଲାପ। ଚାଚାଜୀ ଖୁବ୍ ଦୁଃଖିତ ହେଲେ। ଝିଅଟିକୁ ସବୁଦିନ ମନେରଖିବା ପାଇଁ ସେ ତାଙ୍କ କୋଟ ପକେଟ୍‌ରେ ସର୍ବଦା ଗୋଲାପଫୁଲ ରଖୁଥିଲେ। ଦେଶର ପ୍ରଧାନମନ୍ତ୍ରୀ ଥିଲାବେଳେ ହଠାତ୍ ଥରେ ସେ ତାଙ୍କ ବାସଭବନରୁ ଏକୁଟିଆ ଚାଲିଯାଇଥିଲେ। ଚାରିଆଡ଼େ ଖୋଜାଗଲା। ଶେଷକୁ ଦେଖାଗଲା ଯେ ଚାଚାଜୀ ଗୋଟିଏ ପାର୍କରେ ପିଲାମାନଙ୍କ ସହ ଖେଳୁଥିଲେ। ଏମିତି ଅନେକ ଘଟଣା ଅଛି। ଜାପାନୀ ପିଲାମାନେ ହାତୀକୁ ଖୁବ୍ ଭଲ ପାଉଥିବାରୁ ସେ ଗୋଟିଏ ହାତୀକୁ ଜାପାନର ପିଲାମାନଙ୍କ ପାଖକୁ ପଠାଇଥିଲେ। କେବଳ ଜାପାନ ନୁହେଁ କାନାଡ଼ା, ହଲାଣ୍ଡ, ଅଷ୍ଟ୍ରେଲିଆ, ଆମେରିକା ପ୍ରଭୃତି ଦେଶର ପିଲାଙ୍କ ପାଇଁ ସେ ହାତୀ ପଠାଇଥିଲେ। ସେ ପିଲାଙ୍କୁ ଖୁବ୍ ଭଲ ପାଉଥିଲେ। ଭୋକିଲା ଶିଶୁକୁ ଖାଦ୍ୟ, ପୀଡ଼ିତ ଶିଶୁଙ୍କୁ ସାହାଯ୍ୟ ଓ ସେମାନଙ୍କ ଶିକ୍ଷା ବ୍ୟବସ୍ଥା, ଅନାଥ ଶିଶୁଙ୍କୁ ସମ୍ପୂର୍ଣ୍ଣ ସାହାଯ୍ୟ କରି ଅପାର ଆନନ୍ଦ ଲାଭ କରୁଥିଲେ ଚାଚାଜୀ।

ସମସ୍ତଙ୍କୁ କନ୍ଦାଇ ସେ ୧୯୬୪ ମସିହା ମେ ୨୭ ତାରିଖରେ ଚାଲିଯାଇଥିଲେ ଆରପାରିକୁ। କିନ୍ତୁ ଦେଶପାଇଁତାଙ୍କତ୍ୟାଗ, ସଂଗ୍ରାମ, ତିତୀକ୍ଷା, ବଳିଦାନ ଚିରସ୍ମରଣୀୟ ହୋଇ ରହିବ।

**-ମୀରା ବେଉରା**
ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ମୋ:୯୮୫୩୩୫୦୩୮୪

## କବିତା

ଜିଣିବା ସଭିଙ୍କ ମନ।

**-ବ୍ରଜେଶ୍ୱରୀ ସିଂହ**
ସଂପାଦିକା, 'ବଉଳଫୁଲ', ଯାଜପୁର

### ଶିଶୁ ଦିବସ

ଚାଚା ନେହେରୁଙ୍କ ଜନମ ଦିନ ଏ
ଶିଶୁ ଗଣେ ଏ ବିଦିତ
କୋମଳ ପ୍ରାଣର ଶିଶୁ ପାଇଁ ଥିଲା
ତାଙ୍କ ସ୍ନେହ ଅବିରତ।

ଆଜିର ପିଲାଟି କାଲି ସେ ହୋଇବ
ଏ ଦେଶ ଭବିଷ୍ୟତ
ତାଙ୍କୁ ହେଳା କଲେ ବିକାଶର ପଥ
ପଛେଇବ ନିଶ୍ଚିତ।

ଶିଶୁମାନଙ୍କ ଉନ୍ନତି ପାଇଁ
ନେହେରୁଙ୍କ ଅବଦାନ
କହୁଥିଲେ ସଦା ହେଳା କରିବାନି
ସେମାନେ ଦେଶର ଧନ।

ଆସ ପିଲାମାନେ ନେହେରୁଙ୍କର
କଥାକୁ ମନେ ପକାଇ
ଭାରତମାତାର ପଦ ବନ୍ଦନା
କରିଣ ଯିବା ଆଗେଇ।

**-ଅଧ୍ୟାପକ ବିଷ୍ଣୁମୋହନ**
ଏ-୫୮, କ୍ରିଷ୍ଣାଗାର୍ଡେନ-୨, ଖଣ୍ଡଗିରି, ଭୁବନେଶ୍ୱର

### ଶିଶୁଙ୍କ ପାଇଁ

ଆଜି ପରା ଆମ ଶିଶୁ ଦିବସରେ
ମନରେ ରଖ ହରଷ
ଚାଚା ନେହେରୁଙ୍କ ଜନ୍ମ ଦିନ ଅଟେ
ଯାଇଛନ୍ତି ରଖି ଯଶ।

ପଢ଼ିବାରେ ପାଠ ରଖିବାରେ ନାଆଁ
ଦେଶ ବିଦେଶରେ ଯାଇ
ଭାରତ ମାତାର ସୁନାମ ଅର୍ଜନ
ଜନଗଣ ଗୀତ ଗାଇ।

ବଡ଼ ହୋଇ ଆମେ ସଦା ଜଗାଇବା
ଦେଶ ପାଇଁ ଶ୍ରଦ୍ଧା ପ୍ରେମ
ଶିଶୁଙ୍କ ମନରେ ଆଣିଦେବା ଖୁସି
ବିଶ୍ୱ ହେବ ସ୍ୱର୍ଗ ସମ।

**-ପ୍ରତିଭା ସାହୁ**
ବଇଣ୍ଡା, ହାଇସ୍କୁଲ ରୋଡ୍, ଅନୁଗୋଳ

### ଘେନ ଆମ ଜୁହାର

ନଭେମ୍ବର ଚଉଦ
ହସେ ଶିକ୍ଷା ସଉଧ
ଏସନ ଏଇଠି ଭାସେ
ଯେହ୍ନେ କଳା ବଉଦ।

ଆମରି ପ୍ରିୟ ଚାଚା
ମନଟି ତାଙ୍କ ଉଚ୍ଚା
ସବୁବେଳେ ଆମ ପାଇଁ
ଭାବନା ଥିଲା ସଚ୍ଚା।

ତାଙ୍କ ଜନମ ଦିନ
ଶିଶୁ ପରାଣ ଚିହ୍ନ
ଏକା ଏକା ପାଳନରେ
ହେବ ପ୍ରଭାବହୀନ।

ଆମେ ଶିଶୁ କଳିକା
ରୂପ ଭଳି ଭଳିକା
ନେହେରୁଙ୍କୁ ମନେ ଧ୍ୟାୟୀ
ହେବୁ ତାଙ୍କ ପରିକା।



**-ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ବ୍ୟାସଦେବପୁର ଉଚ୍ଚ ବିଦ୍ୟାଳୟ,
ବେଦବ୍ୟାସ, ରାଉରକେଲା

### ଲାଲତାରକା ଜବାହରଲାଲ୍

ଜବାହରଲାଲ୍ ଭାରତମାତାର
ବୀରପୁତ୍ର ବରପୁତ୍ର
ପରାଧୀନ କାଳେ ଇଂରେଜ କବଳୁ
ନିଜେ ସାଜିଥିଲେ ଛତ୍ର।

ଆତଙ୍କିତ ଦେଶବାସୀଙ୍କ ପାଇଁ ସେ
ଶାନ୍ତ୍ୱନାର ଉତ୍ସ ଥିଲେ ବହୁ କଷ୍ଟ ସହି
କାରାଗାରେ ରହି ସ୍ୱାଧୀନତାକୁ ଡେଜିଲେ।

ଗାନ୍ଧୀ ପଟଶିଷ୍ୟ ସ୍ୱାଧୀନ ଦେଶର
ପ୍ରଥମ ପ୍ରଧାନମନ୍ତ୍ରୀ
ଶକ୍ତିଶାଳୀ କରି ଦେଶ ଗଢ଼ିବାକୁ
ସାଜିଲେ ସେ ନୂଆମନ୍ତ୍ରୀ।

**-ଶିବପ୍ରସାଦ ରାଉତ**
ବଛଦା, ଜଗନ୍ନାଥପୁର, ବାସୁଦେବପୁର, ଭଦ୍ରକ

### ଚାଚା ନେହେରୁ

ଚାଚାନେହୁରୁ ସେ ଚାଚାନେହୁରୁ
ସଭିଙ୍କର ପ୍ରିୟ ସିଏ
ମଣିଷ ଭିତରେ ମଣିଷଟିଏ
ଭୁଲିକି ପାରିବ କିଏ।

ଦେଶ ପାଇଁ ସିଏ ସଂଗ୍ରାମ କଲେ
ଖାଇଲେ ଲାଠି ପାହାର
ମହାତ୍ମା ଗାନ୍ଧୀଙ୍କ ଅହିଂସା ବଳେ
ଦେଶକୁ କଲେ ଉଦ୍ଧାର।

ଆସ ଆମେ ସବୁ ଏକାଠି ହୋଇ
ରଖିବା ଦେଶର ମାନ
ଚାଚା, ଗାନ୍ଧୀଙ୍କ ଆଦର୍ଶେ ଚାଲିବା

### ତୁମ ଜନମ ଦିନ

ଗୋଲାପ ଫୁଲର ମୋହରେ ପଡ଼ି
ଜୀବନରେ ତାକୁ ପାରିବ ଛାଡ଼ି
ଛାତିରେ ସାଇତି ଥିଲ
ଶିଶୁଙ୍କ ଗୋଲାପି ଓଠକୁ ଦେଖି
ତାଙ୍କୁ ବି ଶରଧା କଲ।

ଦେଶର ପ୍ରଧାନ ମନ୍ତିରି ହେଲ
କାହିଁକି ଶିଶୁଙ୍କୁ ଶରଧା କଲ
ସେକଥା ତୁମକୁ ଜଣା
ଶିଶୁର ନିରୀହ ନିଷ୍କପଟ ହସ
କରିଲା କି ବାଟବଣା ?

ତୁମ ଜନ୍ମ ଦିନ ନାମିତ କଲ
ଶିଶୁଦିବସ ତା' ନାଆଁଟି ଦେଲ
ଆମେ ସବୁ ଖୁସି ହୋଇ
ଚାଚା ନେହେରୁ ହେ ତୁମ ଜନ୍ମଦିନ
ପାଳୁଅଛୁ ନାଚି ଗାଇ।




**-ଜୟକୃଷ୍ଣ ସାହୁ**
କପିଳପ୍ରସାଦ, ଭୁବନେଶ୍ୱର


## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଏଲ-ଶେପରେ ବସି ରେକର୍ଡ

ପିଲାମାନେ ତୁମେମାନେ ଥରେ ଭାବିଲ ଗୋଡ଼ ଲମ୍ୱାଇ ବସିଥିବ କିନ୍ତୁ କେବଳ ହାତର ପାପୁଲି ହିଁ ତଳେ ଲାଗିଥିବ। ହଁ ଏମିତି ଭାବରେ ଏଲ୍-ଶେପ୍‌ରେ ତୁମେ ହୁଏତ ବସି ପାରିବ ନାହିଁ। କିନ୍ତୁ ଏମିତି ବସି ଏବେ ଗିନିଜ୍ ରେକର୍ଡ କରିଛନ୍ତି ଷ୍ଟେଫାନୀ ମିସିଙ୍ଗର। ଅଷ୍ଟ୍ରିଆର ଏହି ମହିଳାଜଣକ ଏଭଳି ଏଲ-ଶେପରେ ୫ ମିନିଟ୍ ୧୫ ସେକେଣ୍ଡ ବସି ରେକର୍ଡ କରି ପାରିଛନ୍ତି। ଷ୍ଟେଫାନୀ ଜଣେ ଲୋକପ୍ରିୟ ଆଥଲେଟ୍ ଏବଂ ଏଭଳିଭାବେ ବସିବା ନିମନ୍ତେ ସେ ଢେର୍ ଦିନ ଆଗରୁ ଅଭ୍ୟାସ ବି ଚଳାଇଥିଲେ। ତେବେ ଗୋଡ଼କୁ ଲମ୍ୱାଇ ହାତରେ ଭରା ଦେଇ ସେ ଏତେ ସମୟ ବସିପାରିଥିବାରୁ ଗିନିଜ୍ ବୁକ୍‌ରେ ତାଙ୍କ ନାଁ ସ୍ଥାନ ପାଇଛି।



## ଟଗଲା ଭୀମୁ







**ଆଶୀର୍ବାଦ ମିଶ୍ର**
କ୍ଲାସ- ୬, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ, ପୁରୀ







**ବାଦଲ କୁମାର ନାୟକ**
କ୍ଲାସ- ୬, ଓଏଭି, ଦେଉଳିପାଳ, ଧର୍ମଶାଳା, ଜୟପୁର



**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ- ୨, ବିବିଆଇଟି ପବ୍ଲିକ ସ୍କୁଲ, ବୁଗି ବୁଗି, କୋଲକାତା








**ତ୍ରିନାଥ ନନ୍ଦୀ**
କ୍ଲାସ- ୧୦, ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲେଶ୍ୱର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଶନିବାର, ୧୩ ନଭେମ୍ବର, ୨୦୨୧ Balasore, Saturday, November 13/2021

# ମହିଳାରେ କନ୍ଧମାଳ, କିଟ୍‌ର ଡବଲ ବିଜୟ



ଇଷ୍ଟକୋଷ୍ଟ ରେଲୱେ ଓ ଜଗତ୍‌ସିଂହପୁର ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ରାଜ୍ୟସ୍ତରୀୟ ସିନିୟର ଭଲିବଲ

**ବୌଦ୍ଧ(ସ୍ୱ.ପ୍ର.)/ଫୁଲବାଣୀ ଅଫିସ / ବାଲିଗୁଡ଼ା / ରାଇକିଆ (ଡି.ଏନ୍.ଏ.)/ ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୨।୧୧**

ରାଜ୍ୟ ଭଲିବଲ ସଂଘ ଆନୁକୂଲ୍ୟରେ ଓ ବୌଦ୍ଧ-କନ୍ଧମାଳ ଜିଲା କ୍ରୀଡ଼ାସଂଘ ସହଯୋଗରେ ଚାଲିଥିବା ୬୯ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଖେଳ ଶୁକ୍ରବାର ଫୁଲବାଣୀ, ଟିକାବାଲି, ରାଇକିଆ, ବାଲିଗୁଡ଼ା ଓ ବୌଦ୍ଧରେ ଅନୁଷ୍ଠିତ ହୋଇଛି। ବୌଦ୍ଧରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ବଲାଙ୍ଗୀର ୨-୧ ସେଟ୍‌ରେ ସମ୍ବଲପୁର, ପାରାଦୀପ ପୋର୍ଟ ଟ୍ରଷ୍ଟ ୨-୦ରେ ଜଗତ୍‌ସିଂହପୁର, ସୁନ୍ଦରଗଡ଼ ୨-୦ରେ ମୟୂରଭଞ୍ଜ, କିଟ୍ ୨-୦ରେ କଟକ, ସମ୍ବଲପୁର ୨-୦ରେ ଭଦ୍ରକ, କନ୍ଧମାଳ ୨-୦ରେ ବଲାଙ୍ଗୀର, କଟକ ୨-୦ରେ ଖୋର୍ଦ୍ଧା, କିଟ୍ ୨-୦ରେ କେନ୍ଦ୍ରାପଡ଼ା, ଇଷ୍ଟକୋଷ୍ଟ ରେଲୱେ ୨-୦ରେ ଜଗତ୍‌ସିଂହପୁର ଏବଂ କନ୍ଧମାଳ ୨-୦ ସେଟ୍‌ରେ ସମ୍ବଲପୁରକୁ ପରାସ୍ତ କରିଛି। ଫୁଲବାଣୀରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ କିଟ୍ ୨-୦ରେ କଟକ, ସମ୍ବଲପୁର ୨-୦ରେ କନ୍ଧମାଳ, ପୁରୀ ୨-୧ରେ ଝାରସୁଗୁଡ଼ା, କେନ୍ଦୁଝର ୨-୦ରେ ମୟୂରଭଞ୍ଜ, ପାରାଦୀପ ପୋର୍ଟ ଟ୍ରଷ୍ଟ ୨-୦ରେ ସୁନ୍ଦରଗଡ଼, ବାଲେଶ୍ୱର ୨-୧ରେ ଇଷ୍ଟକୋଷ୍ଟ ରେଲୱେ, ସୁନ୍ଦରଗଡ଼ ୨-୦ରେ ସମ୍ବଲପୁର, ଓଡ଼ିଶା ପୋଲିସ ୨-୦ରେ ଭୁବନେଶ୍ୱର, ପାରାଦୀପ ପୋର୍ଟ ଟ୍ରଷ୍ଟ ୨-୦ରେ ପୁରୀ ଓ ଝାରସୁଗୁଡ଼ା ୨-୦ରେ କନ୍ଧମାଳକୁ ହରାଇ ଦେଇଛି।

ବାଲିଗୁଡ଼ାରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ କେନ୍ଦ୍ରାପଡ଼ା ୨-୦ରେ କଳାହାଣ୍ଡି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୨-୦ରେ ସମ୍ବଲପୁର, ନୂଆପଡ଼ା ୨-୧ରେ ଯାଜପୁର, ନୂଆପଡ଼ା ୨-୦ରେ ସମ୍ବଲପୁର, ବଲାଙ୍ଗୀର ୨-୧ରେ ଯାଜପୁର ଓ କେନ୍ଦ୍ରାପଡ଼ା ୨-୦ରେ ସମ୍ବଲପୁରକୁ ହରାଇ ଦେଇଛି। ରାଇକିଆରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ଭଦ୍ରକ ୨-୦ରେ ଗଞ୍ଜାମକୁ ପରାସ୍ତ କରିଛି। ବର୍ଷା ଯୋଗୁ ଟିକାବାଲିରେ ମ୍ୟାଚ ସମ୍ଭବ ହୋଇନାହିଁ। ବୌଦ୍ଧ ଷ୍ଟାଡିୟମଠାରେ ଦ୍ୱିତୀୟ ଦିବସ ଖେଳରେ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ। ଏହି ଅବସରରେ ସାଂସଦ ପ୍ରତିନିଧି ତାରେଣି କୁମାର ମହାପାତ୍ର, ଜିଲା କ୍ରିଡା ସଂସଦର ସମ୍ପାଦକ ରବିନ୍ଦ୍ର କୁମାର ରାଉତ, ଜିଲା କ୍ରିଡ଼ା ଅଧିକାରୀ ପବିତ୍ର କୁମାର ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୀତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ସୌମ୍ୟଙ୍କୁ ୬୯ତମ ଚେସ୍ ଟାଇଟଲ

**ଭୁବନେଶ୍ୱର, ୧୨।୧୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଅନ୍‌ଲାଇନ୍ ୪ର୍ଥ ବନବିହାରି ପଟ୍ଟନାୟକ ସ୍ମାରକୀ ଓପନ ଚେସ୍ ଟୁର୍ନାମେଣ୍ଟରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ପଟ୍ଟନାୟକ ଚାମ୍ପିୟନ ହୋଇଛନ୍ତି। ଓପନ ଚେସ୍‌ରେ ସୌମ୍ୟଙ୍କର ଏହା ୬୯ତମ ଟାଇଟଲ। ୮ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ଟପ୍ ସିଡ୍‌ର ମାନ୍ୟତା ପାଇଥିବା ଫିଡେ ମାଷ୍ଟର ସୌମ୍ୟ ୭.୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଓଝା(୬.୫ ପଏଣ୍ଟ), ହର୍ଷିତ ରଞ୍ଜନ ସାହୁ (୬), ସିଦ୍ଧାର୍ଥ ମିଶ୍ର, କୁଞ୍ଜ ଭବେଶ ଭାନିଶାଲି ଗୁରୁନାଥ ପ୍ରଧାନ(ସମସ୍ତେ ୫.୫), ସତ୍ୟମ ସରବଜିତ ମିଶ୍ର, ଆରିନ ଅନ୍ୱେଷ ସ୍ୱାଇଁ, ସୁରଜିତ ନାୟକ, ପ୍ରତୀକ କୁଶାଳ ରାଉତ, ଜୀତେନ୍ଦ୍ର କୁମାର(ସମସ୍ତେ ୫ ପଏଣ୍ଟ) ଓ ଆଜେଶ ଜେ.ଆର.(୪.୫) ଟପ୍-୧୨ ଫିନିଶ୍ କରିଥିଲେ। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଶ୍ରେୟାସ କୁମାର ବେହୁରିଆ, ଅଞ୍ଜନେୟା ସାହୁ, ସାରାଂଶ ମିଶ୍ର, ଅନସଲ ଏସ. ଥୋମାସ, ଉଦୟ ପରିଡ଼ା, ବିନାୟକ କୁମାର ସାମଲ, ଶୁଭ ସିଂ ସଇନି, ସଂକଳ୍ପ ପଟ୍ଟନାୟକ, ଅଦିତି ଉପାସନା ପଟ୍ଟନାୟକ ଓ ସାନ୍‌ଭି ମହାନ୍ତି ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଦାମନଯୋଡ଼ିର ୬୧ ବର୍ଷୀୟ ଲଳିତ ମୋହନ ଦିଗଲ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ଗୁଗୁଲ ମିଟ୍‌ରେ ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଶୃତିକାନ୍ତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ହରପ୍ରିୟା ମହାନ୍ତି, ଅନ୍ନଦା ଶଙ୍କର ପଟ୍ଟନାୟକ, ନିବେଦିତା ପଟ୍ଟନାୟକ, ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ସୌମ୍ୟରଞ୍ଜନ ମିଶ୍ର।

# ନ୍ୟୁଜିଲାଣ୍ଡ ଗସ୍ତ କରିବ ମହିଳା କ୍ରିକେଟ ଦଳ

**ୱେଲିଂଟନ,୧୨।୧୧**

ଆସନ୍ତାବର୍ଷ ବିଶ୍ୱକପ୍ ଆୟୋଜନ ହେବା ପୂର୍ବରୁ ଭାରତୀୟ ମହିଳା କ୍ରିକେଟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିବ। ବିଶ୍ୱକପ୍ ନ୍ୟୁଜିଲାଣ୍ଡରେ ଆୟୋଜନ ହେବ। ଏହି ମେଗା ଇଭେଣ୍ଟ ପାଇଁ ପ୍ରସ୍ତୁତି ସ୍ୱରୂପ ଭାରତୀୟ ଦଳ ସେଠାରେ ୫ ମ୍ୟାଚ୍ ବିଶିଷ୍ଟ ଦିନକିଆ ସିରିଜ ଓ ଗୋଟିଏ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିବ।

ପ୍ରଥମେ ଟି୨୦ ମ୍ୟାଚ୍ ଖେଳାଯିବ ଓ ଏହା ଫେବୃୟାରୀ ୯ ତାରିଖରେ ଅନୁଷ୍ଠିତ ହେବ। ସେହିପରି ଫେବୃୟାରୀ ୨୪ ତାରିଖରେ ଏହି ସିରିଜ ଶେଷ ହେବ। ବିଶ୍ୱକପ୍ ମାର୍ଚ୍ଚ- ଏପ୍ରିଲରେ ଆୟୋଜନ ହେବ। କୋଭିଡ୍-୧୯ କାରଣରୁ ବିଶ୍ୱକପ୍ ଗୋଟିଏ ବର୍ଷ ପାଇଁ ସ୍ଥଗିତ ରହିଥିଲା। ଗତ ୨୨ ବର୍ଷ ମଧ୍ୟରେ ନ୍ୟୁଜିଲାଣ୍ଡରେ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଛି। ଗୋଟିଏ ଟି୨୦ ମ୍ୟାଚ୍ ସମେତ ଏକ ୬ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳିବାକୁ ଭାରତ ନ୍ୟୁଜିଲାଣ୍ଡ ଆସିବ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ତରଫରୁ ଶୁକ୍ରବାର ଘୋଷଣା କରାଯାଇଛି। ଶେଷଥର ପାଇଁ ଭାରତୀୟ ମହିଳା ଦଳ ଚଳିତ ବର୍ଷ ସେପ୍ଟେମ୍ବର- ଅକ୍ଟୋବରରେ ଅଷ୍ଟ୍ରେଲିଆ ଗସ୍ତ କରିଥିଲା। ଏଥିରେ ଏକ ଦିବାରାତ୍ର ତଥା ପିଙ୍କବଲ୍ ଟେଷ୍ଟ ସାମିଲ ରହିଥିଲା। ଭାରତ ବିପକ୍ଷ ଏହି ସିରିଜ ନ୍ୟୁଜିଲାଣ୍ଡକୁ ବିଶ୍ୱକପ୍ ପାଇଁ ପ୍ରସ୍ତୁତିରେ ବେଶ୍ ସହାୟକ ହେବ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ ହ୍ୱାଇଟ୍ କହିଛନ୍ତି।

# ସାବାଲେଙ୍କାଙ୍କ ବିପର୍ଯ୍ୟୟ ଘଟାଇଲେ ବାଡୋସା



ପାଉଲା ବାଡୋସା

**ଗୁଆଡାଲାଜାରା (ମେକ୍ସିକୋ), ୧୨।୧୧ (ଏପି)**

ଡବ୍ଲ୍ୟୁଟିଏ ଫାଇନାଲ୍ସରେ ସେମାନଙ୍କ ଓପନିଂ ମ୍ୟାଚରେ ପାଉଲା ବାଡୋସା ୬-୪, ୬-୦ ସେଟ୍‌ରେ ଟପ୍ ସିଡ୍ ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ବିଶ୍ୱର ୨ ନମ୍ବର ର୍‍ୟାଙ୍କିଙ୍ଗ ଖେଳାଳି ସାବାଲେଙ୍କା ମ୍ୟାଚର ଆରମ୍ଭରେ ପ୍ରାଧାନ୍ୟ ବିସ୍ତାର କରି ଏକଦା ୪-୨ରେ ଅଗ୍ରଣୀ ଲାଭ କରିଥିଲେ। କିନ୍ତୁ ବାଡୋସା ଚମତ୍କାର ପ୍ରତ୍ୟାବର୍ତ୍ତନ ସହ କ୍ରମାଗତ ୪ଟି ଗେମ୍ ଜିତି ପ୍ରଥମ ସେଟ୍‌ରେ ବିଜୟ ଲାଭ କରିଥିଲେ। ପରେ ତିନୋଟି ବ୍ରେକ୍ ସହ ଦ୍ୱିତୀୟ ସେଟ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲେ। ସୂଚନାଯୋଗ୍ୟ, ସାବାଲେଙ୍କା ଏହି ସିଜନରେ ଆବୁଧାବି ଓ ମାଡ୍ରିଡ୍‌ରେ ଟାଇଟଲ ଜିତିଥିଲେ। କୋଭିଡ୍ ଜନିତ ଗମନାଗମନ ଓ କ୍ୱାରାଣ୍ଟାଇନ୍ କଟକଣା ଯୋଗୁ ବିଶ୍ୱର ନମ୍ବର ୱାନ ତଥା ପ୍ରତିଯୋଗିତାର ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟି ଏହି ଟୁର୍ନାମେଣ୍ଟରୁ ଓହରିଯିବାରୁ ସାବାଲେଙ୍କାଙ୍କୁ ଏଠାରେ ଟପ୍ ସିଡ୍ ମାନ୍ୟତା ମିଳିଥିଲା। ସେପ୍ଟେମ୍ବରରେ ୟୁଏସ୍ ଓପନରେ ଭାଗ ନେଇ ଦେଶକୁ ଫେରିବା ପରେ ବ୍ରିସ୍‌ବେନ୍‌ରେ ୨ ସପ୍ତାହ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିଥିଲା। ଏହି କାରଣରୁ ସେ ମେକ୍ସିକୋ ପ୍ରତିଯୋଗିତାରେ ଭାଗ ନେବାକୁ ଚାହିଁ ନ ଥିଲେ। ସ୍ପେନର ବାଡୋସା ବର୍ତ୍ତମାନ ମାରିଆ ସାକାରିଙ୍କୁ ଭେଟିବେ।

# ଟେନିସ ଫେଡେରେଶନ ଉପରେ କୋର୍ଟଙ୍କ ଅସନ୍ତୋଷ

**ନୂଆଦିଲ୍ଲୀ, ୧୨।୧୧ (ପି.ଟି.)**

ଭାରତୀୟ ଟେବୁଲ ଟେନିସ ଫେଡେରେଶନ (ଟିଟିଏଫ୍ଆଇ) କାର୍ଯ୍ୟକଳାପ ଉପରେ ଦିଲ୍ଲୀ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ତାଙ୍କୁ ଟାର୍ଗେଟ କରାଯାଇଥିବା ବିଷୟ ଦେଶର ଟପ୍ ଟେବୁଲ ଟେନିସ ଖେଳାଳି ମନିକା ବାତ୍ରାଙ୍କ ଦ୍ୱାରା ହୋଇଥିବା ଅଭିଯୋଗ ଯଦି ସତ୍ୟ ହୋଇଥାଏ ତାହା ସାଂଘାତିକ ବୋଲି କୋର୍ଟ କହିଛନ୍ତି। ଇଣ୍ଟରନ୍ୟାଶନାଲ ଇଭେଣ୍ଟଗୁଡ଼ିକ ଲାଗି ସିଲେକ୍ସନ ପାଇଁ ଜାତୀୟ କୋଚିଂ କ୍ୟାମ୍ପରେ ଅଂଶଗ୍ରହଣ ବାଧ୍ୟତାମୂଳକ ନିୟମକୁ ରଦ୍ଦ କରିବା ସକାଶେ ବାତ୍ରା ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ମାମଲାର ବିଚାର କରି ଜଷ୍ଟିସ ରେଖା ପିଲାଇ କହିଛନ୍ତି ଖେଳାଳିଙ୍କୁ ଟାର୍ଗେଟ କରାଯିବା ଉଚିତ ନୁହେଁ। ଜାତୀୟ କ୍ରୀଡ଼ା ସଂଘ ବିରୋଧରେ ବାତ୍ରା ଯେଉଁ ଅଭିଯୋଗ ଆଣିଛନ୍ତି ସେ ବିଷୟରେ ଅନ୍ତର୍ଜାତୀୟ ଟେବୁଲ ଟେନିସ ମହାସଂଘ ସହ ଯୋଗାଯୋଗ କରିବା ପାଇଁ ମଧ୍ୟ କୋର୍ଟ ଟିଟିଏଫ୍ଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

ଆଞ୍ଚଳିକ ଖବର

# ଦେବନୀତିରେ ସରିଲା ରାଧାପାଦ ଦର୍ଶନ



ସାକ୍ଷୀଗୋପାଳ ମନ୍ଦିର ପରିସରରେ ୧୪୪ ଧାରା ଲାଗିଥିବାରୁ ଏସ୍‌ପି କେ.ବିଶାଲ ସିଂ ଓ ଅନ୍ୟ ଅଧିକାରୀ ତଦାରଖ କରୁଛନ୍ତି।

**ସାକ୍ଷୀଗୋପାଳ,୧୨।୧୧(ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ସାକ୍ଷୀଗୋପାଳ ମନ୍ଦିରରେ ଅଁଳାନବମୀ ତିଥିରେ ଶୁକ୍ରବାର ରାଧାପାଦ ଦର୍ଶନ ଦେବନୀତି ମଧ୍ୟରେ ଶେଷ ହୋଇଛି। କୋଭିଡ୍ କଟକଣା ଅନୁଯାୟୀ ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ଶ୍ରଦ୍ଧାଳୁଙ୍କୁ ମନ୍ଦିର ପ୍ରବେଶ ବନ୍ଦ କରାଯାଇ ପ୍ରଶାସନ ପକ୍ଷରୁ ମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି କରାଯାଇଥିଲା। ଫଳରେ ରାଧାପାଦ ଦର୍ଶନ ନ ପାଇ ମନ୍ଦିର ସମ୍ମୁଖ ବ୍ୟାରିକେଡ ନିକଟରୁ ଭକ୍ତମାନେ ନିରାଶରେ ଫେରିଯାଇଥିବା ଦେଖିବାକୁ ମିଳିଛି।

ଭୋର ୪ଟାରୁ ମନ୍ଦିର ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ, ସାକ୍ଷୀଗୋପାଳଙ୍କ ନଟବର ବେଶ, ରାଧାରାଣୀଙ୍କର ଓଡ଼ିଆଣୀ ବେଶ ଅନୁଷ୍ଠିତ ହୋଇଥିଲା। ବର୍ଷକୁ ଗୋଟିଏ ଦିନ ଓଡ଼ିଆଣୀ ବେଶରେ ରାଧାରାଣୀ ପାଟଶାଢ଼ି କାଣିଆକଛା ମାରି ପରିଧାନ କରିଥିଲେ।

**■ ଦର୍ଶନ ନ ପାଇ ଭକ୍ତ ନିରାଶ**

**■ ଠାକୁରଙ୍କ ଫଟୋ ଭାଇରାଲ**

ପୁରାତନ ସୁବର୍ଣ୍ଣ ଗହଣା, ଫୁଲମାଳ, ଅଳାଁଫଳ ଓ ପତ୍ରମାଳ, ସିନ୍ଦୂର, ଚନ୍ଦନ, କଜ୍ୱଳ ଲାଗି ହୋଇ ଜୀବନ୍ତ ପ୍ରତୀୟମାନ ହୋଇଥିଲେ। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳଧୂପ, ବାଲଧୂପ ଓ ଆଳତି ପୂର୍ବାହ୍ନରେ ସମାପନ କରାଯାଇଥିଲା। ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବା ପାଇଁ ପୁରୀ ଏସ୍‌ପି କନୱର ବିଶାଲ ସିଂ, ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ପ୍ରମୁଖ ସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏସ୍‌ଡିପିଓ ଦେବଦତ୍ତ ବରାଳ, ତହସିଲଦାର ଜୟନ୍ତ କୁମାର ଜୟସିଂ, ଅତିରିକ୍ତ ତହସିଲଦାର ମୌସୁମୀ ମିଶ୍ର, ସାକ୍ଷୀଗୋପାଳ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ବସନ୍ତ ପ୍ରଧାନ, ସେବାୟତ ସଂଘ କର୍ମକର୍ତ୍ତା ଉପସ୍ଥିତ ରହି ଶୃଙ୍ଖଳିତ ପରିଚାଳନା କରିଥିଲେ। ସେହିପରି ମନ୍ଦିର ରଙ୍ଗ, ସଫେଇ, ଫୁଲସଜ୍ଜା, ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ଠାକୁରଙ୍କ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସରିଥିବାବେଳେ ଇତିମଧ୍ୟରେ ସାକ୍ଷୀଗୋପାଳ ମନ୍ଦିର ଭିତରର ଠାକୁରଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ଏହି ଘଟଣାକୁ ସେବାୟତ ଓ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ଖବରଦାତାମାନେ ତଦାରଖ ପାଇଁ ଆସିଥିବା ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଖବରଦାତାଙ୍କଠାରୁ ଅଭିଯୋଗ ପାଇଛି। ଫଟୋ ଭାଇରାଲ କଥାକୁ ସେବାୟତ ସଂଘ ପକ୍ଷରୁ ବାରଣ କରିଛନ୍ତି। ଖୁବଶୀଘ୍ର ଏହାର ତଦନ୍ତ କରାଯାଇ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଭାଇ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

**ବାରିପଦା ଅଫିସ, ୧୨।୧୧**

ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଦୌରା ଜଜ୍(୧)କୋର୍ଟରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଚୌଧୁରୀ ପ୍ରବୀର କୁମାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୪ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ଖୁଣ୍ଟା ଥାନା ଅଧୀନ ଆରପଟା ପଞ୍ଚାୟତ ଧାଉଡିଆ ଗ୍ରାମର ହରିଶଚନ୍ଦ୍ର ରାଉତ। ପାରିବାରିକ ଗଣ୍ଡଗୋଳକୁ ନେଇ ୨୦୧୩ ଡିସେମ୍ବର ୯ରେ ହରିଶଚନ୍ଦ୍ର ତାଙ୍କ ବଡ଼ଭାଇ ଲକ୍ଷ୍ମୀଧରଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ବାପା ଗଣନାଥ ରାଉତଙ୍କ ଅଭିଯୋଗ କ୍ରମେ ଖୁଣ୍ଟା ଥାନା ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାଶ ମାମଲା ପରିଚାଳନା କରୁଥିଲେ।

# ସୀତାବଲ୍ଲଭ ମହାପାତ୍ରଙ୍କୁ 'ଶହୀଦ ଜୟୀ ରାଜଗୁରୁ ସମ୍ମାନ'

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

ପାଇକ ବିଦ୍ରୋହର ନେତୃତ୍ୱ ନେଇ ଜୀବନ ଦେଇଥିଲେ ଜୟୀ ରାଜଗୁରୁ। ତାଙ୍କର ବଳିଦାନ ଓଡ଼ିଶାବାସୀଙ୍କୁ ବୀରତ୍ୱର ଗାଥା ପ୍ରଦାନ କରିଆସିଛି ବୋଲି ବକ୍ତାମାନେ କହିଛନ୍ତି। ଜୟକୃଷ୍ଣ ରାଜଗୁରୁ (ଜୟୀ ରାଜଗୁରୁ)ଙ୍କ ୨୮୨ତମ ଜୟନ୍ତୀ ଉତ୍ସବ ଶୁକ୍ରବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏ.ଜି. ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତାମାନେ ଯୋଗଦେଇ ଜୟୀ ରାଜଗୁରୁଙ୍କ ସ୍ମୃତି ଚାରଣ କରିଥିଲେ। ସୀତାବଲ୍ଲଭ ମହାପାତ୍ରଙ୍କୁ ଶହୀଦ ଜୟୀ ରାଜଗୁରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ସୀତାବଲ୍ଲଭ ମହାପାତ୍ର, ବି. ମୁରଲୀଧର, ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ